ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK   पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.24 . No.243 Bhubaneswar Tuesday, November 16, 2021 | ୨୪ତମ ବର୍ଷ | ସଂଖ୍ୟା–୨୪୩ | ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୬, ୨୦୨୧ | (୮ ପୃଷ୍ଠା) | ମୂଲ୍ୟ–୧.୫୦ | ₹1.50 | (Air Surcharge - 0.50P) | Member-INS


## ପଞ୍ଚାୟତ ନିର୍ବାଚନ: ପ୍ରାର୍ଥୀଙ୍କ ଖର୍ଚ୍ଚ ୩ଗୁଣରୁ ଅଧିକ ବଢ଼ିଲା, ୨ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ ସରପଞ୍ଚ



ଭୁବନେଶ୍ୱର : ରାଜ୍ୟରେ ଆସନ୍ତା ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ପଂଚାୟତ ନିର୍ବାଚନ ହେବାର ସମ୍ଭାବନା ଥିବାବେଳେ ରାଜ୍ୟ ନିର୍ବାଚନ କମିଶନର ଆଜି ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ନିର୍ଦ୍ଧାରଣ କରିଛନ୍ତି । ଜିଲ୍ଲା ପରିଷଦ, ସମିତି ସଭ୍ୟ ଓ ସରପଂଚ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ସୀମାକୁ ୩ଗୁଣରୁ ଅଧିକ ବୃଦ୍ଧି କରିବା ସହ ସେମାନଙ୍କ ଦ୍ୱାରା ନିର୍ବାଚନୀ ପ୍ରଚାରରେ ବ୍ୟବୃହତ ହେବାକୁ ଥିବା ଗାଡିର ସଂଖ୍ୟାକୁ ମଧ୍ୟ ନିର୍ବାଚନ କମିଶନ ବଢ଼ାଇଛନ୍ତି । ସମିତି ସଭ୍ୟ ଓ ସରପଂଚ ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ୮୦ହଜାର ଟଙ୍କା ଥିବାବେଳେ ଏବେ ତାହା ୨ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି ।ରାଜ୍ୟ ନିର୍ବାଚନ କମିଶନ ଆଜି ଏକ ନିର୍ଦ୍ଦେଶନାମା ଜାରି କରି ଆଗାମୀ ପଂଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା ଜିଲ୍ଲା ପରିଷଦ ସଭ୍ୟ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚକୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି । ସେହିପରି ପଂଚାୟତ ସମିତି ସଭ୍ୟ ଓ ସରପଂଚ ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ସୀମାକୁ ୨ଲକ୍ଷ ଟଙ୍କାକୁ ବଢ଼ାଇଛନ୍ତି । ୨୦୧୭ ପଂଚାୟତ ନିର୍ବାଚନ ସମୟରେ ଜିଲ୍ଲା ପରିଷଦ ସଭ୍ୟ ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚସୀମାକୁ ଦେଢ଼ଲକ୍ଷ ଟଙ୍କାରୁ ୨ଲକ୍ଷ ଟଙ୍କା କରାଯାଇଥିଲା । ଯାହାକୁ ଆଗାମୀ ନିର୍ବାଚନ ନିମନ୍ତେ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ସମିତି ସଭ୍ୟ ଓ ସରପଂଚ ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚକୁ ୬୦ହଜାର ଟଙ୍କାରୁ ୮୦ହଜାର ଟଙ୍କାକୁ ସେତେବେଳେ ବୃଦ୍ଧି କରିଥିଲା । ଯାହାକୁ ଆଜି ୨ଲକ୍ଷ ଟଙ୍କାକୁ ବ ?ାଇ ଦେଇଛନ୍ତି ।ସେହିପରି ଅନ୍ୟ ଏକ ନିର୍ଦ୍ଦେଶନାମାରେ ଜିଲ୍ଲା ପରିଷଦ ସଭ୍ୟ ପାଇଁ ପ୍ରତିଯୋଗିତା କରୁଥିବା ପ୍ରାର୍ଥୀ ସର୍ବାଧିକ ୫ଟି କାର ବା ଜିପ୍ ଓ ୧୦ଟି ମୋଟର ସାଇକେଲ, ସମିତି ସଭ୍ୟ ଓ ସରପଂଚ ପାଇଁ ଲ ?ୁଥିବା ପ୍ରାର୍ଥୀ ୨ଟି କାର ବା ଜିପ୍ ଓ ୫ଟି ମୋଟର ସାଇକେଲକୁ ନିଜର ନିର୍ବାଚନୀ ପ୍ରଚାର ପାଇଁ ଉପଯୋଗ କରିପାରିବେ । ଗାଡି ଓ ମୋଟର ସାଇକେଲ ଧାର୍ଯ୍ୟ ସୀମା ମଧ୍ୟରେ ଅଟୋ ରିକ୍ସା ମଧ୍ୟ ବ୍ୟବହାର କରାଯାଇପାରିବ । ଏହି ସବୁ ଗାଡି ବ୍ୟବହାର ଦିନଠାରୁ ଜିଲ୍ଲା ପରିଷଦ ପ୍ରାର୍ଥୀ ଗାଡିର ପ୍ରକାର, ପଞ୍ଜିକରଣ ନମ୍ବର, ଗାଡି ମାଲିକଙ୍କ ନାମକୁ ଉପଜିଲ୍ଲାପାଳଙ୍କୁ ଜଣାଇବେ । ଅନୁରୂପ ଭାବେ ସମିତି ସଭ୍ୟ ଓ ସରପଂଚ ମଧ୍ୟ ସେମାନଙ୍କ ପ୍ରଚାରରେ ଉପଯୋଗ ହେବାକୁ ଥିବା ଗାଡିର ବିବରଣୀ ବିଡିଓଙ୍କୁ ଜଣାଇବେ । ଏହି ତଥ୍ୟର ୩ଟି ନକଲ ଦାଖଲ କରାଯିବ । ସେଥିରୁ ଗୋଟିଏ ନକଲ ଉପଜିଲ୍ଲାପାଳ/ ବିଡିଓ, ଦ୍ୱିତୀୟଟି ଆରଟିଓ କାର୍ଯ୍ୟାଳୟ ଓ ଅନ୍ୟଟି ନିଜ ପାଖରେ ପ୍ରାର୍ଥୀ ରଖିବେ । ତୃତୀୟ ନକଲଟିରେ ଉପଜିଲ୍ଲାପାଳ କିମ୍ବା ବିଡିଓ ନିଜର ଅଫିସ୍ ମୋହର ଲଗାଇ ପ୍ରାର୍ଥୀଙ୍କୁ ଫେରାଇବେ ।କୌଣସି ସମୟରେ ନିର୍ବାଚନ ଅଧିକାରୀ ଅବା ତାଙ୍କ ଦ୍ୱାରା କ୍ଷମତାସମ୍ପନ୍ନ ଅଧିକାରୀ ଚାହିଁଲେ ଏହି ତଥ୍ୟକୁ ତଦାରଖ କରିପାରିବେ । ଏହି ମୋଟର ଯାନ ସଂକ୍ରାନ୍ତ ସମସ୍ତ ଖର୍ଚ୍ଚ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ମଧ୍ୟରେ ସୀମିତ ରହିବ । ପ୍ରଚାର କାର୍ଯ୍ୟରେ ବ୍ୟବହୃତ ମୋଟର ଯାନକୁ ପ୍ରାର୍ଥୀ ଭୋଟ ଆରମ୍ଭ ହେବାର ୩୬ଘଣ୍ଟା ପୂର୍ବରୁ ମୁକ୍ତ କରାଯାଇ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇବେ । ଯଦି ଏହି ନିର୍ଦ୍ଦେଶନାମାକୁ କେହି ଅବମାନନା କରନ୍ତି ତା'ହେଲେ ତାକୁ ନିର୍ବାଚନ ଆଚରଣ ବିଧିର ଉଲ୍ଲଘଂନ ଭାବେ ବିବେଚନା କରାଯିବ ବୋଲି କମିଶନ କହିଛନ୍ତି ।

## ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିଲା

ଭୁବନେଶ୍ୱର, ୧୫।୧୧(ପି.ଏନ): ସୋମବାର ଦିନ ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିଛି । ଦୀର୍ଘ ଦେଢ ବର୍ଷ ପରେ ଛାତ୍ରଛାତ୍ରୀ ବିଦ୍ୟାଳୟ ମାଟି ମାଡ଼ିଥିବାରୁ ସେମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । କୋଭିଡ କଟକଣାକୁ ମାନି ପୂର୍ବ ଗାଇଡ଼ଲାଇନ ଅନୁସାରେ ଆଜି ଶିକ୍ଷାଦାନ ଆରମ୍ଭ ହୋଇଛି । ସକାଳ ୯ଟା ୩୦ରୁ ଦିନ ୧ଟା ପର୍ଯ୍ୟନ୍ତ ପାଠପଢା ଚାଲିବାକୁ ଥିବାବେଳେ ପୂର୍ବରୁ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢା ଜାରି ରହିଛି ।ଉଲ୍ଲେଖନୀୟ ଯେ ରାଜ୍ୟ ସରକାର ତଥା ଗଣଶିକ୍ଷା ବିଭାଗ ରାଜ୍ୟରେ ପର୍ଯ୍ୟାୟକ୍ରମେ ଶ୍ରେଣୀଗୃହ ପାଠପଢା ଆରମ୍ଭ କରିବାକୁ ଯୋଜନା କରିଛନ୍ତି । ଏହି କ୍ରମରେ ଆଜି ସୋମବାର ଠାରୁ ଷଷ୍ଠ ଓ ସପ୍ତମ ଶ୍ରେଣୀର ଅଫଲାଇନ ପାଠପଢା ଆରମ୍ଭ ହୋଇଛି । ତେବେ ଷଷ୍ଠ ଓ ସପ୍ତମ ଶ୍ରେଣୀ ଲାଗି ଉଭୟ ଅନଲାଇନ୍ ଏବଂ ଅଫଲାଇନ୍ କ୍ଲାସ୍ ଜାରି ରହିବ ।ସେହିପରି ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା ଓ ହାତକୁ ସାନିଟାଇଜ କରିବା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଯେଉଁ ସ୍ଥାନରେ କରୋନା ସଂକ୍ରମଣ ଅଧିକ ରହିଥିବା ସେଠାରେ ବିଦ୍ୟାଳୟ ଖୋଲିବା ନିମନ୍ତେ ଚୂଡ଼ାନ୍ତ ନିଷ୍ପତ୍ତି ଜିଲ୍ଲାପାଳମାନେ ନେଇପାରିବେ ।

## ବିଦେଶରେ ବଢ଼ୁଛି ସଂକ୍ରମଣ , କରୋନା ପ୍ରତି ଡର ରହିବା ଆବଶ୍ୟକ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୫।୧୧(ପି.ଏନ): ଅନେକ ଦେଶରେ କମ୍ ଟିକାକରଣ ଏବଂ ଲୋକଙ୍କ ଭିଡ଼ ପାଇଁ ସଂକ୍ରମଣ ବଢୁଛି । ରାଜ୍ୟରେ କରୋନା ସଂକ୍ରମଣ କମ ରହିଥିଲେ ମଧ୍ୟ ବିଦେଶରେ ସଂକ୍ରମଣ ପୁଣି ବଢ଼ିବା ଆରମ୍ଭ କଲାଣି । କରୋନା ଆରମ୍ଭ ବେଳେ ଚୀନ ଓ ୟୁରୋପ ଦେଶଗୁଡ଼ିକରେ ସଂକ୍ରମଣ ବ୍ୟାପିବା ପରେ ଭୂତାଣୁ ଭାରତ ଆସିଥିଲା । ଏଣୁ ପୁଣି ସ୍ଥିତି ବିଗିଡ଼ିବା ପୂର୍ବରୁ ସମସ୍ତେ ସଚେତନ ହେବା ସହ ସମାଜରେ କରୋନା ପ୍ରତି ଡର ରହିବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର କହିଛନ୍ତି ।ସେ କହିଛନ୍ତି ଯେ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟରେ ସର୍ଭେଲାନ୍ସ କଡ଼ାକଡ଼ି ସହ ଟିକାକରଣକୁ ଗୁରୁତ୍ୱ ଦିଆଯାଉଛି । କରୋନା ନିୟମ କଡ଼ାକଡ଼ି ପାଳନ କରିବାକୁ ମଧ୍ୟ ଲୋକଙ୍କୁ ସରକାର ସଚେତନ କରୁଛନ୍ତି । ସମସ୍ତେ କରୋନା ଟିକାର ଦୁଇଟି ଡୋଜ ନିଅନ୍ତୁ । ଯଦି କୌଣସି କାରଣରୁ କିଛି ଲକ୍ଷଣ ଦେଖାଯାଏ ତେବେ ଟେଷ୍ଟ କରନ୍ତୁ । ଏହାଦ୍ୱାରା ନିଜେ ସୁରକ୍ଷିତ ରହିବା ସହ ଚାରି ପାଖରେ ଥିବା ଲୋକଙ୍କୁ ସୁରକ୍ଷିତ ରଖିପାରିବା ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି ।

## ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବିଧାନସଭା ଆସିବାକୁ ଅନୁମତି ଦିଆ ନ ଯାଉ :କଂଗ୍ରେସ

ଭୁବନେଶ୍ୱର, ୧୫।୧୧(ପି.ଏନ): କଂଗ୍ରେସର ବରିଷ୍ଠ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି ଯେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ନାମରେ ହତ୍ୟା ଭଳି ସଙ୍ଗିନ ଅଭିଯୋଗ ରହିଥିବାରୁ ବିଧାନସଭା ଭିତରକୁ ଆସିବାକୁ ଦିଆ ନ ଯାଉ । ଏ ନେଇ ଶ୍ରୀ ସାଲୁଜା ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଯେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିଧାନସଭା ଆସିଲେ ପବିତ୍ର ଗୃହ ଅପବିତ୍ର ହେବ । ଯଦି ବାଚସ୍ପତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବିଧାନସଭା ଆସିବାକୁ ଅନୁମତି ଦିଅନ୍ତି ତେବେ ବିରୋଧ କରାଯିବ । ସେ ସମୟରେ କଣ ହେବ ସରକାର ଏବଂ ସମଗ୍ର ଓଡ଼ିଶା ଦେଖିବ ।ରଣନୀତି କିପରି କରାଯିବ ତାହା ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ହେବ ବୋଲି ସେ ସୂଚନା ଦେଇଛନ୍ତି ।


## ଶୁଭେଚ୍ଛା ଓ ଅଭିନନ୍ଦନ

### ଜାତୀୟ ପ୍ରେସ୍ ଦିବସ
### National Press Day



"Freedom of the press is not just important to democracy, it is democracy."

ସୌଜନ୍ୟ : ନ୍ୟାସନାଲ ମିଡ଼ିଆ କନଫେଡେରେସନ, ନୂଆଦିଲ୍ଲୀ
Courtesy : National Media Confederation (NMC), New Delhi
ଅର୍ଗାନାଇଜେସନ ଅଫ୍ ୟୁନାଇଟେଡ଼ ୱାର୍କିଂ ଜର୍ଣ୍ଣାଲିଷ୍ଟ,ଭୁବନେଶ୍ୱର
Organisation of United Working Journalist(OUWJ), Bhubaneswar
ଇଣ୍ଡିଆନ ଫେଡ଼େରେସନ ଅଫ ସ୍ମଲ ଆଣ୍ଡ ମିଡ଼ିୟମ ନିଉଜ ପେପର, ନୂଆଦିଲ୍ଲୀ
Indian Federation of Small and Medium News Paper(IFSMN), New Delhi



## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

## APPOINTMENT

THE KALINGA CHRONICLE
Popular people's Daily of Odisha
ପର୍ଯ୍ୟବେକ୍ଷକ
PARYABEKHYAK
Visit at:- www.pabitramohansamantaray.in

**Paryabekhyak** and **The Kalinga Chronicle** Group need

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ୍ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ିର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଗଣମାଧ୍ୟମ ସ୍ୱାଧୀନତା



**ଗ**ଣତାନ୍ତ୍ରିକ ଶାସନରେ ବିଶେଷକରି ଭାରତପରି ଗଣତାନ୍ତ୍ରିକ ରାଷ୍ଟ୍ରରେ ଶାସନ ବିକେନ୍ଦ୍ରୀକରଣରେ ତିନୋଟି ବିଭାଗ ଅଛି; ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା। ପ୍ରଥମଟିର କାମ ହେଲା ଶାସନ ପାଇଁ ଆଇନ ପ୍ରଣୟନ ଏବଂ ସଂଶୋଧନ ଇତ୍ୟାଦି। ଦ୍ୱିତୟଟି ହେଲା ଏହାକୁ କାର୍ଯ୍ୟକାରୀ କରିବା। ପ୍ରଥମଟି ସଂସଦର ଏବଂ ୨ୟଟି ମନ୍ତ୍ରୀମଣ୍ଡଳର। ଏ ଦୁହେଁ ସମ୍ପର୍କିତ ବା ନିର୍ଭରଶୀଳ। ମାତ୍ର ନ୍ୟାୟ ପାଳିକା ଏ ଦୁଇଟିଯାକ ପ୍ରଭାବରୁ ମୁକ୍ତ। ଏହା ଏକ ସ୍ୱାଧୀନ ଏବଂ ନିରପେକ୍ଷ ଅନୁଷ୍ଠାନ। ଏତିନି ବିଭାଗକୁ ସଂବିଧାନର ତିନୋଟି ସ୍ତମ୍ଭ ବୋଲି କୁହାଯାଏ। ପ୍ରଥମ ଦୁଇଟିର ନିୟନ୍ତ୍ରକ ହେଉଛି ନ୍ୟାୟପାଳିକା। ସେମାନଙ୍କର ଭୁଲ ଭଟକା ବିଚାର କରି ରାୟଦେବା ତାହାର କାମ। ଏହା ରାଜନୈତିକ ପ୍ରଭାବମୁକ୍ତ। କିନ୍ତୁ ଅଧୁନା ଏହା ମଧ୍ୟ ଦୁର୍ନୀତିମୁକ୍ତ ନୁହେଁ।

ଏ ସମସ୍ତଙ୍କୁ ନିୟନ୍ତ୍ରିତ କରି ଦେଶର ସୁପରିଚାଳନା ଦାୟିତ୍ୱ ତୁଲାଇବାରେ ଆଉ ଏକ ମାଧ୍ୟମ ଅଛି। ତାହାହିଁ ଗଣ ମାଧ୍ୟମ : ଲୋକଙ୍କ ମାଧ୍ୟମ। ଗଣ ମାଧ୍ୟମର କାମ ହେଲା ସଂବାଦ ସଂଗ୍ରହ କରିବା ଏବଂ ତାକୁ ବିତରଣ ବା ପରିବେଷଣ କରେ ଯାହାଫଳରେ କି ଗଣମାନେ ଏହାକୁ ଜାଣିପାରିବେ ଏବଂ ତଦନୁଯାୟୀ ସେମାନଙ୍କର କ୍ରିୟା ବା ପ୍ରତିକ୍ରିୟା ପ୍ରକାଶ କରିବେ। ଭିନ୍ନ ଭାଷାରେ କହିଲେ : ପ୍ରେସ ବା ଗଣମାଧ୍ୟମ ଏଭଳି ଏକ ବ୍ୟବସ୍ଥା ଯାହା ରାଷ୍ଟ୍ର, ସମାଜ ଓ ବ୍ୟକ୍ତିକୁ ସମ୍ପର୍କିତ ଓ ସମୃଦ୍ଧିତ କରିବ ଏବଂ ଏପରି ଭାବେ ସାମାଜିକ ଓ ରାଷ୍ଟ୍ରୀୟ ବ୍ୟବସ୍ଥା କଥା ବ୍ୟକ୍ତିଗତ ଜୀବନର ବିକାଶ ଓ କଲ୍ୟାଣ ନିମନ୍ତେ ସହାୟକ ହୋଇଥାଏ। ଏହା ବ୍ୟକ୍ତି ବା ସମାଜର ଚିତ୍ର, ଆଶା, ଆକାଂକ୍ଷା ଇତ୍ୟାଦି ସମୁହକୁ ଶାସନକଳ ପାଖରେ ପହଞ୍ଚାଏ ଏବଂ ଅନ୍ୟ ପକ୍ଷରେ ସେମାନଙ୍କର ଦୁର୍ନୀତି ଓ ସୁନୀତିକୁ ଲୋକ ଲୋଚନକୁ ଆଣି ଏକ ସୁନିୟନ୍ତ୍ରିତ ଏବଂ ସୁଚାଳିତ ଶାସନ ଓ ସମାଜ ଗଠନରେ ସହାୟକ ହୋଇଥାଏ। ଗଣମାଧ୍ୟମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କେବଳ ସତ୍ୟକୁ ଆବିଷ୍କାର କରିବା ଏବଂ ଉକ୍ତ ସତ୍ୟ ଭିନ୍ନ ଅନ୍ୟ କିଛି ପରିବେଷଣ ନକରିବା ତଥା ଏହି ସତ୍ୟ ମାଧ୍ୟମରେ 'ସାଧୁ ସାବଧାନ' ବାଣୀ ଶୁଣାଇବା। ସମାଜକୁ ସଜାଡ଼ିବା ତଥା ସମାଜ ଓ ବ୍ୟକ୍ତି ଚରିତ୍ର ସଂଶୋଧନ ଓ ଗଠନ କରିବା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହା ଏକ ପୁରାତନ ବ୍ୟବସ୍ଥା ଯାହାର ପ୍ରବର୍ତ୍ତା ଥିଲେ ଦେବର୍ଷି ନାରଦ ଯିଏକି ଅପ୍ରିୟ ସତ୍ୟ ପରିବେଷଣ କରୁଥିଲେ ତିନିଲୋକ : ସ୍ୱର୍ଗ,ମର୍ତ୍ତ୍ୟ ଓ ପାତାଳପୁରୀରେ। ସତ୍ୟ ପରିବେଷଣ କରିବାରେ ସେଥିଲେ ନିର୍ଭୀକ ଓ ନିରପେକ୍ଷ। ସେହିପରି ସତ୍ୟ ସଂଗ୍ରହରେ ଥିଲେ ଦୁଃସାହସିକ। ସେ ଯୁଗରେ ସେ ଜଣେ, ଯିଏକି ଗଣକୁ ନିୟନ୍ତ୍ରଣ କରୁଥିଲେ ଅଥଚ ଆଜି 'ଗଣ' 'ଗଣ'କୁ ବା 'ଜଣ'କୁ ନିୟନ୍ତ୍ରଣ କରୁଛି।

ଏବେ ଯୁଗର ପରିବର୍ତ୍ତନ ତଥା ବିଜ୍ଞାନର ପ୍ରଭାବକ୍ରମେ ଗଣମ୍ମମର ରୂପ ଅନେକ ପ୍ରକାର: ପ୍ରିଣ୍ଟିମିଡ଼ିଆ ଅର୍ଥାତ୍ ସମ୍ବାଦପତ୍ର, ପତ୍ରପତ୍ରିକା, ଇଲୋକଟ୍ରୋନିକ୍ ମିଡ଼ିଆ ଅର୍ଥାତ୍ ଆକାଶବାଣୀ ଦୂରଦର୍ଶନ, ଇଣ୍ଟରନେଟ୍, ଓ୍ୱେବସାଇଟ୍ ଏବଂ ମାସ୍‌ମିଡ଼ିଆ ଯେମିତି ଯାତ୍ରା, ସିନେମା, ଦାସକାଠିଆ, ପ୍ରାଚୀର ପତ୍ର, ସଭା, ସମିତି... ଇତ୍ୟାଦି ଇତ୍ୟାଦି।। ଏବେ ଗଣମାଧ୍ୟମର ବିଶ୍ୱସନୀୟତା ଏବଂ ସ୍ୱାଧୀନତା ନେଇ ପ୍ରଶ୍ନ ଉଠିଲାଣି ? ଏ ମାଧ୍ୟମଗୁଡ଼ିକ ଅନ୍ୟର ଯେମିତି ନିୟନ୍ତ୍ରକ, ଏମାନଙ୍କର କେହି ନିୟନ୍ତ୍ରକ ନାହାଁନ୍ତି ତ ? ଗଣମାଧ୍ୟମର ସାଂବାଦିକମାନେ ତଥା ସେମାନଙ୍କର ସଂସ୍ଥା, ନିର୍ଭୀକ, ନିରପେକ୍ଷ ଓ ନିର୍ଲୋଭ ତଥା ନିର୍ଲିପ୍ତ , ନିର୍ବିକାର ଅଟନ୍ତିତ ? ସେମାନଙ୍କର ନିଜସ୍ୱ ସ୍ୱାଧୀନତା ଅଛି ନା' କାହାଦ୍ୱାରା ପରିଚାଳିତ ? ସେମାନେ ସବୁରୁ ମୁକ୍ତ, ନା କ୍ରିତ ? ସେମାନେ କାହା ପ୍ରତି ଭୟକାରକ ଅଥବା କାହା ପ୍ରତି ଭୟଭୀତ ? ଏମିତି ଅନେକ ପ୍ରଶ୍ନ। ସଂକ୍ଷେପରେ କୌଣସି କାରଣରୁ ନିଜ କର୍ତ୍ତବ୍ୟପ୍ରତି ପରାଧୀନ ନା ସ୍ୱାଧୀନ !

ଏ ସଂପର୍କରେ ଏତିକି କୁହାଯାଇପାରେ ଯେ ଏକ ଅଧିକାଂଶ ଗଣମାଧ୍ୟମ କେତେକ ଶାସନର ରାଜଦଣ୍ଡ ଧାରୀଙ୍କ ଦ୍ୱାରା ପରିଚାଳିତ, ଯାହାକୁ ସେମାନେ ନିଜର ସ୍ୱାର୍ଥ ହାସଲପାଇଁ ହାତ ବାରିସି କରିଥାଆନ୍ତି। ଅନେକ କିଛିଟା ଅସତ୍ୟ ପାଇଁ ଚାପଗ୍ରସ୍ତ, କେହି ପ୍ରଲୋଭନର ବଶୀଭୂତ, କେହି ସତ୍ୟପାଇଁ ପ୍ରାଣବଳି ଦେବାକୁ ପଡ଼େ ବୋଲି ଅତ୍ୟନ୍ତ ଭୟଭୀତ। ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ଦେଖାଯାଇଛି ଯେ ଯେଉଁ ସାଂବାଦିକମାନେ ସ୍ୱାଧୀନଚେତା ଏବଂ କୌଣସି ଚାପର ବଶବର୍ତ୍ତୀ ହୋଇନାହାଁନ୍ତି ଏବଂ କାହାର କାର୍ଯ୍ୟ ହାସଲରେ ଅନ୍ତରାୟ ହୋଇଛନ୍ତି, ସେମାନଙ୍କୁ ସେମାନେ ଗୁଳି ବା ହତ୍ୟାକରି ମାରିଛନ୍ତି ଅଥବା ଅପହରଣ କରି ଚିରଦିନ ନିଖୋଜ ରଖିଛନ୍ତି। ଏଣୁ ସତ୍ୟଟି ଦିଶୁଥିଲେ ମଧ୍ୟ ତାକୁ ଗଣଙ୍କୁ ଦେଖାଇବାର କେହି ସାହସ କରୁନାହାଁନ୍ତି କାରଣ ସେମାନଙ୍କର ସଂସାର ଅଛି।




କେତେଜଣ ସ୍ୱାଧୀନଚେତା ସାଂବାଦିକ ବା ଗଣମାଧ୍ୟମ ଅଛନ୍ତି ଯିଏକି ସତ୍ୟପାଇଁ ଗାନ୍ଧିପରି ଗୁଳି ଖାଇବା, ଅଥବା ନିର୍ଯ୍ୟାତିତ କି କାହାପରି ଅତ୍ୟାଚାରିତ ହେବାକୁ ଚାହାନ୍ତି ? ଏବେ ଆନ୍ତର୍ଜାତିକ ସ୍ତରରେ ପ୍ରତିବର୍ଷ ମେ' ୩ ତାରିଖ ବିଶ୍ୱ ଗଣମାଧ୍ୟମ ଦିବସରେ ସ୍ୱାଧୀନଚେତା ସାଂବାଦିକ ଯିଏକି ତାଙ୍କ ବୃତ୍ତିପାଇଁ ନିର୍ଯାତିତ, ଅତ୍ୟାଚାରିତ ଓ ଯନ୍ତ୍ରଣାଗ୍ରସ୍ତ ଏମିତି ଜଣକୁ ପୁରସ୍କାର ଦିଆଯାଉଛି। ଏହା ଏକ ଏ ବୃତ୍ତି ପାଇଁ ପ୍ରୋତ୍ସାହନ। ତଥାପି କହିବା ଗଣମାଧ୍ୟମର ସ୍ୱାଧୀନତା ଅଙ୍କୁଶ ମୁକ୍ତ ନୁହେଁ, କେବେ ନୁହେଁ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର,ଜଟଣୀ, ଦୂରଭାଷ : ୯୯୩୮୩୪୪୧୩୮**

# ଏନ୍‌ପିଏସ୍ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ



କେନ୍ଦ୍ରାପଡ଼ା (ପିଏନ୍): ଏନ୍‌ପିଏସ୍ ଶିକ୍ଷକ ସଂଘ ଜିଲ୍ଲା ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କେନ୍ଦ୍ରାପଡା ସ୍ଥିତ ସଞ୍ଜିବନୀ ବିଦ୍ୟାମନ୍ଦିର ପରିସରରେ ବରିଷ୍ଠ ଶିକ୍ଷକ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସର୍ବସମତିକ୍ରମେ ଜିଲ୍ଲା ସଂଘର ପୁନର୍ଗଠନ କରାଯାଇଥିଲା । ବରିଷ୍ଠ ଶିକ୍ଷକ ମନୋଜ କୁମାର ପଟ୍ଟନାୟକ ଓ ରତିକାନ୍ତ ରାଉତଙ୍କୁ ଉପଦେଷ୍ଟା ଭାବେ, ଅରୁଣ ପରମାଣିକ ସଭାପତି, ମହେଶ୍ୱର ସାହୁ ଓ ବିରଞ୍ଚି ପ୍ରସାଦ ଜେଠୀ ଉପସଭାପତି, ମନୋରଞ୍ଜନ ତ୍ରିପାଠୀ ସମ୍ପାଦକ, ସୁରେନ୍ଦ୍ର କୁମାର ରାଉତ ଓ ସୂର୍ଯ୍ୟ ପ୍ରକାଶ ନନ୍ଦ ସହ ସମ୍ପାଦକ ଏବଂ ଶରତ ଚନ୍ଦ୍ର ପଣ୍ଡାଙ୍କୁ କୋଷାଧକ୍ଷ ଭାବେ ନିର୍ବାଚିତ କରାଯାଇଥିଲା । ଏଥିସହିତ ଆଳି ବ୍ଲକରୁ ଶିବରାମ ପାଣି, ରାଜକନିକା ବ୍ଲକରୁ ରାଜେନ୍ଦ୍ର ରାଉତ, ରାଜନଗର ବ୍ଲକରୁ ଶୁଭ୍ରଜ କୁମାର ବରାଳ, ପଟ୍ଟାମୁଣ୍ଡାଇ ବ୍ଲକରୁ ମିହିର ଦାଶ, କେନ୍ଦ୍ରାପଡା ବ୍ଲକରୁ ରବିନ୍ଦ୍ର କୁମାର ସ୍ୱାଇଁ, ଡେରାବିଶ ବ୍ଲକରୁ ନିର୍ମଳ କୁମାର ସ୍ୱାଇଁ, ଗରଦପୁର ବ୍ଲକରୁ ସୁଧାଂଶୁ କୁମାର ଜେନା, ମହାକାଳପଡା ବ୍ଲକରୁ ପ୍ରଶାନ୍ତ କୁମାର ଦାସ ଏବଂ ମାର୍ଶାଘାଇ ବ୍ଲକରୁ ତ୍ରୈଲୋକ୍ୟନାଥ ମହାପାତ୍ରଙ୍କୁ ସଂଯୋଜକ ଦାୟୀତ୍ୱ ପ୍ରଦାନ କରାଯାଇଥିଲା । ବ୍ଲକ ସଂଯୋଜକମାନଙ୍କ ନେତୃତ୍ୱରେ ଆସନ୍ତା ଡିସେମ୍ବର ମାସ ଦ୍ୱିତୀୟ ସପ୍ତାହ ମଧରେ ବ୍ଲକ ସଂଘ ଗୁଡିକୁ ପୁନର୍ଗଠନ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ବୈଠକରେ ଶିକ୍ଷକମାନଙ୍କ ୬ବର୍ଷର ଚୁକ୍ତି ସମୟକୁ ରେଗୁଲାର ଚାକିରୀରେ ଯୋଗ କରିବା ଓ ପୁରାତନ ପେନ୍‌ସନ୍ ବ୍ୟବସ୍ଥାର ପୁନଃପ୍ରଚଳନ ସମ୍ପର୍କରେ ଆଲୋଚନା କରାଯାଇ ଏ ବିଷୟରେ ରାଜ୍ୟ ସଂଘ ସହ ଆଲୋଚନା ପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ସ୍ଥିର କରାଯାଇଥିଲା । ବୈଠକରେ ଦେବେନ୍ଦ୍ର କୁମାର ପଣ୍ଡା, ପ୍ରଦୀପ କୁମାର ସ୍ୱାଇଁ, ଧର୍ମଜ୍ୟୋତି ରାଉତ, ପ୍ରହଲ୍ଲାଦ ରାଉତ, ହିମାଂଶୁ ଶେଖର ଭୋଇ, ନୃସିଂହ ଚରଣ ସ୍ୱାଇଁ, କୁଶଦେବ ନାୟକଙ୍କ ସମେତ ଜିଲ୍ଲାର ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ । ଉପସ୍ଥିତ ଶିକ୍ଷକମାନେ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ସ୍ୱାଗତ ଜଣାଇଥିଲେ । ଶେଷରେ ସନ୍ତୋଷ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅସହାୟ ଗୌରାଙ୍ଗଙ୍କୁ ସହାୟତାର ହାତ ବଢାଇଲେ ସମାଜସେବୀ ପ୍ରତାପ

କେନ୍ଦ୍ରାପଡ଼ା (ପିଏନ୍): ଜଣେ ଅସହାୟ ବୃଦ୍ଧ ଗୌରାଙ୍ଗଙ୍କୁ ସହାୟତାର ହାତ ବଢାଇଛନ୍ତି କେନ୍ଦ୍ରାପଡାର ସମାଜସେବୀ ପ୍ରତାପ ଚନ୍ଦ୍ର ଦାସ। କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ଗୟାସପୁର ଗ୍ରାମର ଅସୁସ୍ଥ ୮୦ବର୍ଷ ବୟସର ବୃଦ୍ଧ ଗୌରାଙ୍ଗଙ୍କୁ ତାଙ୍କ ବୋହୁ ଓ ନାତି ପ୍ରାୟ ୧୫ବର୍ଷ ହେବ ଛାଡିଦେଇ ଅନ୍ୟତ୍ର ପଳାଇଗଲେ। ଫଳରେ ଆର୍ଥିକ ଅନାଟନ ଭିତରେ ଗୌରାଙ୍ଗ ବହୁ ସମସ୍ୟାର ସମ୍ମୁଖୀନ ହେଲେ। କେବଳ ଗୌରାଙ୍ଗଙ୍କ



ନିକଟରେ ଥିବା ପୁଅ ଭଗବାନ ବାପାଙ୍କ ସେବାକୁ ଗୁରୁତ୍ୱ ଦେଇ ଅସୁସ୍ଥ ବାପାଙ୍କ ସେବା କରୁଛନ୍ତି। ଏ ସମ୍ପର୍କରେ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ସମାଜସେବୀ ପ୍ରତାପ ଚନ୍ଦ୍ର ଦାସ ଗୌରାଙ୍ଗଙ୍କ ଗୟାସପୁରସ୍ଥିତ ବାସଭନରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଶ୍ରୀ ଦାସଙ୍କ ସହିତ ସୁବ୍ରତ ରାଉତ ଓ ଭବାନୀ ପ୍ରସାଦ କର ପ୍ରମୁଖ ଉପସ୍ଥିତ ଥିଲେ।

# ବିପ୍ଳବ ଓ ମାର୍ଗଦର୍ଶନର ଅନ୍ୟନାମ ଗଣମାଧ୍ୟମ



**ପ୍ର**ତିବର୍ଷ ୧୬ ନଭେମ୍ବରରେ ଜାତୀୟ PRESS DAY, (ସାମ୍ବାଦିକ ଦିବସ) ପାଳନ କରାଯାଇ ଥାଏ। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା ମୁକ୍ତ ଓ ଦାୟିତ୍ୱବୋଧ ଭାବରେ ନିଜର କାର୍ଯ୍ୟକୁ ବିନା କାହାଦ୍ୱାରା ପ୍ରଭାବିତ ନହୋଇ ପାଳନ କରିବା ସହ ଜନସାଧାରଣଙ୍କୁ ଉଚିତ ନ୍ୟାୟ ପ୍ରଦାନ କରି ସଚେତନ କରାଇବା। ୧୯୫୬ ମସିହାରେ ପ୍ରଥମ କରି ପ୍ରେସ କମିସନ ଯୋଜନାକରି ସାମ୍ବାଦିକ ସ୍ୱାଧିନତା ପ୍ରଦାନ ପାଇଁ ୪ ଜୁଲାଇ ୧୯୬୬ରେ ପ୍ରେସ କାଉନସିଲ ଗଠନ ହେବାସହ ଏହା ସମ୍ପୂର୍ଣ୍ଣ ଭାବେ ୧୬ ନଭେମ୍ବର ୧୯୬୬ରେ ବିଧିବଦ୍ଧ ଭାବେ କାର୍ଯ୍ୟକ୍ଷମ ହେଲା। ଭାରତୀୟ ଗଣତନ୍ତ୍ରରେ ଗଣମାଧ୍ୟମକୁ ୪ର୍ଥ ସ୍ତମ୍ଭର ମାନ୍ୟତା ଦିଆଯାଇଛି। ମାତ୍ର ବିଡମ୍ବନାର ବିଷୟ ଆମ ସମ୍ବିଧାନ କେବଳ ବ୍ୟବସ୍ଥାପିକା ସଭା (ଲେଜିସ ଲେଟିଭ), କାର୍ଯ୍ୟପାଳିକା (ଏକ୍ସ୍କ୍ୟୁକିଟିଭ) ଓ ନ୍ୟାୟପାଳିକା (ଜୁଡିସିଆରୀ) ୩ଟି ପୀଠ ସମ୍ପର୍କରେ ଉଲ୍ଲେଖ କରିଛି ମାତ୍ର ସାମ୍ବାଦିକତା ଭଳି ମହାନ ସ୍ତମ୍ଭକୁ କେବଳ ଅନୁମାନ କରିଛି। ମାତ୍ର ଆଜିର ଦୁନିଆରେ ଗଣମାଧମ ବା ପ୍ରେସ ମିଡିଆ ଏକ ଶକ୍ତିଶାଳୀ ଆନ୍ଦୋଳନରେ ପରିଣତ ହୋଇ ସାମାଜିକ ବିପ୍ଳବ ଆଣିବାରେ ସଫଳ ହୋଇଛି। ଚତୁର୍ଥ ସ୍ତମ୍ଭର ଭୂମିକା ବହନ କରିଥିବା ଗଣମାଧ୍ୟମ କ୍ଷମତାର ସ୍ୱେଚ୍ଛାଚାରୀ ଦାନବ ମାନଙ୍କୁ ଲଗାମ ଦେବାରେ ସକ୍ଷମ ହୋଇପାରିଛି। ବର୍ତ୍ତମାନର ସୂଚନାକ୍ରାନ୍ତି ଯୁଗରେ ସାମ୍ବାଦିକତା କେବଳ ଯେ ଟିଭି ଚ୍ୟାନେଲରେ ସୀମିତ ହୋଇ ରହିନାହିଁ, ପ୍ରତ୍ୟେକ ଭାରତୀୟ ଆଜିର ଯୁଗରେ ଜଣେ ଜଣେ ସାମ୍ବାଦିକ ସାଜି ନିଜର ଫୋନରେ ୟୁଟ୍ୟୁବ, ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ ବ୍ୟବହାର କରି ବିଶ୍ୱ ସହିତ ସଂଯୁକ୍ତ ହୋଇ ରହୁଛି। ଯଦି ବିଗତ କିଛିଦିନ ତଳର ଘଟଣାବଳୀକୁ ଆମେ ଅନୁଧ୍ୟାନ କରିବା ତେବେ ଏହା ସ୍ପଷ୍ଟ ଅନୁମେୟ ହେବ ଯେ ଆମ ଦେଶରେ ଜେ.ଏନୟୁ, ସିଏଏ, କୃଷି ଆନ୍ଦୋଳନରେ ଡିଜିଟାଲ ମିଡିଆ ମୂଖ୍ୟଭାବେ ବ୍ୟବହାର କରାଯାଇଥିଲା। ତେଣୁ ସରକାର ଗଠନ ଓ ସରକାର ପତନରେ ଗଣମାଧମର ଭୂମିକାକୁ କେହି ଅସ୍ୱୀକାର କରିପାରିବେ ନାହିଁ।

ଏହି ଗଣମାଧ୍ୟମର ଅନ୍ୟ ଦିଗଟି ହେଉଛି, ପ୍ରାକୃତିକ ବିପର୍ଯ୍ୟୟ ତଥା କୋଭିଡ-୧୯ ସମୟରେ ଏହାର ବଳିଷ୍ଠ ଭୂମିକା ପ୍ରଣିଧାନଯୋଗ୍ୟ। ଏହି ବୈଦୁତିକ ଗଣମାଧ୍ୟମ ଏବଂ ଛପା ଗଣମାଧ୍ୟମର ପ୍ରୟୋଗ କରି ଆମ ଦେଶ ତଥା




ରାଜ୍ୟ ସମଗ୍ର ବିଶ୍ୱରୁ ସହାୟତା ରାଶି ସଂଗଠନ କରି ସାଧାରଣ ଜନତାଙ୍କର ଅହେତୁକ ସହାୟତା କରିପାରିଛି। ସାମାଜିକ ଗଣମାଧ୍ୟମର ମାନବିକ ଦିଗ ଅନେକ ଥିଲାବେଳେ, ଧ୍ୱଂସ ପାଇଁ ମଧ୍ୟ ଆଜିର ଡିଜିଟାଲ ଗଣମାଧ୍ୟମ ଅନେକ ରାସ୍ତା ଖୋଲିଦେଇଛି। ଏହାସତ୍ୱେ ଜନସାଧାରଣଙ୍କର ଗଣମାଧ୍ୟମ ଉପରେ ଅତୁଟ ଭରସା ରହିଛି। ବିଗତ ମହାମାରୀ କୋଭିଡ ସମୟରେ ଗଣମାଧ୍ୟମର ପ୍ରତିନିଧିମାନେ ନିଜର ଜୀବନକୁ ପାଣିଛଡାଇ ଜନତା ଜନାର୍ଦ୍ଦନଙ୍କୁ ସଚେତନ କରାଇବା ସମୟରେ ଅନେକ ସେମାନଙ୍କ ଜୀବନ ହରାଇଛନ୍ତି। ଜଣେ ସମ୍ବାଦିକ ସିଧାସଳଖ କିଛି ନକଲେ ମଧ୍ୟ ତାକୁ Catalyst ପରି ଧରାଯାଇପାରେ। ଏହି କାଟାଲିଷ୍ଟର ଅର୍ଥ ନିଜେ ଅପରିବର୍ତ୍ତିତ ରହି ସମଗ୍ର ପ୍ରକ୍ରିୟାକୁ ପରିବର୍ତ୍ତନ କରିବା। ମହାଭାରତରେ କ୍ରିଷ୍ଣଙ୍କ ହାତରେ ଯଦିଓ ଅସ୍ତ୍ର ନଥିଲା ମାତ୍ର ସେ ହିଁ ସକଳ କାର୍ଯ୍ୟର ସୂତ୍ରଧର ଥିଲେ। ଠିକ୍ ସେହିପରି ଜଣେ ପତ୍ରକାରର ଭୂମିକା ସଞ୍ଜୟ ପରି ନହୋଇ ଶ୍ରୀକୃଷ୍ଣଙ୍କ ପରି ହେବା ଦରକାର। ବର୍ତ୍ତମାନ ଦେଖାଦେଉଛି ଅନେକ ବୈଦ୍ୟୁତିକ ଗଣମାଧ୍ୟମ ନିଜ ମାଲିକଙ୍କୁ ସୁହାଇବା ଭଳି ସମ୍ବାଦ ପରିବେଷଣ କରିବା ସହ ରାଜନୈତିକ ଦଳର ଏଜେଣ୍ଡା ଭଳି କାର୍ଯ୍ୟନିର୍ବାହ କରୁଛନ୍ତି। ଫଳରେ ନିର୍ଭିକତା, ନିରପେକ୍ଷତା ଭଳି ଶବ୍ଦ ହାସ୍ୟାସ୍ପଦ ମନେହେଉଛି। ତେଣୁ ନ୍ୟୁଜ ଚ୍ୟାନେଲର ରାଜନୀତିକରଣ ଦ୍ୱାରା ସାଧାରଣ ଲୋକଙ୍କ ସ୍ୱାର୍ଥରେ ହାନୀ ଘଟୁଛି। ବର୍ତ୍ତମାନ ପ୍ରତି ପଂଚାୟତରେ ଗୋଟିଏ ଗୋଟିଏ ଡିଜିଟାଲ ମିଡିଆ ଅଛି। ସମସ୍ତେ ଗୋଟିଏ ଗୋଟିଏ ବୁମ ଧରି ନିଜପାଇଁ ସମ୍ପାଦକଠୁ ପରିଚୟ ପତ୍ର ପ୍ରସ୍ତୁତ କରି ଏହି Truth Tradeକୁ ବଦନାମ କରି ଚାଲିଚନ୍ତି। ଏପରକି ସାଧାରଣଙ୍କୁ ବ୍ଲାକମେଲିଂଗ କରିବାକୁ ମଧ୍ୟ ପଛଉନାହାନ୍ତି। ଏହାସତ୍ୱେ ନୋବେଲ ପୁରସ୍କାର ପାଇଁ ୨୦୨୧ରେ ଫିଲିପାଇନ୍ସର ମାରିଆ ରେସା ଓ ରୁଷିଆର ମିତ୍ରି ଆନ୍ଦ୍ରିୟେଭିଚ ମୁରାତଭାଙ୍କ ଭଳି ଦୁଇଜଣ ସାମ୍ବାଦିକଙ୍କ ନାମ ଘୋଷଣା ହେବାପରେ ସାରାବିଶ୍ୱରେ ଖୁସିର ଲହରୀ ଖେଳିଯାଇଥିଲା। ଏପରି ଏକ ଘଡିସନ୍ଧି ସମୟରେ ଯେତେବେଳେ ବିଶ୍ୱରେ ଅଧିକ ମିଛ ଖବର ଓ ଘୃଣାର ବାଣୀ 'ହେଟ୍ ସ୍ପିଚ' ପ୍ରସାରିତ ହୋଇ ଗଣତନ୍ତ୍ରକୁ ବିପନ୍ନ କରୁଛି, ସେତେବେଳେ ଦୁଇଜଣ ନିରପେକ୍ଷ ଓ ସାହସୀ ସାମ୍ବାଦିକଙ୍କୁ ନୋବେଲ ପୁରସ୍କାର ପ୍ରଦାନର ଅର୍ଥ ପରୋକ୍ଷରେ ନିର୍ଭୀକ ସାମ୍ବାଦିକତା ପ୍ରତି ସମ୍ମାନ ପ୍ରଦର୍ଶନ ସହ ଗଣମାଧ୍ୟମର ସ୍ୱାଧୀନତା ଓ ବିଶ୍ୱସନୀୟତା ଯେ କେତେ ଅପରିହାର୍ଯ୍ୟ ତାହା ରେଖାଙ୍କିତ କରିବ ବୋଲି ଗ୍ରହଣ କରିବାକୁ ହେବ। ତେଣୁ ଆଜିର ପ୍ରତ୍ୟେକ ସାମ୍ବାଦିକ ଜନସାଧାରଣଙ୍କ ସ୍ୱାର୍ଥରକ୍ଷା ତଥା ସମାଜରେ ଘଟୁଥିବା ଅନ୍ୟାୟ ଅତ୍ୟାଚାର ନେତା ତଥା ଧନାଢ୍ୟମାନଙ୍କ କଳା କାରନାମାକୁ ଶାସକ ନିକଟରେ ପହଂଚାଇବା ସହ ଶାସକ ଓ ଶାସିତ ଭିତରେ ସେତୁ ପ୍ରତିଷ୍ଠା କରି ନିଜର ବୃତିକୁ ଏକ ଧର୍ମ ଭାବେ ପାଳନ କରିବା ବିଧେୟ। କାରଣ ଧର୍ମର ହାନୀରେ ସମାଜର ହାନୀ ହୋଇଥାଏ। ତେଣୁ ଆମ ସରକାର ପ୍ରତ୍ୟେକ ସାମ୍ବାଦିକମାନଙ୍କ ପାଇଁ ତାଙ୍କର କାର୍ଯ୍ୟଧାରାକୁ ସତ୍ୟ ଉପରେ ପ୍ରତିଷ୍ଠା କରିବା ପାଇଁ ସେମାନଙ୍କର ଜୀବନଜୀବିକା ବିଷୟରେ ଅନୁଧ୍ୟାନ କରିବା ସହ ସେମାନଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ରାଶି ଘୋଷଣା କଲେ ସେମାନେ ନିଜର କାର୍ଯ୍ୟକୁ ସୁଚାରୁ ଭାବେ ସମ୍ପାଦିତ କରବାରେ ଆଗ୍ରହ ପ୍ରକାଶ କରିବେ।

**ଉମାଶଙ୍କର ପ୍ରସାଦ, ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ, ମୋ: ୬୩୭୦୬ ୭୫୫୬୨**

# କଳିଙ୍ଗ ସେନାର ଏକବିଂଶ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପିଏନ୍): କଳିଙ୍ଗ ସେନାର ଏକବିଂଶ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ସମ୍ପୂର୍ଣ୍ଣ କୋଭିଡ୍ କଟକଣା ମଧ୍ୟରେ ସ୍ଥାନୀୟ କସ୍ତୁରବା ନାରୀମହଲଠାରେ ଭବ୍ୟ ସମାରୋହ ଆୟୋଜିତ ହୋଇଥିଲା। ଏହି ସମାରୋହର ମୁଖ୍ୟ ଆକର୍ଷଣ ଥିଲେ ସାମ୍ବାଦିକ ସ୍ୱର୍ଗତଃ ଅରିନ୍ଦମ ଦାସଙ୍କ ମାଆ କୁନି ଦାସ ଏବଂ ପତ୍ନୀ ସମୀକ୍ଷା ଦାସ। କଳିଙ୍ଗ ସେନା ସୁପ୍ରିମୋ ଶ୍ରୀଯୁକ୍ତ ହେମନ୍ତ ରଥଙ୍କ ଆମନ୍ତ୍ରଣକ୍ରମେ ସେମାନେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସ୍ୱର୍ଗତ ଅରିନ୍ଦମ ଦାସଙ୍କୁ ମରଣୋତ୍ତର ସାମ୍ବାଦିକ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ସେନାର ସୈନିକ ଏବଂ ଉପସ୍ଥିତ ଜନସାଧାରଣଙ୍କ ପକ୍ଷରୁ ପ୍ରଦତ୍ତ ଏହି ସମ୍ମାନକୁ ଅରିନ୍ଦମଙ୍କ ମାଆ ଏବଂ ପତ୍ନୀ ଗ୍ରହଣ କଲା ବେଳେ ସମସ୍ତଙ୍କ ଆଖିରେ ଲୁହ ଆସିଯାଇଥିଲା। ଏହି ପ୍ରତିଷ୍ଠା ଦିବସକୁ ସ୍ୱର୍ଗତଃ ଅରିନ୍ଦମ ଦାସଙ୍କ ପ୍ରତି ଉତ୍ସର୍ଗ କରିଥିଲେ ଶ୍ରୀ ରଥ। ଦଳର ସୈନିକମାନଙ୍କୁ ଉଦ୍‌ବୋଧନ ଦେଇ ସୁପ୍ରିମୋ ଶ୍ରୀ ରଥ କହିଥିଲେ ଯେ କର୍ମୀମାନଙ୍କ ଅକ୍ଲାନ୍ତ ଉଦ୍ୟମ ଏବଂ ଓଡ଼ିଶାବାସୀଙ୍କ ଅକୁଣ୍ଠ ଭଲ ପାଇବା ଯୋଗୁଁ କଳିଙ୍ଗ ସେନା ଦୁଇ ଦଶନ୍ଧିର ଯାତ୍ରା ଅତିକ୍ରମ କରି ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଏହି ସଫଳତା ପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ। କଳିଙ୍ଗସେନା ପ୍ରତି ଯୁବକମାନଙ୍କ ଆକର୍ଷଣ ବୃଦ୍ଧି ପାଉଥିବାରୁ ଆଗାମୀ ଦିନରେ ଏହାର ନବକଳେବର ଦେଖିବାକୁ ମିଳିବ ବୋଲି କହିଥିଲେ। ଏହି ଅବସରରେ କଳିଙ୍ଗ ସେନାର ଆଗାମୀ ରଣନୀତି ସମ୍ପର୍କରେ ଶ୍ରୀ ରଥ ସୂଚନା ଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ କଳିଙ୍ଗ ସେନା ୧୫ଟି ଜିଲ୍ଲା ଉପରେ ଫୋକସ୍ କରି କାର୍ଯ୍ୟକ୍ରମ ଆଗକୁ ବଢ଼ାଇବ। ଖୋର୍ଦ୍ଧା, କଳାହାଣ୍ଡି ଏବଂ ବଲାଙ୍ଗୀର ଜିଲ୍ଲାକୁ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ରଥ କହିଥିଲେ। ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କଳିଙ୍ଗ ସେନାର ଶୁଭ କାମନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ୯ ଜଣ ପ୍ରତିଭାଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସମ୍ମାନିତ ପ୍ରତିଭାମାନେ ହେଲେ ସାମ୍ବାଦିକ ରାଜେନ୍ଦ୍ର ଗୌଡ଼, ସମାଜସେବୀ ସର୍ବଶ୍ରୀ ନରେନ୍ କୁମାର ସାହୁ, ପ୍ରମୋଦ ରାଉତରାୟ, ପ୍ରଜ୍ଞା ପ୍ରିୟଦର୍ଶିନୀ ରଥ, ଉମେଶ ରାଉତ, ବିଜୟ କୁମାର ପରିଡ଼ା, ବୈରାଗୀ ଜେନା, ଓଡ଼ିଶାରେ କରୋନା ସମୟରେ ପ୍ରଥମ ବାୟୋ ପିପିକିଟ୍ ଉଦ୍ଭାବକ ଇଂ ମନୋଜ କୁମାର ନାୟକ ଏବଂ କଣ୍ଠଶିଳ୍ପୀ ସରୋଜ ଜେନା। କଳିଙ୍ଗ ସେନା ସାଧାରଣ ସମ୍ପାଦକ ବିଜୟ କୁମାର ରାଜ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସମ୍ପାଦକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌରାଙ୍ଗ ପ୍ରଧାନ, ଶ୍ରୀକାନ୍ତ ଦାଶ, ଅବଦୁଲ୍ଲ କୟମ୍ ଖାନ୍, ସରୋଜ ଆଚାର୍ଯ୍ୟ,ସତୀଶ ରଞ୍ଜନ ସାହୁ ପ୍ରମୁଖ ସଭାକାର୍ଯ୍ୟରେ ସହଯୋଗ କରିଥିଲେ।

# ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ଦାବି

ଫୁଲନଖରା (ପିଏନ୍)-ବିଭିନ୍ନ ପ୍ରାଥମିକ, ଉନ୍ନୀତ ଏବଂ ଉପ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ କାର୍ଯ୍ୟରତ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିୟମିତ କରିବା ସହିତ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ପାଇଁ ଦାବି ହୋଇଛି। ଷ୍ଟାଫ ନର୍ସ, ଫାର୍ମାସିଷ୍ଟ ଓ ଲାବୋରଟୋରୀ ସହାୟକଙ୍କ ସହିତ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଏକ ସମୟରେ କାର୍ଯ୍ୟରେ ଯୋଗଦେଇଥିଲାବେଳେ ସମସ୍ତଙ୍କୁ ସ୍ଥାୟୀ ନିଯୁକ୍ତି ମିଳିଥିଲାବେଳେ ପୁରୁଷ ସ୍ୱାସ୍ଥ୍ୟକର୍ମୀ ସେଥିରୁ ବାଦ ପଡ଼ିଛନ୍ତି। ୬ବର୍ଷ ମଧ୍ୟରେ ସେମାନଙ୍କୁ ନିୟମିତ କରାଯିବାର ବ୍ୟବସ୍ଥା ଥିଲାବେଳେ ୯ବର୍ଷ ପରେ ମଧ୍ୟ ତାହା ସମ୍ଭବ ହୋଇନାହିଁ। ଏ ସଂକ୍ରାନ୍ତ ଫାଇଲ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ସଚିବଙ୍କ ନିଟକରେ ପଡ଼ି ରହିଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇନଥିବା ଜଣାଯାଇଛି। ଅପରପକ୍ଷରେ ରାଜ୍ୟର କେବିକେ ପରି ପଛୁଆ ଜିଲାରେ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ଆବେଦନକୁ ଗ୍ରହଣ କରି ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଇଥିବାବେଳେ କଟକ ଜିଲାରେ ମୋଟ ୩୬ଜଣ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତି ଅବିଚାର ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ସେମାନେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଲା ପରେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ମହାମାରୀ କରୋନା ସମୟରେ ନିଃସ୍ୱାର୍ଥପରଭାବେ ଚିକିତ୍ସା ସେବା ଜାରି ରଖିଥିବା ଏହି ସ୍ୱାସ୍ଥ୍ୟକର୍ମୀଙ୍କୁ ଯଥାଶୀଘ୍ର ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ଦିଗରେ ସ୍ୱାସ୍ଥ୍ୟ ବିଭାଗ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ପୁରୁଷ ସ୍ୱାସ୍ଥ୍ୟକର୍ମୀମାନେ ଦାବି କରିଛନ୍ତି।

# ପୁଲିସ୍ ଅଫିସରଙ୍କ ଘରେ କଳାକନା ବୁଲାଇଲେ ଚୋର

ଧର୍ମଶାଳା (ପିଏନ୍): ପୁଲିସ୍ ଅଫିସରଙ୍କ ଘରେ କଳାକନା ବୁଲାଇଲେ ଚୋର । ଏମତି ଏକ ସ୍ୱର୍ଶକାତର ଘଟଣା ଘଟିଛି ଧର୍ମଶାଳା ଥାନା ଜାରକା ନିକଟ ଜାମୁବଣିଆ ମୌଜାରେ ରହୁଥିବା କଟକ ବାଦାମବାଡି ଥାନାରେ କାର୍ଯ୍ୟରତ ପୁଲିସ୍ ଏସ୍‌ଆଇ ଜଗଦୀଶ ସାହୁଙ୍କ ଘରେ । ଏହା ଜଣାପଡିବା ପରେ ଶ୍ରୀ ସାହୁ ଧର୍ମଶାଳା ଥାନାରେ ଏତଲା ଦେଇଛନ୍ତି । ଚୋରମାନେ ଲକ୍ଷାଧିକ ଟଙ୍କା ମୂଲ୍ୟର ବିଭିନ୍ନ ସୁନା ଅଳଙ୍କାର ସମେତ ୩୦ହଜାର ଟଙ୍କା ଲୁଟି ନେଇଥିବା ସେ ଏତଲାରେ ଦର୍ଶାଇଛନ୍ତି । ଅଭିଯୋଗ ପାଇ ପୁଲିସ୍ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଥିଲେ ହେଁ, ଚୋରି ସଂପର୍କରେ କୌଣସି ସୁରାକ୍ ମିଳିନାହିଁ । ପ୍ରକାଶ ଯେ, ପୁଲିସ୍ ଏସ୍‌ଆଇ ଶ୍ରୀ ସାହୁ ରାତି ଡ୍ୟୁଟିରେ ଚାଲି ଯାଇଥିବା ବେଳେ ତାଙ୍କ ବାସଭବନରେ ମଧ୍ୟ କେହି ନଥିଲେ । ଏହାର ସୁଯୋଗ ନେଇ ଚୋରମାନେ ଗ୍ରିଲ୍ ତାଲା ଭାଙ୍ଗି ଘରେ ପ୍ରବେଶ କରିଛନ୍ତି । ପରେ ଷ୍ଟିଲ୍ ଆଲମିରାରେ ଥିବା ୪ଭରି ଓଜନର ସୁନା ଅଳଙ୍କାର ଓ ୩୦ହଜାର ଟଙ୍କା ଲୁଟି ନେଇଥିଲେ । ସେହିପରି ଚୋରମାନେ ଶ୍ରୀ ସାହୁଙ୍କ ଘର ନିକଟରେ ରହୁଥିବା ଅବସରପ୍ରାପ୍ତ ଶିକ୍ଷକ ଦ୍ୱାରିକାନାଥ ଜେନାଙ୍କ ଘରେ ପଶି ଲୁଟ୍‌ପାଟ୍ କରିଛନ୍ତି । ଦ୍ୱାରିକାନାଥ ଓ ତାଙ୍କ ପତ୍ନୀ ବାହାରକୁ ଯାଇଥିବାବେଳେ ପୁଅବୋହୂ ଘରେ ରହୁଥିଲେ । ଚୋରମାନେ ଗତକାଲି ବିଳମ୍ବିତ ରାତିରେ ଘରେ ପଶି ଦ୍ୱାରିକାନାଥଙ୍କ ପୁଅବୋହୂ ଶୋଇଥିବା ବଖରାରେ ବାହାରୁ ତାଲା ପକାଇ ଦେଇଥିଲେ । ଅନ୍ୟଏକ ବଖରାରେ ଥିବା ଆଲମିରା ତାଲାଭାଙ୍ଗି ସୁନା ଚେନ୍, କାନଫୁଲ, ବାହୁଟି ଓ ୧୨ହଜାର ଟଙ୍କା ଲୁଟି ନେଇଥିଲେ । ସକାଳେ ଚୋରି ସଂପର୍କରେ ଜଣାପଡିବା ପରେ ଦ୍ୱାରିକାନାଥଙ୍କ ପୁଅ ଦିଲକ ଜେନା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତେବେ ଗୋଟିଏ ରାତିରେ ଜଣେ ପୁଲିସ୍ ଅଧିକାରୀଙ୍କ ସହିତ ଆଉ ଜଣେ ଶିକ୍ଷକଙ୍କ ଘରେ ଚୋରି ହେବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି । ପୁଲିସ୍ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡାକଡି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଫୁଲନଖରା (ପିଏନ୍)-୧୬ନମ୍ବର ଜାତୀୟ ରାଜପଥର ଟାଙ୍ଗୀ ତନଖି ଫାଟକରେ କାର୍ଯ୍ୟ କରୁଥିବା ତେଲେଙ୍ଗାପେଣ୍ଠ ଅଧିନ ରାମନଗର ଗ୍ରାମର ପୂର୍ଣ୍ଣାନନ୍ଦ ବେହେରା (୩୩)ଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ବିଳମ୍ବିତ ରାତିରେ କାର୍ଯ୍ୟରୁ ଫେରିବା ସମୟରେ ରାମନଗର ମାଛ ମାର୍କେଟ ପୋଲ ଉପରେ ତିନି ଜଣ ଯୁବକ ତାଙ୍କୁ ଅଟକାଇ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ପୂର୍ଣ୍ଣାନନ୍ଦଙ୍କ ମୁଣ୍ଡ ଓ ପିଠିରେ ଗଭୀର ଆଘାତ ଲାଗିଛି। ଏ ସମ୍ପର୍କରେ ସଦର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଦୁର୍ବୃତ୍ତଙ୍କ ସନ୍ଧାନ ମିଳିପାରିନାହିଁ।

# ଡିଜେଲ ପେଟ୍ରୋଲରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ ରିହାତି ଅତି ନଗଣ୍ୟ

ଭୁବନେଶ୍ୱର (ପିଏନ୍): କେନ୍ଦ୍ର ସରକାରଙ୍କ ପକ୍ଷରୁ ପେଟ୍ରୋଲ ଉପରୁ ଲିଟର ପ୍ରତି ୫ଟଙ୍କା ଓ ଡିଜେଲ୍ ଉପରେ ଲିଟର ପ୍ରତି ୧୦ ଟଙ୍କା ହ୍ରାସ ଘୋଷଣା ସାଧାରଣ ଲୋକଙ୍କ ପାଇଁ ମୋଟେ ଆଶ୍ୱସ୍ତିକର ନୁହେଁ । ଡିଜେଲ ପେଟ୍ରୋଲର ଲିଟର ପ୍ରତି ଦର ୧୦୦ଟଙ୍କା ପାର କରିସାରିଥିବା ବେଳେ ଏହି ଛାଡ ପରିମାଣ ଅତି ନଗଣ୍ୟ। ନିକଟରେ କେତେକ ରାଜ୍ୟରେ ଅନୁଷ୍ଠିତ ଉପ ନିର୍ବାଚନଗୁଡିକରେ ବିଜେପିର ପରାଜୟ ଛାନିଆ ହୋଇ ଏପରି ସାଂକେତିକ ଛାଡ ଦ୍ୱାରା ଲୋକଙ୍କ ଉପରେ ପଡିଥିବା ଦରଦାମ ବୃଦ୍ଧିର ଅହେତୁକ ବୋଝ ଲାଘବ ହେବ ନାହିଁ । ପୁଣି ରନ୍ଧନ ଗ୍ୟାସ ସିଲିଣ୍ଡର ପ୍ରତି ଦାମ ୧୦୦୦ଟଙ୍କା ଛୁଇଁଥିବା ବେଳେ ସେଥିରେ କୌଣସି ରିହାତି ଘୋଷଣା ନାହିଁ। କେନ୍ଦ୍ର ସରକାର ଦୀର୍ଘଦିନ ଧରି ଡିଜେଲ ଉପରେ କେନ୍ଦ୍ରୀୟ ଅବକାରୀ ଶୁଳ୍କ ଲିଟର ପ୍ରତି ୩୨ଟଙ୍କା ଓ ପେଟ୍ରୋଲ ଉପରେ ୩୩ଟଙ୍କା ଆଦାୟ କରୁଥିବା ବେଳେ ବର୍ତ୍ତମାନର ଛାଡ ମୋଟେ ଗ୍ରହଣୀୟ ନୁହେଁ । ରାଜ୍ୟ ସରକାର ମଧ ଗତ ବର୍ଷ ରାଜ୍ୟବାସୀ କୋଭିଡ୍ ମହାମାରୀ ଯୋଗୁଁ ଜୀବନ ଜୀବିକା ବଞ୍ଚାଇବା ପାଇଁ ସଂଘର୍ଷ କରୁଥିବା ବେଳେ ପେଟ୍ରୋଲ ଡିଜେଲ ଉପରେ ଭାଟ ପରିମାଣ ବୃଦ୍ଧି କରିଥିଲେ। ରାଜ୍ୟ ସରକାର ଭାଟ୍ ପରିମାଣ ଲିଟର ପ୍ରତି ୧୦ଟଙ୍କା ହ୍ରାସ କରିବାକୁ ସବୁ ସ୍ତରରେ ଦାବି ହୋଇ ଆସିଛି । ଏହାକୁ ଅଣଦେଖା କରିବା ଯୋଗୁଁ ରାଜ୍ୟରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ରର ଦରଦାମ ବୃଦ୍ଧିରେ ସହାୟକ ହୋଇଛି । ଏବେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ପରେ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରର ଭାଟ୍ ଆଦାୟ ଲିଟର ପ୍ରତି ୩ ଟଙ୍କା ଛାଡ ଘୋଷଣା କରିଛନ୍ତି । ଏଣୁ କେନ୍ଦ୍ର ସରକାର ଅବକାରୀ ଶୁଳ୍କରେ ଆଖି ଦୃଷ୍ଟିଆ ଛାଡ କରିବା ସହ ରାଜ୍ୟ ସରକାର ଲିଟର ପ୍ରତି ୧୦ ଟଙ୍କା ଭାଟ୍ ହ୍ରାସ କରି ସାଧାରଣ ଲୋକଙ୍କୁ ଦରଦାମ ବୃଦ୍ଧିରୁ ବଞ୍ଚାଇବା ପାଇଁ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଦାବି କରିଛନ୍ତି।

# କୁଷ୍ଠାଶ୍ରମରେ ଦୀପାବଳି ପାଳନ କଲା ଜନଶକ୍ତି ପାର୍ଟି

କେନ୍ଦ୍ରାପଡ଼ା (ପିଏନ୍): ଦୁହୁରିଆ ସ୍ଥିତ କୁଷ୍ଠାଶ୍ରମରେ ଜନଶକ୍ତି ପାର୍ଟି ପକ୍ଷରୁ ଦୀପାବଳି ଉତ୍ସବ ପାଳନ ହୋଇଯାଇଛି । ପାର୍ଟିର ରାଜ୍ୟ ସଭାପତି ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ନେତୃତ୍ୱରେ ପ୍ରମୋଦ ମିଶ୍ର, ସୂର୍ଯ୍ୟମଣୀ ପଣ୍ଡା, ଜିଲ୍ଲା ସଭାପତି ନରୋତ୍ତମ ଜେନା, ଶରତ ସାହୁ, ବିବେକ ନାୟକ, ନାରାୟଣ ମଲ୍ଲିକ, ମହାଦେବ ସେନା ଜିଲ୍ଲା ସଭାପତି ଅନନ୍ତ ସାହୁ (କାଳିଆ), ସମ୍ପାଦକ ଅଲେଖ ନାୟକ ପ୍ରମୁଖ ଦୀପଜାଳି କୁଷ୍ଠାଶ୍ରମର ଅନ୍ତେବାସୀଙ୍କୁ ମିଷ୍ଟାନ ବଣ୍ଟନ କରି ଦୀପାବଳି ଉତ୍ସବ ପାଳନ କରିଥିଲେ । ସମାଜର ତଳସ୍ତର ମଣିଷର ବନ୍ଧୁ ଜନଶକ୍ତି ପାର୍ଟି ଅନ୍ଧାରରୁ ଆଲୋକ, ଅସତ୍ୟରୁ ସତ୍ୟ ଅଭିମୁଖେ ଏବଂ ସମସ୍ତଙ୍କୁ କରୋନାରୁ ମୁକ୍ତି ଓ ନିରୋଗ ଜୀବନଯାପନ ପାଇଁ ସଭାପତି ଶ୍ରୀ ଦାସ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହି ଅବସରରେ ସେଠାରେ ଏକ ନଳକୂପର ଆବଶ୍ୟକତାକୁ ଉପଲବ୍ଧି କରି ସଭାପତି ଶ୍ରୀ ଦାଶ ସେଠାରେ ତୁରନ୍ତ ଏକ ନଳକୂପ ବସାଯାଇ କୁଷ୍ଠାଶ୍ରମର ଅନ୍ତେବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

# କେନ୍ଦ୍ରାପଡା ଜିଲ୍ଲା କରଣ ସମାଜ ପକ୍ଷରୁ ଚିତ୍ରଗୁପ୍ତ ପୂଜା ଅନୁଷ୍ଠିତ

କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ଜିଲ୍ଲା କରଣ ସମାଜ ପକ୍ଷରୁ ଚିତ୍ରଗୁପ୍ତଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପାହାଡପୁର ମଠ ପରିସରରେ କରଣ ଜାତିର କୁଳଗୁରୁ ଶ୍ରୀ ଶ୍ରୀ ଚିତ୍ରଗୁପ୍ତଙ୍କ ପୂଜାର୍ଚ୍ଚନା ରୀତିନୀତି ଅନୁଯାଇ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କରଣ ସମାଜ ପକ୍ଷରୁ ପ୍ରତିଷ୍ଠାତା ସଭ୍ୟ ପ୍ରଦିପ କୁମାର ମହାନ୍ତି, ଡା.ରମାନାଥ ମହାନ୍ତି, ସଚିଦାନନ୍ଦ ଦାସ, କୈଳାସ ଚନ୍ଦ୍ର ମହାନ୍ତି, ରମେଶ ଚନ୍ଦ୍ର ଦାସ, ସୁଧାଂଶୁ ଶେଖର ରାୟ, ରାଜକିଶୋର ମହାନ୍ତି, ପ୍ରଫୁଲ୍ଲ କୁମାର ମହାନ୍ତି, ନିରଞ୍ଜନ ମହାନ୍ତି, ବସନ୍ତ କୁମାର ଦାସ, ରାଖାଲ ଚନ୍ଦ୍ର ମହାନ୍ତି, ଅକ୍ଷୟ କୁମାର ଦାସ, ଗୋଲକ ବିହାରୀ ଦାସ, ଶୈଳେନ୍ଦ୍ର ମହାନ୍ତି, ଦିଲ୍ଲିପ ମହାନ୍ତି, ମାତୃଦତ୍ତ ମହାନ୍ତି, ଜାନକିବଲ୍ଲଭ ମହାନ୍ତି, ବରଦା ପ୍ରସାଦ ମହାନ୍ତି, ନଳିନୀକାନ୍ତ ଦାସ ପ୍ରମୁଖ ଯୋଗଦେଇ କୂଳଗୁରୁ ଚିତ୍ରଗୁପ୍ତଙ୍କ ପୂଜାର୍ଚ୍ଚନା କରିଥିଲେ।

# ସାମ୍ବାଦିକଙ୍କ ପିତୃ ବିୟୋଗ

କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡାର ବରିଷ୍ଠ ସାମ୍ବାଦିକ ମୀର ଆବୁ ଓବେଦାଙ୍କ ପିତା ତଥା ଫକିରାବାଦର ଜଣାଶୁଣା ସମାଜସେବୀ ହାଜୀ ମୀର ଆବୁ ହୋରେରାଙ୍କ ୮୪ବର୍ଷ ବୟସରେ ହୃଦଘାତରେ ବିୟୋଗ ହୋଇଯାଇଛି। ଜଣେ ଧର୍ମପରାୟଣ ବ୍ୟକ୍ତି ଭାବରେ ସେ ସାଧାରଣରେ ପରିଚିତ ଥିଲେ। କେନ୍ଦ୍ରାପଡା ତବଲିକ ଜମାତର ସେ ପ୍ରତିଷ୍ଠାତା ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଓବେଦାଙ୍କ ସମେତ ମୀର ଆବୁ ବୋରେରା, ମୀର ଆବୁ ଓସମା, ମୀର ମହମ୍ମଦ ଆଜାର, ମୀର ମହମ୍ମଦ ତଫିକ ପ୍ରମୁଖ ୫ପୁଅ, ୩ଝିଅ ଓ ଜ୍ୱାଇଁ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ କେନ୍ଦ୍ରାପଡା ସହରରେ ଶୋକ ପ୍ରକାଶ ପାଇଛି। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ପୂର୍ବତନ ବିଧାୟକ ଉତ୍କଳକେଶରୀ ପରିଡା, ପୂର୍ବତନ ନଗରପାଳ ବିଜୟକୃଷ୍ଣ ସାହୁ, ମହମ୍ମଦ ଆକବର ଅଲ୍ଲୀ, ହିବଜୁର ରହେମାନ, ମହମ୍ମଦ ସଲିମ ଖାନ, ସେକ ରହେମତ, ମହମ୍ମଦ ସେକ ଇନାୟତ(ଚନ୍ଦନ), ସେକ ଗୋଫ୍ରାନ, ନାରାୟଣ ସାହୁ, ରଞ୍ଜିତ ସାହୁ, ପ୍ରଦିପ କୁମାର ମହାନ୍ତି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଫକିରାବାଦସ୍ଥିତ ବାସଭବନରେ ପହଞ୍ଚି ସ୍ୱର୍ଗତ ହୋରେରାଙ୍କ ଶେଷ ଦର୍ଶନ କରିଥିଲେ। ଜୋହର ନମାଜ ପାଠ ପରେ ଜନାଜା କରାଯାଇ ଗୌଡଗୋପ କବରସ୍ଥାନରେ ତାଙ୍କ ମର ଶରୀରକୁ କବର ଦିଆଯାଇଥିଲା। ସେଠାରେ ଶତାଧିକ ଲୋକ ଉପସ୍ଥିତ ରହି ତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ।

ପର୍ଯ୍ୟବେକ୍ଷକ
PARYABEKHYAK



ସଂ ଗଚ୍ଛଦ୍ଧ୍ବଂ ସଂ ବଦଦ୍ଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୧, ନଭେମ୍ବର ୧୬

# ତେଲ ଦର କମା ଭେଳିକି !



ସକାଳୁ ସକାଳୁ ଦଣ୍ଡଧାରୀ ବାବୁ ହାଇଟେକ ବାବାଙ୍କ ପାଖରେ ଧଇଁ ସଇଁ ହୋଇ ପହଞ୍ଚିଗଲେ । ମନଟା ଖୁସିରେ ଉଚ୍ଛୁଳି ପଡୁଥାଏ । ସେତେବେଳକୁ ହାଇଟେକ ବାବା ନିଜ ଶିଷ୍ୟମାନଙ୍କ ସହ ନଗର ଭ୍ରମଣରେ ଥାଆନ୍ତି । ଦଣ୍ଡଧାରୀ ବାବୁ ତାଙ୍କ ପାଖରେ ପହଞ୍ଚି ମୁଣ୍ଡିଆ ଟିଏ ପକାଇ ଠିଆ ହେଲେ । ହାଇଟେକ ବାବା ବାବୁ ଙ୍କ ପ୍ରକୃତି ଜାଣନ୍ତି । କୋଉଁଠି ଟିକିଏ ସୋରିଷ ଟା ଫୁଟିଲେ ସେ ଅନ୍ୟ ଆଗରେ ନ କହିଲା ଯାକେ ସ୍ଥିର ହୋଇ ପାରନ୍ତି ନାହିଁ । କହିଲେ, "ବାବା ଜବର ଖବରଟିଏ ! ଶେଷରେ ସରକାର ତେଲ ଦର କମାଇଲେ । ବର୍ଷାଧିକ କାଳ ବଢି ପାଣି ମାଡିଲା ଭଳି ଦର ବଢୁଥିଲା । ପ୍ରତିଦିନ କିଛି କିଛି ବଢିଲା । ୧୨୦ ଟଙ୍କା ପାଖା ପାଖି ହୋଇଗଲା । ଲୋକେ ନୟାନ୍ତ ହୋଇଗଲେ । ବସ ବାଲା ମୁଣ୍ଡରେ ହାତ ଦେଇ ବସିଲେ । ଅନେକ ଗାଡି ଚଢା ଛାଡିଦେଲେ ।

ତେଲ ଦର ବଢିବାରୁ ସବୁ ଦର ଆକାଶ ଛୁଆଁ ହେଲା । କରୋନାରେ ଲୋକଙ୍କର ଅଣ୍ଟା ଭାଙ୍ଗିଲା ପରେ ସେମାନେ ହତାଶ ହୋଇଗଲେ । ହଟାତ କେନ୍ଦ୍ର ସରକାର ଓ ରାଜ୍ୟ ସରକାର କିଛିଟା ଦର କମାଇ ଲୋକଙ୍କୁ ଆଶ୍ୱସ୍ତି କରିବାର ଚେଷ୍ଟା କଲେ । କାଲି ମଧ୍ୟ ରାତିରୁ ପେଟ୍ରୋଲ ଓ ଡିଜେଲ ଦର କମିଛି । ଏହି ଖବର ଦେବା ପାଇଁ ମୁଁ ଧାଇଁ ଆସିଛି ।

ବାବା ଗମ୍ଭୀର ହୋଇ କହିଲେ, "ସବୁ ମାୟାରେ ବାୟା । ଏ ରାଜନେତାଙ୍କ ମାୟା ନାରାୟଣ ବି ବୁଝିପାରିବେ ନାହିଁ । ତୁମେ ଜାଣିଥିବ ଅନେକ ଦୋକାନୀ ବେଳେ ବେଳେ ରିହାତି ଘୋଷଣା କରନ୍ତି । ମୂଳ ଦର ବଢାଇ ଲୋକଙ୍କୁ



ରିହାତି ନାଁରେ ଭକୁଆ ବନାନ୍ତି । ଆକାଶ ଛୁଆଁ ଦରରୁ କିଛିଟା ଆଶ୍ୱସ୍ତି ପ୍ରଦାନରେ ଲୋକମାନେ ଖୁସି ଥିଲେ ମଧ୍ୟ ତାହା ବାସ୍ତବିକ ଆଶ୍ୱସ୍ତି ନୁହଁ, ବରଂ ତାହା ଆପେକ୍ଷିକ କମିବା ।

ଏ ବିଷୟରେ ଗୋଟିଏ ଗପ ଅଛି । ଜଣେ ଲୋକର ଗୋଟିଏ ମାତ୍ର କୋଠରୀରେ ପାଞ୍ଚ ପ୍ରାଣୀ ବଡ କଷ୍ଟରେ ରହୁଥିଲେ । ଲୋକଟି ନିଜର ଦୁଃଖ ତା ଗୁରୁ ଙ୍କୁ ଜଣାଇଲା । ଗୁରୁ କିଛି ସମୟ ଭାବି କହିଲେ, "ବତ୍ସ ତୁମେ ଆଉ ଜଣକୁ ସେ କୋଠରୀରେ ରଖ ।" ତାପରେ ସେ ପଚାରିଲେ, "ଏବେ କିପରି ଲାଗୁଛି ?"..."କଷ୍ଟ ବଢିଯାଇଛି,..."ଲୋକଟି କହିଲା । "ତାହାହେଲ ଆଉ ଜଣକୁ ପୁରାଅ" । ଏମିତି ଆଉ ପାଞ୍ଚଜଣ ଲୋକଙ୍କୁ ସେ କୋଠରୀରେ ରଖାଗଲା । ଲୋକଟି କଷ୍ଟରେ ଅତିଷ୍ଠ ହେଲା । ହେଲେ ଗୁରୁ ଙ୍କ ଆଜ୍ଞାକୁ ଅମାନ୍ୟ କରୁ ନଥାଏ । କିଛି ଦିନ ଗଲାପରେ ଗୁରୁ ଆଜ୍ଞା ଦେଲେ, "ଏବେ ଜଣକୁ କାଢ ।" ଲୋକଟି ଜଣକୁ କାଢିଲା । କହିଲା,"ଟିକେ କଷ୍ଟ କମିଲା ।" ଏମତି ପାଞ୍ଚଜଣଙ୍କୁ କଢା ଗଲା । ଲୋକକୁ ଖୁବ ଆଶ୍ୱସ୍ତି ଲାଗିଲା । ସେ ଗୁରୁଙ୍କୁ କହିଲା, "ଏବେ ବେଶ ଭଲ ଲାଗୁଛି ।"

ଗୁରୁ ତାକୁ ଆର୍ଶୀବାଦ କରି ବିଦାୟ ଦେଲେ । ସରକାର ସେହିପରି ୪୦ ଟଙ୍କା ପେଟ୍ରୋଲ କୁ ବିଭିନ୍ନ ଟିକସ ବସାଇ ଦରକୁ ଶହେ ପାର କରାଇ ବେଶ କିଛି ଦିନ ଲୋକଙ୍କୁ ଲୁଟିଲେ । ଲୋକଙ୍କ ଟଙ୍କାକୁ ଦାନୀ କର୍ଣ୍ଣ ଭଳି କାଳିଆ ବଳିଆ ଯୋଜନାରେ ବାଣ୍ଟିଲେ । ଆଗକୁ ନିର୍ବାଚନ । କୃଷକ ମାନଙ୍କ ଆନ୍ଦୋଳନ ଯୋଗୁ ବିଜେପିର ଅବସ୍ଥା ଭଲ ନାହିଁ । ବିଭିନ୍ନ ଉପନିର୍ବାଚନରେ ଦଳ କ୍ରମାଗତ ହାରୁଚି । ରାଜ୍ୟ ସରକାର ପାଇଁ ମଧ୍ୟ ଆଗକୁ ପଞ୍ଚାୟତ ନିର୍ବାଚନ ଅଛି । ରାଜ୍ୟରେ ମମିତା ନିଆଁ ଜଳୁଛି । ଏଣେ ରନ୍ଧନ ଗ୍ୟାସକୁ ଏକାଥରକେ ଦୁଇଶ ଟଙ୍କ ବଢାଇଛନ୍ତି । ତେଣୁ ଏ ଦର କମା ଏକ ଭେଳିକି । ଗୋରୁ ମାରି ଯୋତା ଦାନ ଭଳି । ଲୋକ ବିଶେଷତଃ ମଧ୍ୟବିତ୍ତଙ୍କୁ ଶୋଷଣ କରି ବିଭିନ୍ନ ମାଗଣା ଯୋଜନା କରି ଭୋଟ କିଣିବା ସବୁ ରାଜନୈତିକ ଦଳ ନିର୍ବାଚନ ଜିଣିବାର ସହଜ ପନ୍ଥା ବୋଲି ଧରିନେଲେଣି । ଥରେ ବାଘ ମଣିଷ ମାଉଁସ ଚାଖିଲେ ସେ ଆଉ ଛାଡେନା । ନିର୍ବାଚନ ସରୁସରୁ ସରକାର ପୁଣି ତାଙ୍କର ଅସଲ ରୂପ ଦେଖାଇଦେବେ । ଏ ଦର କମା ଏକ ପ୍ରହେଳିକା । ସେଥିରେ ଖୁସି ହେବାର କିଛି ନାହିଁ । ଏ ଦେଶରେ ମଧ୍ୟବିତ୍ତ ମାନେ କେବଳ ଟିକସ ଗଣିବାକୁ ଜନ୍ମ ହୋଇଛନ୍ତି । ଏପରିକି ରୋଗ ବେଳେ ସ୍ୱାସ୍ଥ୍ୟ ବିମାରୁ ମଧ୍ୟ ସେମାନେ ବଞ୍ଚିତ । ଯଦିଓ ସମସ୍ତେ ଜାଣନ୍ତି ଆଜିର ହସପିଟାଲ ଖର୍ଚ୍ଚରେ ମଧ୍ୟବିତ୍ତ ନୁହଁ ଧନୀ ମାନେ ମଧ୍ୟ ଆଣ୍ଠେଇ ପଡୁଛନ୍ତି ।

ଦଣ୍ଡଧାରୀ ବାବୁଙ୍କ ମୁହଁ ଟି ଶୁଖିଗଲା । "ନଡିଆର କୋଉ ଶିରାରେ ପାଣି ଯାଉଛି ମୁଁ କେମତି ବୁଝିବି ?"

ଓଳଗି ହୋଇ ଝଡ ପରି ସେ ମନ ଦୁଃଖରେ ଚାଲିଗଲେ ।

**ଡାଃ ସୁରେନ୍ଦ୍ର ନାଥ ଦାଶ,** ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ, ନବରଙ୍ଗପୁର, ମୋ:୯୪୩୭୨୩୫୩୮୬

## ଆଜିର ଅନୁଚିନ୍ତା

**ସଂସାରର ବ୍ୟବହାରକୁ ଜାଣିଥିବା ବ୍ୟକ୍ତି ହେଉଛି ସର୍ବଜ୍ଞ ।**

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ୱା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ରାଜନୀତିରେ କେତେ ସଫଳ ପ୍ରଣବ ପ୍ରକାଶ ଦାସ !

ଶରତ କୁମାର ରାଉତ



ସଂପ୍ରତି ଭାରତୀୟ ରାଜନୀତିରେ ଅପରାଧ ଓ ଭ୍ରଷ୍ଟାଚାର ଏତେ ଅଧିକ ବଢିଯାଇଛି ଯେ, ଦେଶ ପାଇଁ ଯେଉଁ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକର ବିକାଶ ଆଶା କରାଯାଉଥିଲା, ତାହା ଏବେ ସ୍ୱପ୍ନ ହୋଇଯାଇଛି । ସ୍ୱାଧୀନତାକୁ ନେଇ ବିକାଶର ଉଚ୍ଚପାହାଚ ପର୍ଯ୍ୟନ୍ତ ଗତିକରି ଆସିଥିବା ଭାରତୀୟ ଗଣତନ୍ତ୍ର କେତେକ ତଥାକଥିତ ରାଜନୀତିଜ୍ଞଙ୍କର ଅକ୍ତିଆରରେ ରହିଥିବାରୁ ଭାରତୀୟମାନେ ମଧ ଅନ୍ଧ ଭଳି ସେମାନଙ୍କୁ ସମର୍ଥନ କରିଆସୁଛନ୍ତି । ଗଣତନ୍ତ୍ରର ଏହି ମନ୍ଦିର ଗୁଡ଼ିକୁ ଆମେ ଯେଉଁ ବ୍ୟକ୍ତିମାନଙ୍କୁ ନିର୍ବାଚିତ କରି ପଠାଉଛୁ, ସେମାନେ ଆମର ପ୍ରତିନିଧି ଓ ପ୍ରବକ୍ତା ମଧ । ଯଦିଓ ଆମ ପ୍ରତିନିଧିଙ୍କ ଭିତରେ ଗଣତାନ୍ତ୍ରିକ ସଂସ୍କାର ଥିବ, ତେବେ ସଂସଦ ବା ବିଧାନସଭାରେ ଲୋକଙ୍କ ଆଶା-ଆକାଂକ୍ଷା, ସୁଖ-ଦୁଃଖ ଏବଂ ଦୃଷ୍ଟିକୋଣ ଗଣତାନ୍ତ୍ରିକ ଢ଼ଙ୍ଗରେ ଉପସ୍ଥାପିତ ହୋଇପାରିବ । ମାତ୍ର ବାହୁବଳ, ଅର୍ଥବଳ, ମାଫିଆବଳ ଓ କେତେକ କ୍ଷେତ୍ରରେ ମିଡ଼ିଆ ବଳର ବ୍ୟବହାର କରି କେହି ଜଣେ ଅତି ସହଜରେ ପ୍ରତିନିଧିତ୍ୱ ହାସଲ କରି ପାରୁଛନ୍ତି । ସେହି ପ୍ରତିନିଧିଙ୍କ ଠାରୁ ଗଣତାନ୍ତ୍ରିକ ସଂସ୍କାରବାଦୀ କାର୍ଯ୍ୟ ପ୍ରଣାଳୀର ଆଶା କରାଯିବା ସ୍ୱପ୍ନ ସହ ସମାନ । ଏଥିରେ ମତଦାତା ମାନଙ୍କର ମଧ କିଛି ଭୁଲ୍ ରହୁଛି । ସେମାନେ ନିର୍ବାଚନ ସମୟରେ ସହଜରେ ପ୍ରଭାବିତ ହୋଇ ଯାଆନ୍ତି । ଯଦ୍ୱାରା ଅଯୋଗ୍ୟ, ଅପରାଧୀ, ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ପ୍ରତିନିଧିଭାବେ ନିର୍ବାଚିତ ହୋଇ ଯାଉଛନ୍ତି । ଅଧିକାଂଶ ଦେଶରେ ଲୋକପ୍ରତିନିଧି ମାନଙ୍କ କାର୍ଯ୍ୟକଳାପ ସଂପର୍କରେ ସେଠାକାର ମିଡ଼ିଆ ନିୟମିତ ଲୋକମାନଙ୍କୁ ସୂଚନା ଦେଇଥାନ୍ତି । ଯଦ୍ୱାରା ଲୋକେ ନିଜର ପ୍ରତିନିଧିଙ୍କ ସଂପର୍କରେ ଜାଣନ୍ତି ଓ ସଚେତନ ହୁଅନ୍ତି । ହେଲେ ଆମ ଦେଶର ମିଡ଼ିଆ ଏଥିପ୍ରତି ବିଶେଷ ଗୁରୁତ୍ୱ ଦିଏ ନାହିଁ ।

ତେବେ ଓଡ଼ିଶାର ବିଧାୟକ ଓ ସାଂସଦ ମାନେ ସାଧାରଣ ଲୋକଙ୍କ ସୁଖ-ଦୁଃଖ ସହିତ କେତେ ଜଡ଼ିତ ଅଛନ୍ତି ବା ତାଙ୍କର କାର୍ଯ୍ୟକଳାପ ସଂପର୍କରେ ଆଲୋଚନା ହେବାର ଆବଶ୍ୟକତା ରହିଛି । ଯାଜପୁର ଜିଲ୍ଲାର ଯାଜପୁର ବିଧାନସଭା କ୍ଷେତ୍ରର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସଂପର୍କରେ ଏଥରର ଅଲୋଚନା । ପ୍ରଣବ ବାବୁ ହେଉଛନ୍ତି ବହୁପ୍ରତିଭାର ଅଧିକାରୀ । ଜଣେ ପ୍ରଗତିଶୀଳ ମଣିଷ ଭାବେ ବିଭିନ୍ନ ସାମାଜିକ ଓ ଗଣ ଆନ୍ଦୋଳନ ସହିତ ନିଜକୁ ସାମିଲ କରିବା ସହିତ ଓଡ଼ିଶା ରାଜନୀତି କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି । ମୁଖ୍ୟତଃ ବିଜୁ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ପିତା ଅଶୋକ ଦାସଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସେ ସକ୍ରିୟ ରାଜନୀତିରେ ପାଦ ଦେଇଥିଲେ ଓ ପ୍ରଥମ କରି ୨୦୦୯ ମସିହା ନିର୍ବାଚନରେ ଯାଜପୁର ବିଧାନସଭା ଆସନରେ ବିଜୁ ଜନତା ଦଳ ଟିକଟରେ ବିଧାନସଭାରେ ପ୍ରବେଶ କରିଥିଲେ । ଏହି ନିର୍ବାଚନରେ ପ୍ରଣବ ବାବୁ ୬୧,୭୧୨ ଭୋଟ (୫୦.୦୫%) ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଦେବବ୍ରତ କାନ୍ହୁ ୩୧,୪୬୭(୨୫.୫୨%) ଓ ଭାଜପା ପ୍ରାର୍ଥୀ ଗୌତମ ରାୟ ୨୭,୭୮୫(୨୨.୫୩%) ଭୋଟ ପାଇଥିଲେ । ଏହି ନିର୍ବାଚନରେ ମୋଟ ୫ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ ।



୨୦୧୪ ବିଧାନସଭା ନିର୍ବାଚନରେ ଦ୍ୱିତୀୟ ଥର ପାଇଁ ବିଜେଡ଼ି ଟିକଟରେ ପ୍ରଣବ ବାବୁ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦଙ୍କୁ ୯୪,୬୧୩ ଭୋଟ୍ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଥିଲେ । ଏହି ନିର୍ବାଚନ ରଣାଙ୍ଗନରେ ମୋଟ ୮ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ । ଏଥିରେ ପ୍ରଣବ ବାବୁ ୧,୦୪,୪୫୮ ଭୋଟ (୬୯.୧୭%)ଭୋଟ ହାସଲ କରିଥିଲା ବେଳେ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ ୧୯,୮୪୫(୧୩.୧୪%) ଓ ଭାଜପା ପ୍ରାର୍ଥୀ ଜଗନ୍ନାଥ ପ୍ରସାଦ ସାମଲ ୧୭,୧୮୦ (୧୧.୩୮%) ଭୋଟ ପାଇଥିଲେ ।

ସେହିପରି ୨୦୧୯ ନିର୍ବାଚନରେ ବିଜେଡ଼ି ଟିକଟରେ ପ୍ରଣବ ବାବୁ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ଭାଜପା ପ୍ରାର୍ଥୀ ଗୌତମ ରାୟଙ୍କୁ ୪୦,୬୫୬ ଭୋଟ୍ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଥିଲେ । ଏହି ନିର୍ବାଚନ ରଣାଙ୍ଗନରେ ମୋଟ ୬ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ । ଏଥିରେ ପ୍ରଣବ ବାବୁ ୯୯,୭୩୮ ଭୋଟ (୬୦.୨୪%) ହାସଲ କରିଥିଲା ବେଳେ ଭାଜପା ପ୍ରାର୍ଥୀ ଗୌତମ ରାୟ ୫୯,୦୮୨(୩୫.୬୮%) ଓ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ ୪,୭୪୫(୨.୮୬%) ଭୋଟ ପାଇଥିଲେ ।

୨୦୧୪ ମଇ ମାସ ୫ ତାରିଖରୁ ସେ ପ୍ରଥମ ଥର ପାଇଁ ମହିଳା ଓ ଶିଶୁ ବିକାଶ ତଥା ଭିନ୍ନକ୍ଷମ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ସହ ଶକ୍ତିରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ) ଦାୟିତ୍ୱ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ) ଭାବରେ ନିଜର ଦାୟିତ୍ୱ ସଫଳତାର ସହ ନିର୍ବାହ କରିଥିଲେ । ସେହିପରି ପ୍ରଣବ ବାବୁ ୨୦୧୨-୨୦୧୩ ରେ ବିଧାନସଭା ଲାଇବ୍ରେରୀ କମିଟିର ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ ।

୨୦୧୪ ଓ ୨୦୧୯ ବିଧାନସଭା ନିର୍ବାଚନରେ ବିଜେଡ଼ିକୁ ବହୁ ଆସନରେ ବିଜୟୀ କରିବା ପାଇଁ ପ୍ରଣବ ବାବୁ କଠିନ ପରିଶ୍ରମ କରିଥିବା ଦେଖା ଯାଇଥିଲା । ତେବେ ୨୦୧୪ରେ ବିଜେଡ଼ି ୧୧୨ଟି ଆସନ ଅକ୍ତିଆର କରିଥିବା ବେଳେ ୨୦୧୯ ନିର୍ବାଚନରେ ୧୧୭ଟି ଆସନ ଅକ୍ତିଆର କରିଥିଲା । ସେହିପରି ବିଜେପୁର ଉପନିର୍ବାଚନ ଓ ପାଟକୁରା ବିଧାନସଭା ନିର୍ବାଚନ ବେଳେ ପ୍ରଣବ ପ୍ରକାଶ ଦାସଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଏକପ୍ରକାର ପ୍ରଣ ବ ବାବୁଙ୍କର କଠିନ ତଥା ନିଷ୍ଠାପର କାର୍ଯ୍ୟ ପାଇଁ ବିଜେପୁର ଓ ପାଟକୁରା ଆସନ ଅତି ସହଜରେ ବିଜେଡ଼ି ହାତକୁ ଆସି ପାରିଥିଲା ।

୨୦୨୦ ମାର୍ଚ୍ଚ ୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହୁଏତ ପ୍ରଣବ ପ୍ରକାଶ ଦାସଙ୍କର ରାଜନୀତିକ ଦକ୍ଷତା ଅନୁଭବ କରି ତାଙ୍କୁ ବିଜେଡ଼ିର ସାଙ୍ଗଠନିକ ସଂପାଦକ ପଦରେ ନିଯୁକ୍ତି ଦେଇଥିଲେ । ଆଉ ସେଦିନ ଠାରୁ ପ୍ରଣବ ବାବୁ ମୁଖ୍ୟମନ୍ତ୍ରୀଙ୍କ ପରେ ଦଳର ଦ୍ୱିତୀୟ କ୍ଷମତା କେନ୍ଦ୍ର ବୋଲି ରାଜନୀତିକ ସମୀକ୍ଷକ ମାନେ ଚର୍ଚ୍ଚା କରି ଆସୁଛନ୍ତି ।

ବିଧାନସଭା ଅଧିବେଶନରେ ପ୍ରଣବ ବାବୁଙ୍କର କାର୍ଯ୍ୟଶୈଳୀ, ପ୍ରଭାବୀ ବକ୍ତୃତା, ରାଜ୍ୟ ସ୍ତରୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ, ପ୍ରଶ୍ନ-ଉତ୍ତର, ବଜେଟ୍, ବିଧେୟକ, ଚର୍ଚ୍ଚା ଭଳି ମହତ୍ତ୍ୱପୂର୍ଣ୍ଣ ଆଲୋଚନାରେ ଉପସ୍ଥିତ ରହି ସବୁଥିରେ ସକ୍ରିୟ ଅଂଶ ଗ୍ରହଣ କରି ଆସୁଛନ୍ତି । ରାଜ୍ୟରେ ଦାରିଦ୍ର୍ୟ, ଅନାହାର, ପୃଷ୍ଟିହୀନତା, ମାତୃ ଓ ଶିଶୁମୃତ୍ୟୁ, ପ୍ରାକୃତିକ ବିପର୍ଯ୍ୟୟ, ଦାଦନ ଭଳି ବିଭିନ୍ନ ସାମାଜିକ ଓ ପ୍ରଶାସନିକ ସମସ୍ୟା ସମାଧାନ ପାଇଁ ସେ ନିୟମିତ କାର୍ଯ୍ୟ କରି ଆସୁଛନ୍ତି । ଏପରିକି ବିଧାନସଭା ଭିତରେ ଓ ବାହାରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେଇ ସେ ଓଡ଼ିଶାର ମୌଳିକ ସମସ୍ୟା ସଂପର୍କରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି । ଏଥିପାଇଁ ଓଡ଼ିଶାରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିବା ବେଳେ ଦଳମତ ନିର୍ବିଶେଷରେ ସମସ୍ତ ବିଧାୟକଙ୍କ ସହିତ ତାଙ୍କର ଘନିଷ୍ଠ ସଂପର୍କ ରହିଛି ।

ରାଜନୀତି, ସାହିତ୍ୟ, ସଂସ୍କୃତି, ସମାଜସେବା, ଆଧ୍ୟାତ୍ମିକ ପତ୍ରପତ୍ରିକା ପାଇଁ ଲେଖିବାର ମୂର୍ତ୍ତିମନ୍ତ ପ୍ରତୀକ ପ୍ରଣବ ବାବୁ ଙ୍କର ବହୁମୁଖୀ ଜନସ୍ୱାର୍ଥ ମୂଳକ କାର୍ଯ୍ୟ ଓ ଆତ୍ମୀୟତା ଉଲ୍ଲେଖନୀୟ । ତାଙ୍କ ରାଜନୀତିକ ଜୀବନ ଭିତରେ ତାଙ୍କର ପ୍ରତି ପଦକ୍ଷେପ ଓ ରାଜନୀତିକ ଆଲୋଚନା ରାଜନୀତିଜ୍ଞ ମାନଙ୍କ ପାଇଁ ଆଦର୍ଶ ହୋଇଥିବା ବେଳେ ସାଧାରଣ ମଣିଷ ମାନଙ୍କ ପାଇଁ ଆଶୀର୍ବାଦ ହୋଇଛି । ରାଜନୀତିରେ ତାଙ୍କର ସ୍ପଷ୍ଟବାଦିତା ବାସ୍ତବରେ ତାଙ୍କୁ ଓଡ଼ିଶା ରାଜନୀତିକ ମଞ୍ଚର ଶୀର୍ଷରେ ପହଞ୍ଚାଇ ଦେଇଛି । ରାଜନୀତିକ ଜ୍ଞାନର ପ୍ରଚଣ୍ଡ ଅଧିକାରୀ ପ୍ରଣବ ବାବୁ ନିଜ ରାଜନୀତିକ ଜୀବନର ପ୍ରତି ମୁହୂର୍ତ୍ତକୁ ଓ ପ୍ରତି ଦାୟିତ୍ୱକୁ ଜନସେବାରେ ଓ ନିଷ୍ଠାର ସହ କିଛି ନୂଆ କରି ଦେଖାଇବାରେ ବିତାଉଛନ୍ତି । ବିଭିନ୍ନ ବିଭାଗର ମନ୍ତ୍ରୀ ଥିବାବେଳେ ବିଭାଗୀୟ ଅନେକ ସମସ୍ୟା ସମାଧାନ କରିଥିବା ବେଳେ ନୂଆ ନୂଆ ନୂଆ ସଂସ୍କାର ଆଣିବାରେ ସେ ରେକର୍ଡ଼ ସୃଷ୍ଟି କରିଛନ୍ତି । ମହିଳା, ଶିଶୁ କଲ୍ୟାଣ, ଭିନ୍ନକ୍ଷମ, ଶକ୍ତି ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଭାବରେ ବିଭିନ୍ନ ପଦକ୍ଷେପ ତାଙ୍କ ମନ୍ତ୍ରୀତ୍ୱ ସମୟର ପରାକାଷ୍ଠା ।

ଜଣେ ଅଭିଜ୍ଞ ବିଧାୟକ ଭାବେ ଓଡ଼ିଶାର ସାମଗ୍ରୀକ ବିକାଶ ଓ ବିଭିନ୍ନ ସମସ୍ୟା ସମାଧାନ କରି ଅବହେଳିତ ଓଡ଼ିଆ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବାର ଲକ୍ଷ୍ୟ ରଖିଛନ୍ତି ପ୍ରଣବ ବାବୁ । ରାଜ୍ୟର ସ୍ୱାସ୍ଥ୍ୟ, ଶିକ୍ଷା, ପୃଷ୍ଟିହୀନତା ନିୟନ୍ତ୍ରଣ, ମାତୃ-ଶିଶୁ ମୃତ୍ୟୁହାର ହ୍ରାସ, ପାନୀୟ ଜଳ, ପରିବେଶ, ସାକ୍ଷରତା, ଉଚ୍ଚଶିକ୍ଷାର ପ୍ରସାର, ଜଙ୍ଗଲ ଜମିର ସୁରକ୍ଷା, ଗ୍ରାମ୍ୟ ଉନ୍ନତି, ଦାରିଦ୍ର୍ୟ ଦୂରୀକରଣ, କ୍ରୀଡ଼ାର ଉନ୍ନତି ଆଦି ତାଙ୍କ ସାମାଜିକ କାର୍ଯ୍ୟର ମୂଳ ଲକ୍ଷ୍ୟ । ସବୁଠୁ ବଡ଼ କଥା ହେଲା, ନିୟମିତ ସେ ଓଡ଼ିଆ ଲୋକ ମାନଙ୍କ ସୁଖ-ଦୁଃଖରେ ଭାଗୀ ହେଉଛନ୍ତି । କାହାର କିଛି ସମସ୍ୟା ଶୁଣି ସେ ତତ୍‌କ୍ଷଣାତ୍ ପହଞ୍ଚି ଯାଆନ୍ତି ଘଟଣା ସ୍ଥଳରେ ଓ ନିଜକୁ ଏକାକାର କରି ଦିଅନ୍ତି ଲୋକ ମାନଙ୍କ ସୁଖ-ଦୁଃଖ ସହିତ । ସମସ୍ତଙ୍କୁ ସେ ସହଯୋଗର ହାତ ବଢାନ୍ତି । ବାସ୍ତବରେ ତାଙ୍କର ଅମାୟିକ ବ୍ୟବହାର, ସରଳତା, ନିଷ୍ଠାପରତା, ଅମାୟିକ ରାଜନୀତି, ସମର୍ପିତ ରାଜନେତା, ଆକର୍ଷଣୀୟ ଲୋକପ୍ରିୟତା, ଉତ୍ସର୍ଗୀକୃତ ଜନସେବା ଓ ପରୋପକାରୀ ମନୋଭାବ ଆଦି ମାନବୀୟ ଗୁଣ ପାଇଁ ସେ ସମସ୍ତଙ୍କର ପ୍ରିୟପାତ୍ର ।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର,*
*ମୋ-୯୩୩୭୩୬୯୪୪୮*

# ଆମ ଶିଶୁ ଦିବସ

ବିପିନବିହାରୀ ମହାନ୍ତି



ସ୍ୱାଧୀନ ଭାରତର ଦୁଇଜଣ କର୍ଣ୍ଣଧାର ହେଲେ ଗାନ୍ଧିଜୀ ଓ ପଣ୍ଡିତ ଜବାହାରଲାଲ୍ ନେହେରୁ । ଗାନ୍ଧିଜୀ ହେଉଛନ୍ତି ସ୍ୱାଧୀନ ଭାରତର ଜନକ, ଶ୍ରଦ୍ଧା ଓ ସମ୍ମାନର ଆମ ବାପୁଜୀ । ଅନ୍ୟପକ୍ଷରେ ନେହରୁ, ତାଙ୍କର ପରମଶିଷ୍ୟ, ଶିଶୁମାନଙ୍କ ପାଇଁ ସର୍ବଜନୀନ ଚାଚା ନେହେରୁ । ଉଭୟ ଅତ୍ୟନ୍ତ ଶିଶୁପ୍ରିୟ । ଗାନ୍ଧିଜୀଙ୍କ ମତରେ ଶିଶୁମାନେ ହେଉଛନ୍ତି ଆଧାତ୍ମିକ ଶକ୍ତିର ଏକ ଅପରୂପ ଭଣ୍ଡାର । ତେଣୁ ଶିଶୁମାନଙ୍କ ସାନ୍ନିଧ୍ୟରେ ରହି ସେମାନଙ୍କ ରହସ୍ୟମୟୀ ଶକ୍ତିଦ୍ୱାରା ପ୍ରଭାବିତ ହେବା ଲାଗିସେ ଆହ୍ୱାନ ହେଉଥିଲେ ।

ନେହରୁ ତାଙ୍କ ଜୀବନରେ ଦୁଇଟି କଥାକୁ ଅତ୍ୟନ୍ତ ଭଲପାଉଥିଲେ: ଗୋଲାପ ଫୁଲ ଏବଂ ଶିଶୁସମାଜ । ତାଙ୍କ ଭାଷାରେ ଶିଶୁମାନେ ହେଉଛନ୍ତି ବଗିଚାର କଳି ସଦୃଶ । ସେମାନଙ୍କୁ ଯାହାର ସହିତ ପାଳିବାକୁ ହେବ । Children are like buds in a garden and they should be carefully nurtured । ସେ ଏ ଜାତିର ଭାବୀ ନାଗରିକ । ସେମାନଙ୍କ ପ୍ରତି ଅବହେଳା କରିବା ଏକ ଅନାମଣୀୟ ଅପରାଧ । ଭାରତ ଯଦି ଦେହ ହୁଏ, ଶିଶୁମାନେ ହେଉଛନ୍ତି ତା'ର ଆତ୍ମା ସେମାନଙ୍କର ସବୁପ୍ରକାର ଅସୁବିଧା ଦୂର କରିବା ଆମ ସମସ୍ତଙ୍କର୍ କର୍ତ୍ତବ୍ୟ । ସ୍ୱାସ୍ଥ୍ୟବାନ ହେବା ପାଇଁ ଶିଶୁମାନେ ଖେଳିବା ଦରକାର କାରଣ ଦେଶ ରକ୍ଷାପାଇଁ ସ୍ୱାସ୍ଥ୍ୟବାନ ଲୋକ ଦରକାର । ଏହି କାରଣରୁ ଜାତିର ଅଗଣିତ ଅସହାୟ ଶିଶୁମାନଙ୍କ ଥଇଥାନ ଲାଗି ସେ ଯୋଜନାମାନ ପ୍ରଣୟନ କରିଥିଲେ ।

ଶିଶୁମାନଙ୍କ ମେଳରେ ସମୟ କଟାଇବାକୁ ସେ ସବୁଠାରୁ ବେଶୀ ଭଲ ପାଉଥିଲେ । ସେ ତାଙ୍କ ସହିତ ହସରେ, ଗପରେ, ଖେଳରେ ଓ ମଜାରେ ସମୟ ବିତାଉଥିଲେ । କର୍ମଜଞ୍ଜାଳରୁ ଟିକିଏ ମୁକ୍ତି ମିଳିଲେ ସେ ଧାଇଁ ଯାଉଥିଲେ ସେମାନଙ୍କୁ ଏବଂ କହୁଥିଲେ, "ତୁମମାନଙ୍କ ସହ ଗପକଲେ, ମୁଁ ଭୁଲିଯାଏ ମୋର ବାର୍ଦ୍ଧକ୍ୟ, ସତେ ଯେମିତି ମୁଁ ଫେରି ପାଇଯାଏ ମୋର ସେହି ସୁନାର ଶୈଶବ, ବିଗତ ଅତୀତ ଚଳଚିତ୍ର ପରି ମୋ ଆଖି ଆଗରେ ଗୋଟି ଗୋଟି ହୋଇ ନାଚିଉଠେ । ସରକାରୀ କଳର ଜଞ୍ଜାଳମୟ ପରିବେଶରୁ ମୋତେ ତୁମ୍ଭେମାନେ ଫେରାଇଆଣ ଏକ ନିରାମୟ ପରିବେଶକୁ ।" ନେହରୁ ଶିଶୁମାନଙ୍କ ସଙ୍ଗରେ ଶିଶୁ ହୋଇପାରୁଥିଲେ । କାରଣ ତାଙ୍କ ହୃଦୟ ସେମାନଙ୍କପରି ଥିଲା ସ୍ୱଚ୍ଛ । ସେ ଠିକ୍ ବୁଝିଥିଲେ ଯେ, ଶିଶୁମାନେ ଏକାଧାରରେ ହେଉଛନ୍ତି ସରଳ, କୋମଳ ଓ ନିଷ୍ପାପ । ସେମାନଙ୍କଠାରୁ ସେ ପାଉଥିଲେ ନୈଶରିକ ଆନନ୍ଦ ଓ ଅସରନ୍ତି କର୍ମ ପ୍ରେରଣା । ଏକଦା ଏକ ବିଦ୍ୟାଳୟକୁ ସେ ଅତିଥି ହୋଇ ଯାଇଥିଲେ । ସେଠି ସେ ପିଲାଙ୍କର ଏକ ନାଟକ ଦେଖିଲେ । ନାଟକ ପରେ ପିଲାମାନେ ତାଙ୍କୁ ମଞ୍ଚ ଉପରକୁ ଭାଷଣ ପାଇଁ ଡାକିଲେ । ସେ ସେଠାକୁ ଶିଶୁ ସୁଲଭ ଠାଣିରେ ଗଲେ, ଡାକ ବାଜି ଯନ୍ତ୍ର ଧରିଲେ ଏବଂ ସେହି ଶିଶୁସୁଲଭ ଢ଼ାଞ୍ଚାରେ କହିଥିଲେ-Every-one-else that has been performing on this stage tonight has had an elaborate constumes on. And how do you expect me to perform without one. ଏହାହିଁ ପିଲାମାନଙ୍କ ହାସ୍ୟରୋଳ ସୃଷ୍ଟି କରିଥିଲା ।



ଏକଦା ଦିଲ୍ଲୀରେ ଏକପୁସ୍ତକମେଳା ଅନୁଷ୍ଠିତ ହୋଇଥାଏ ଏବଂ ନେହରୁ ଇନ୍ଦିରା ଗାନ୍ଧୀଙ୍କ ସହିତ ଯାଇଥାନ୍ତି । ପୁସ୍ତକମେଳାରେ ବୁଲୁବୁଲୁ ସେ ଯାଇ ଶିଶୁ ସାହିତ୍ୟ ବିଭଗରେ ପହଞ୍ଚିଲେ ଯେଉଁଠି ସେ ବହୁତ ସମୟ କଟାଇଥିଲେ । ସେଠାରେ ଗୋଟିଏ ଶିଶୁ ବହିଟିଏ ଧରିଛିଡ଼ା ହୋଇଥାଏ । ସେ ତା ପାଖକୁ ଯାଇ ତା ପିଠି ଆଉଁସି, ତା ସହିତ ସେ ବହିଟିର ଗୋଟିଏ ପୃଷ୍ଠା ତା'ଲାଖେ ଥଙ୍ଗେଇ ଥଙ୍ଗେଇ ପଢ଼ିଥିଲେ ଯାହା ଅନ୍ୟମାନଙ୍କୁ ଅଭିଭୂତ ଓ ବିସ୍ମିତ କରାଇଥିଲା ।

ଥରେ ସେ 'ସଙ୍କର୍ସ ଉଇକ୍ଲି' ଶିଶୁକଳ ପ୍ରତିଯୋଗିତା ଦେଖିଲାପରେ ଲେଖିଥିଲେ, "ଏହି ଚିତ୍ରଗୁଡ଼ିକ ଦେଖିଲେ ସାରା ପୃଥିବୀର ଅଗଣିତ ଶିଶୁ ସମୁଦ୍ର ମୋ ଆଖିଆଗରେ ନାଚି ଉଠନ୍ତି । ସେମାନଙ୍କ ଭାଷା ଓ ପରିପାଟୀରେ ଭିନ୍ନତା ଥିଲେ ମଧ୍ୟ ସମସ୍ତେ ମୋତେ ଏକାଭଳି ଦିଶନ୍ତି । ଏକାଠି ହେଲେ ସେମାନେ ଖେଳନ୍ତି ଓ କଜିଆ ମଧ କରନ୍ତି । ସୋମନଙ୍କ କଜିଆ ବି ଗୋଟିଏ ପ୍ରକାର ଖେଳ । ସେମାନଙ୍କ ଭିତରେ ଥିବା ଜାତି, ଧର୍ମ ଓ ବର୍ଣ୍ଣର ପ୍ରଭେଦ ସେମାନେ ଜାଣିପାରନ୍ତି ନାହିଁ । ସେମାନେ ନିଜ ବାପା ମା'ଙ୍କଠାରୁ ଅଧିକ ବୁଦ୍ଧିମାନ । ହେଲେ, ସେମାନଙ୍କ ବିଚାର ବୁଦ୍ଧି ବହୁ ସମୟରେ ନଷ୍ଟ କରିଥାନ୍ତି ତାଙ୍କ ଗୁରୁଜନମାନେ ।"

ନେହରୁଙ୍କ କାରଣରୁ ଶିଶୁମାନେ ଭାରତ ସରକାରଙ୍କ ସହାୟତା ପାଇ ବିଦେଶ ଭ୍ରମଣରେ ଯାଇଥିଲେ ଓ ବିଦେଶୀ ପିଲାଙ୍କ ପାଇଁ ଭାରତରୁ ପ୍ରଥମ କରି ବିଭିନ୍ନ ଜୀବଜନ୍ତୁ ଉପହାର ସେ ଦେଶମାନଙ୍କରେ ଦିଆଯାଇଥିଲା । ତାଙ୍କର ସେହି ଶିଶୁମାନଙ୍କୁ ଭଲପାଇବାକୁ ନେଇ ପ୍ରତିବର୍ଷ ତାଙ୍କ ଜନ୍ମଦିବସକୁ 'ଶିଶୁ ଦିବସ' ରୂପେ ପାଳିତ ହୁଏ । ତାଙ୍କର ଏ ଶିଶୁ ପ୍ରେମକୁ ଦେଖି ଡ଼କ୍ଟର ଜାକିର୍ ହୁସେନ୍ କହିଥିଲେ- 'For nobody has deep love and reverence for children as Jawahar Lal. ଅର୍ଥାତ୍ ନେହେରୁଙ୍କ ପରି କେହି ଶିଶୁମାନଙ୍କୁ ଏତେ ଗଭୀର ଭାବରେ ଭଲ ପାଇଯାଇଛନ୍ତି । ଯଥାର୍ଥରେ ସେ, ସେମାନଙ୍କର ଆଦରଣୀୟ ଚାଚା ନେହରୁ ବା ନେହରୁ ଚାଚା । ଏହି ଶିଶୁ ପ୍ରିୟ ମହାପୁରୁଷଙ୍କର ଆବିର୍ଭାବ ହୋଇଥିଲା ୧୪ ନଭେମ୍ବର ୧୮୮୯ରେ ଏବଂ ଶିଶୁମାନେ ତାଙ୍କ ପ୍ରିୟ ଚାଚାଙ୍କୁ ହରାଇଥିଲେ ୨୭ମେ ୧୯୬୪ରେ । ସେ ସ୍ୱଦେହରେ ଏବେ ଆମପାଖରେ ନାହାଁନ୍ତି ସତ, ହେଲେ ସେ କାଳେ କାଳେ ଆମ ପାଖେ ନେହରୁ ଚାଚା ହୋଇ ରହିଥିବେ ।

*-ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶ ନଗର, ଜଟଣୀ, ଖୋର୍ଦ୍ଧା, ମୋ., ୯୯୩୮୩୪୧୩୮*

# ଭାରତରତ୍ନ-ବିନୋବା ଭାବେ



ଦେବଭୂମି ଭାରତବର୍ଷରେ ଏପରି କୌଣସି ଭୂଖଣ୍ଡ ନାହିଁ ଯେଉଁଠାରେ ସିଦ୍ଧ ସନ୍ଥମାନଙ୍କର ଆବିର୍ଭାବ ନଘଟିଛି । ମହାରାଷ୍ଟ୍ର ମଧ୍ୟ ଏ ସୌଭାଗ୍ୟରୁ ବଞ୍ଚିତ ହୋଇନାହିଁ । ସନ୍ଥ ନାମଦେବ, ସନ୍ଥ ଜ୍ଞାନଦେବ, ସନ୍ଥ ଏକନାଥ, ସନ୍ଥ ତୁକାରାମଙ୍କ ପରି ମହାନ ସନ୍ଥମାନେ ଏଠାରେ ଜନ୍ମ ନେଇଛନ୍ତି । ବିନୋବା ଭାବେ ଥିଲେ ସେହିପରି ଜଣେ ସନ୍ଥ ଯିଏ ୧୮୯୫ ମସିହା ସେପ୍ଟେମ୍ବର ୧୧ରେ ଜନ୍ମ ଗ୍ରହଣ କରିଥିଲେ । ମାତ୍ର ତିନି ବର୍ଷରେ ସେ ଅକ୍ଷର ଶିଖି, ଗୀତା ପାଠ ଆରମ୍ଭ କରିଦେଲେ । ଆଠ ବର୍ଷରେ ବାଲ୍ୟଶିକ୍ଷା ସାରି ସେ ଗୀତାଜ୍ଞାନେଶ୍ୱରୀ ତାଙ୍କର କଣ୍ଠସ୍ଥ ହୋଇଗଲା । ଜନ୍ମ ସ୍ଥାନ ବରୋଦାରୁ ବାଲ୍ୟଶିକ୍ଷା ସାରି ସେ ଅହମଦାବାଦ ଯାଇ ମାଟ୍ରିକ ପାସ୍ କଲେ । ଭାରତୀୟ ଶିକ୍ଷାର ମୂଳଧାର ସଂସ୍କୃତ ଅଧ୍ୟୟନ ଲକ୍ଷ୍ୟରେ କାଶୀ ଚାଲିଗଲେ । ସେଠାରେ ମୁକ୍ତି ସଂଗ୍ରାମର ମହାରଥୀ ତାନ୍ତିଆ ଟୋପେଙ୍କ ଭଗ୍ନୀଙ୍କ ଗୃହରେ ରହି ବାର ବର୍ଷର ସଂସ୍କୃତ ଶିକ୍ଷାକୁ ମାତ୍ର ତିନିମାସରେ ସାରିଦେଲେ । ୧୯୧୬ ମସିହାରେ କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଗାନ୍ଧିଜୀଙ୍କ ପ୍ରଦତ୍ତ ଭାଷଣ ତାଙ୍କୁ ମୁକ୍ତି ସଂଗ୍ରାମ ପାଇଁ ଆକୃଷ୍ଟ କରିଥିଲା । ସେ ସାବରମତୀ ଆଶ୍ରମକୁ ଯାଇ ବାପୁଜୀଙ୍କୁ ସାକ୍ଷାତ କଲେ । ଏପରି ହେଲା ଯେ ପରସ୍ପର ପରସ୍ପରକୁ ଗୁରୁଜ୍ଞାନ କଲେ । ଗୀତାଜ୍ଞାନ ଆହରଣ ପାଇଁ ବାପୁଜୀ ବିନୋବାଜୀଙ୍କୁ ଗୁରୁ ମଣୁଥିବା ସ୍ଥଳେ ମୁକ୍ତି ସଂଗ୍ରାମୀ ପରିଚାଳନାରେ ବିନୋବାଜୀ ବାପୁଜୀଙ୍କୁ ଗୁରୁ ଆସନ ଦେଇଥିଲେ । ନିଜେ ବାପୁଜୀ ବିନାୟକଙ୍କୁ ବିନୋବା ଭାବେ ନାମ ପ୍ରଦାନ କରିଥିଲେ । ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ସଂପୃକ୍ତି ହେତୁ ବିନୋବାଜୀ ତିନିବର୍ଷ ଜେଲଦଣ୍ଡ ଭୋଗିଲେ । ଜେଲ ଜୀବନ କଟାଇବା ସମୟରେ ସେ ଅନେକ ଦୁର୍ଲଭ ଲେଖା ରଚନା କରିବା ସହ ସମସ୍ତ ଭାରତୀୟ ଭାଷା ବନ୍ଦୀମାନଙ୍କଠାରୁ ଶିଖି ନେଇଥିଲେ । ଜେଲରୁ ମୁକ୍ତ ହେବା ପରେ ସେ ସତ୍ୟାଗ୍ରହ, ସାରସ୍ୱତ, ସାଧନା, ସର୍ବୋଦୟ, ଗୋସୁରକ୍ଷା, ନିଶା ନିବାରଣ, ମୌଳିକ ଶିକ୍ଷା, ଗୀତାଜ୍ଞାନ ଶିକ୍ଷା ଭଳି ମହାନ କାର୍ଯ୍ୟରେ ମଜି ରହିଥିଲେ । ୧୯୪୮ ମସିହାରେ ବାପୁଙ୍କ ବିୟୋଗ ତାଙ୍କୁ ଭାରି ବାଧିଥିଲା । ମାତ୍ର ବିଚଳିତ ନହୋଇ ସମଗ୍ର ଭାରତବର୍ଷ ପଦ ଯାତ୍ରା କଲେ । ଲକ୍ଷ୍ୟ ଥିଲା ସମାଜର ଅବହେଳିତ, ଦଳିତମାନଙ୍କ ସହ ମିଶିବା ଓ ସେମାନଙ୍କୁ ବାପୁ ଆଣିଥିବା ସ୍ୱାଧୀନତାର ଉଦ୍ଦେଶ୍ୟ ବୁଝାଇବା । ନିଃସ୍ୱ କୃଷିଜୀବୀମାନଙ୍କୁ କିଛି ଚାଷ ଜମି ଯୋଗାଇ ଦେବା ଲକ୍ଷ୍ୟରେ ସେ ଭୂଦାନ ଯଜ୍ଞ ଆରମ୍ଭ କରିଥିଲେ । ସନ୍ଥ ବିନୋବା ସମଗ୍ର ଦେଶ ବୁଲି ମାତ୍ର ପାଞ୍ଚ ବର୍ଷ ମଧ୍ୟରେ ୧୨ ଲକ୍ଷ ଏକର ଜମି ପାଇ ଦରିଦ୍ର ନିସ୍ୱମାନଙ୍କୁ ବାଣ୍ଟି ଦେଲେ । ୧୯୫୫ରେ ବିନୋବାଜୀଙ୍କ ପାଦ ଓଡ଼ିଶା ମାଟିରେ ମାଡ଼ିଲା । ଏଠାରେ ମଧ ତାଙ୍କୁ ୩ଲକ୍ଷ ଏକର ଜମି ମିଳିବା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ । ଶ୍ରୀକ୍ଷେତ୍ରରୁ ବ୍ରହ୍ମପୁର ଦେଇ ଚିର ଅବହେଳିତ ବନବାସୀ ବହୁଳ କୋରାପୁଟ ଜିଲ୍ଲାରେ ପହଞ୍ଚିଲା ଭୂଦାନଜୀଙ୍କ ପଦଯାତ୍ରା । କେବଳ ଜମି ନୁହେଁ ୨୭୦ ଖଣ୍ଡ ଗ୍ରାମବାସୀ ତାଙ୍କୁ ଗ୍ରାମ ଦାନ କରି ଇତିହାସ ରଚିଲେ । ସେ ସବୁ ଗ୍ରାମର ପ୍ରତ୍ୟେକ ଗ୍ରାମବାସୀ ପରସ୍ପର ଦୁଃଖ ସୁଖରେ ସମଭାଗି ହୋଇ ଚଳିବାକୁ ସନ୍ଥଙ୍କ ସମ୍ମୁଖରେ ସଂକଳ୍ପ କଲେ । ସଦାଶିବ ତ୍ରିପାଠୀ ନିଜ ପୈତୃକ ସଂପତ୍ତିରୁ ୫୦ ଏକର ଭୂଦାନ ଯଜ୍ଞରେ ଦାନ ଦେଇ ରାଜ୍ୟ ପାଇଁ ଆଦର୍ଶ ହୋଇଗଲେ । ଦୀର୍ଘ ୪ ମାସ ଧରି କୋରାପୁଟ ଜିଲ୍ଲାର ଗାଁକୁ ଗାଁ ପରିକ୍ରମା କରିଥିଲେ ସନ୍ଥ ବିନୋବାଜୀ ଏହି ଐତିହାସିକ ଯାତ୍ରାରେ ସନ୍ଥଙ୍କ ସହ ସାମିଲ ଥିଲେ ମା'ରମାଦେବୀ, ମା'ଅନ୍ନପୂର୍ଣ୍ଣାଦେବୀ, ମାକ୍ଷ ଗାଦୋବରୀ ଦେବୀ, ମା'ଇନ୍ଦୁମତୀ ଦେବୀ, ମା'ମାଳତୀ ଦେବୀ, ସଦାଶିବ ତ୍ରିପାଠୀ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ବାଞ୍ଛାନିଧି ମିଶ୍ର, ମହମ୍ମଦ ବାଜୀ, ବିଚିତ୍ରାନନ୍ଦ ମହାନ୍ତି, ବିଶ୍ୱନାଥ ପଟ୍ଟନାୟକ ଓ ଆହୁରି ଅନେକ । ସର୍ବୋଦୟ ଚିନ୍ତନର ଶ୍ରେୟ ହିଁ ମିଳିଛି ଏହି ପଥିତଯଶାମାନଙ୍କୁ । ପୂଜ୍ୟ ବିନୋବାଜୀ ଥିଲେ ଜଣେ ବହୁ ଭାଷାବିତ୍ ଓ ସାରସ୍ୱତ ସାଧକ । ବୈଦିକ ଧର୍ମଗ୍ରନ୍ଥ ବେଦ, ବେଦାନ୍ତ, ପୁରାଣ, ଉପନିଷଦ, କୋରାନ, ବାଇବେଲ, ଗୁରୁଗ୍ରନ୍ଥ ସାହେବ, ବୌଦ୍ଧ ଦର୍ଶନ, ଜୈନ ଦର୍ଶନର ଗୁରୁତ୍ୱକୁ ସେ ଆହରଣ କରି ନିର୍ଭୁଲ ଭାବେ ବୁଝାଇ ପାରୁଥିଲେ । ସାମ୍ୟବାଦର ବୈପ୍ଳବିକ ଚିନ୍ତନକୁ ସନ୍ଥ ବିନୋବାଙ୍କ ଭୂଦାନ, ଗ୍ରାମଦାନ, ଗ୍ରାମସ୍ୱରାଜ୍ୟ, ସର୍ବୋଦୟ ଆଦିର ସଫଳତା ବଦଳାଇ ଦେଇଥିଲା । ଏହି ମହାନ ନୀତିନିଷ୍ଠ ସନ୍ଥଙ୍କର ୧୯୮୨ ମସିହା ନଭେମ୍ବର ୧୫ରେ ପରଲୋକ ହୋଇଯାଇଥିଲା । ୧୯୮୩ରେ ତାଙ୍କୁ ମରଣୋତ୍ତର ଭାରତରତ୍ନ ସମ୍ମାନ ଅର୍ପଣ କରାଗଲା କିନ୍ତୁ ଗାନ୍ଧିଜୀଙ୍କ ରାମରାଜ୍ୟ ଗଠନ କରିବା ସ୍ୱପ୍ନ ଅଧାରେ ରହିଗଲା ।




# ପୁଷ୍ପଲତା ମଲ୍ଲିକଙ୍କ ଆଶ୍ରୟ ସ୍ଥଳୀ ଗାଁ କୋଠଘର

ବାଲିଅନ୍ତା : ବାଲିଅନ୍ତା ବ୍ଲକ ଅଧିନସ୍ଥ ଜୟଦେବ ଗ୍ରାମ ପଂଚାୟତରେ ଦେଖିବାକୁ ମିଳିଛି ସରକାରଙ୍କର ଗରିବ ହିତାଧିକାରୀମାନଙ୍କ ପାଇଁ ବିଜୁ ପକାଘର ଓ ପ୍ରଧାନମନ୍ତ୍ରୀଙ୍କ ବାସଗୃହ ପାଲଟିଛି ସାତ ସପନ । କେନ୍ଦୁ ବିଲ୍ଲ ଦେଉଳି ଗ୍ରାମର ପୁଷ୍ପଲତା ମଲ୍ଲିକଙ୍କ ସଂସାର କହିଲେ ସ୍ୱାମୀ ସ୍ତ୍ରୀ ଓ ଦୁଇଟି ପିଲା । ତାଙ୍କ ଝାଟିମାଟିରେ ତିଆରି ବାସଗୃହ ଗତ ଫନି ବାତ୍ୟାରେ ସମ୍ପୂର୍ଣ୍ଣ ଭାଙ୍ଗି ମାଟିରେ ମିଶି ଯିବା ପରେ ସେ ବାସ ହରା ହୋଇ ଗାଁର ଲୋକମାନଙ୍କ ସହାୟତାରେ ଗାଁର କୋଠ ଘରକୁ ନିଜର ବାସ ସ୍ଥଳୀ ରୂପେ ବ୍ୟବହାର କରୁଛନ୍ତି । ତାଙ୍କର ଅସହାୟ ଅବସ୍ଥାକୁ ଉଚ୍ଚ ପ୍ରଶାସନିକ ଅଧିକାରୀ ଓ ରାଜ ନେତାଙ୍କ ପାଖରେ ଗୁହାରି କଲେ ମଧ ଏଯାବତ କେହି ତାଙ୍କ କଥାକୁ କର୍ଣ୍ଣପାତ କରୁ ନଥିବା ସେ ନିଜର କୋହ ଭରା ଖଣ୍ଡରେ ବଖାଣିଛନ୍ତି । ଏପରିକି ଫନି ସମୟରେ ଅସହାୟ



କ୍ଷୟକ୍ଷେତି ବାବତକୁ ସରକାର ଦେଇଥିବା ସହାୟତା ରାଶି ପ୍ରସ୍ତୁତ ସମୟର ତାଲିକାରେ ତାଙ୍କ ନାମ ଆଂଶିକ କ୍ଷେତି ସୂଚା ଯାଇଥିବାରୁ ସେ ୯୫ ହଜାର ଟଙ୍କା ପାଇବାରୁ ବଂଚିତ । ଦୁଃଖର ବିଷୟ ପରିବାର ଅଭାବ ଅନାଟନରେ ଗତି କରୁଥିବା ବେଳେ ସେ ରୋଗଗ୍ରସ୍ତ ହୋଇ ଔଷଧ କ୍ରୟ କରିବା ତାଙ୍କ ପକ୍ଷେ ଅସମ୍ଭବ ହୋଇ ପଡିଚି । ପୁଷ୍ପଲତାଙ୍କ ପରିବାରକୁ ମୁଣ୍ଡ ଗୁଞ୍ଜିବା ପାଇଁ ବ୍ଲକ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏକ ବାସଗୃହ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି

## ଶିଶୁ ଅଧିକାର ସପ୍ତାହ ପାଳନ ଅବସରରେ ଶିଶୁ ପାଇଁ ଦିନଟିଏ

ଭୁବନେଶ୍ୱର,(ପି.ଏନ): ଶିଶୁ ହସିଲେ, ଦୁନିଆ ହସେ। ତେଣୁ ପ୍ରତ୍ୟେକ ଶିଶୁ ମୁହଁରେ ହସ ଭରିଦେବା ପାଇଁ ସ୍ୱେଚ୍ଛାସେବୀ ସେବାକେନ୍ଦ୍ର ଭୁବନେଶ୍ୱର ତରଫରୁ ଶିଶୁ ଅଧିକାର ସପ୍ତାହ ପାଳନ ଅବସରରେ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଏସ୍‌ସିପିସିର ସଦସ୍ୟା ଦିବ୍ୟା ଶାଶ୍ୱତୀ ଯୋଗ ଦେଇ ଛାତ୍ରଛାତ୍ରୀଙ୍କର ଏକ ଉତମ ଭବିଷ୍ୟତ ଏବଂ ଶିଶୁ ଶ୍ରମିକ ଦୂର କରି, ଶିଶୁ ଶିକ୍ଷାକୁ ଗୁରତ୍ୱ ଦେବା ଉପରେ ଆଲୋକପାତ କରିଥିଲେ। ସମାଜସେବୀ ସମ୍ବିତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏକ ସୁନ୍ଦର ପରିବେଶ ପାଇଁ ଶିଶୁମାନେ ଆଗକୁ ଆସନ୍ତୁ ବୋଲି କହିଥିଲେ। ସ୍ୱେଚ୍ଛାସେବୀ ସେବା କେନ୍ଦ୍ରର ସମ୍ପାଦକ ବାପି ନାୟକ କହିଥିଲେ ଯେ, ସମାଜରୁ ସମସ୍ତ ଶିଶୁ ଶ୍ରମିକ ଓ ବାଲ୍ୟବିବାହକୁ ବନ୍ଦ କରିବା ଦରକାର। ଏଥିପାଇଁ ପ୍ରତ୍ୟେକ ସଚେତନ ନାଗରିକଙ୍କ ଠାରୁ ଆରମ୍ଭ କରି ଯୁବପିଢିମାନେ ଧ୍ୟାନ ଦେବା ଉଚିତ୍। ଏହି ଅବସରରେ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟରେ ଅନ୍‌ଲାଇନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଯୌତୁକ ଜନିତ ହତ୍ୟାକାଣ୍ଡରୁ ବିଜୟ ହାଇକୋର୍ଟରୁ ମୁକୁଳିଲା

ଅନୁଗୋଳ ୧୫।୧୧ ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଅଂର୍ଗତ ଲୁହାମୁଣ୍ଡା କ୍ଷେତ୍ରପାଳ ସାହିର ବିମଳା ନାହାକଙ୍କୁ ଯୌତୁକ ଜନିତ ହତ୍ୟା କରିଥିବା ଅଭିଯୋଗରେ ବିଜୟ ଭୋଇକୁ ଗତ ୨୮।୩।୨୦୦୬ରିଖରେ ଅନୁଗୋଳ ଅତିରିକ୍ତ ଜିଲ୍ଲା ଜଜ ଭାରତୀୟ ପିଙ୍ଗଳ କୋର୍ଡର ଧାରା ୩୦୪-ବି ଅନୁଯାୟୀ ଦୋଷୀ ବୋଲି ଘୋଷଣା କରି ଆଠ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଯୌତୁକ ଜନିତ ନିର୍ଯାତନା ପାଇଁ ଏକ ବର୍ଷ ଓ ଯୌତୁକ ଦାବି କରିଥିବା ଅପରାଧରେ ୬ମାସ ପାଇଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ବିଜୟ ଅନୁଗୋଳ ଅତିରିକ୍ତ ଜିଲ୍ଲା ଜଜଙ୍କ ଆଦେଶ ବିରୋଧରେ ଓଡିଶା ଉଚ୍ଚ ନ୍ୟାୟାଳୟରେ ଅପିଲ କରିଥିଲେ । ମାନ୍ୟବର ଉଚ୍ଚ ନ୍ୟାୟାଳୟ ଉପରୋକ୍ତ ମାମଲାକୁ ବିଚାରକୁ ନେଇ ଗତ ଦୁଇ ତାରିଖ ଦିନ ଶୁଣାଣୀ କରି ବିଜୟ ଭୋଇକୁ ଯୌତୁକ ଜନିତ ହତ୍ୟାକାଣ୍ଡରୁ ଦୋଷମୁକ୍ତ କରିଛଂି । ପ୍ରକାଶ ଥାଉ କି ବିମଳାର ବାପା କୃଷ୍ଣ ନାହାକ ତା ୯।୧।୨୦୦୪ରିଖ ଦିନ ହଣ୍ଡପା ଥାନାରେ ଏକ ଲିଖିତ ଅଭିଯୋଗରେ ଜଣାଇଥିଲେ ଯେ ବିଜୟ ଓ ବିମଳା ଘଟଣାର ନଅ ମାସ ପୂର୍ବରୁ ଉଭୟ ଉଭୟକୁ ଭଲ ପାଇ ବିବାହ କରିଥିଲେ ଓ ବିବାହ ପରେ ବିଜୟ କୁଆଡେ ଯୌତୁକ ପାଇଁ ବିମଳାକୁ ତଂଟି ଚିପି ଜୀବନରେ ମାରି ଦେଇଥିଲା । ଅଭିଯୋଗକୁ ଆଧାର କରି ସମସ୍ତ ସାକ୍ଷୀ ମାନଙ୍କର ବୟାନକୁ ଆଧାର କରି ବିଜୟକୁ ଦୋଷୀ ବୋଲି ଘୋଷଣା କରି ଆଠ ବର୍ଷ ସଶ୍ରମ ଦଣ୍ଡରେ ଦଣ୍ଡିତ କରିଥିଲେ । ଉକ୍ତ ମାମଲାକୁ ଓଡିଶା ନ୍ୟାୟାଳୟରେ ଅନୁଗୋଳର ହାଇକୋର୍ଟରେ ଓକିଲାତି କରୁଥିବା ଆଶୁତୋଷ ତ୍ରିପାଠୀ ଓ ପାର୍ଥସାରଥି ତ୍ରିପାଠୀ ପରିଚାଳନା କରୁଥିଲେ।

# ପଣ୍ଡିତ ନେହେରୁ ନବଭାରତର ସମର୍ଥ ବିନ୍ଧାଣି ଥିଲେ

ଭୁବନେଶ୍ୱର,(ପି.ଏନ): ପଣ୍ଡିତ ଜବାହରଲାଲ ନେହେରଙ୍କୁ ଜନ୍ମଦିବସ ଅବସରରେ ଅଲଇଣ୍ଡିଆ ପ୍ରଫେସନାଲ କଂଗ୍ରେସ ଓଡ଼ିଶା ରାଜ୍ୟ ତରଫରୁ ଏକ ଭର୍ଚ୍ୟୁଆଲ ଆଲୋଚନା ଚକ୍ର ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ମମତା କୁଣ୍ଡୁଙ୍କ ପୌରହିତ୍ୟରେ ଆଜି ଅନୁଷ୍ଠିତ ହୋଇଅଛି। ଏହି ଆଲୋଚନା ଚକ୍ରରେ ଅତିଥି ଭାବରେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ ସ୍ୱାଧୀନ ଭାରତର ସମୃଦ୍ଧ ଗଣତାନ୍ତ୍ରିକ ମୂଳଦୁଆ ପ୍ରତିଷ୍ଠା କରିବାରେ ପଣ୍ଡିତ ନେହେରୁଙ୍କ ସଫଳ ଦୂରଦୃଷ୍ଟି ସପର୍କରେ ଆଲୋକପାତ କରିଥିଲେ। ଜଷ୍ଟିସ ମନୋରଜ ମହାନ୍ତି ଓ ବିଶିଷ୍ଟ ସମ୍ବକାର ନଟବର ଖୁଂଟିଆ ଆଲୋଚନା ଚକ୍ରରେ ଭାଗନେଇ ଓଡ଼ିଶାର ବିକାଶ ପୃଷ୍ଠଭୂମିରେ ନେହେରୁଙ୍କ ଆଭିମୂଖ୍ୟରେ ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ। ଆଂଜାତିକ ସ୍ତରରେ ସ୍ୱାଧୀନ ଭାରତର ଏକ ସମ୍ଭ୍ରାନ୍ତ ଛବି ନିର୍ମାଣ କରିବାରେ ନିଜର ୧୭ ବର୍ଷର ଶାସନ କାଳରେ ନେହେରୁଙ୍କ ପାରଦର୍ଶିତାକୁ ସମଗ୍ର ବିଶ୍ୱ ସମ୍ମାନ ଦେଉଥିଲା ବୋଲି ସଭାପତି ଶ୍ରୀମତୀ କୁଣ୍ଡୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସନାଲ କଂଗ୍ରେସ ରାଜ୍ୟ ସଂପାଦକ ଆଇନଜୀବୀ ଆକାଶ ଭୂୟାଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଉପସଭାପତି ସଂଜୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶାଶ୍ୱତ ମହାନ୍ତି, ସବ୍ୟସାଚୀ ମହାପାତ୍ର, ମନିଷା ନନ୍ଦ, ବ୍ୟାସଦେବ ନନ୍ଦ, ମିତ୍ରଭାନୁ ମହାପାତ୍ର ସମେତ ଅନେକ ଯୋଗଦାନ କରିଥିଲେ ବୋଲି ଶ୍ରୀମତୀ କୁଣ୍ଡୁ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି।

# ନିଖିଳ ଓଡିଶା ଆଇନଜୀବୀ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଅନୁଗୋଳ ୧୫।୧୧ ଅନୁଗୋଳସ୍ଥିତ ଏକ ଘରୋଇ ହୋଟେଲରେ ନିଖିଳ ଓଡିଶା ଆଇନଜୀବୀ ସଂଘର କାର୍ଯ୍ୟକାରିଣୀ ବୈଠକ ଉପସଭାପତି ସୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଗତ ଶନିବାର ଦିନ ନୁଷ୍ଠିତ ହୋଇଯାଇଛି । ପ୍ରରମ୍ଭରେ ସଂଘ ସଭାପତି ଗୋପାଳ କୃଷ୍ଣ ମହାଁଙ୍କ ମାତା ୰ ସରଳା ମହାଁଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ରାଜ୍ୟର ବିଭିନ୍ନ ବାରକୁ ଉପସ୍ଥାପନା କରୁଥିବା ଆଇନଜୀବୀମାନେ ଓକିଲମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହ ଗୁମାତ୍ମକ ବିକାସ ନିମର୍ତ୍ତେ କିପରି ଉନ୍ନତିମୂଳକ ପଦକ୍ଷେପ ନିଆଯାଇ ପାରିବ ସେଥିପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ । ଆସନ୍ତା ଡିସେମ୍ବର ୨୯ତାରିଖରେ ହେବାକୁ ଥିବା ୨୦୨୧ବର୍ଷପାଇଁ ବାର୍ଷିକ ଉତ୍ସବ ଓ ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ କଟକ ଜିଲ୍ଲା ସାଲେପୁରଠାରେ କରାଯିବାକୁ ସ୍ଥାନ ନିରୁପଣ କରାଗଲା । ଏହି ସମାରୋହରେ ସଦସ୍ୟ ସଂଖ୍ୟା କିପରି ବୃଦ୍ଧି ହେବ ଓ ସୁରୁଖୁରୁରେ ପାଳନ ହେବ ସେ ବିଷୟରେ ବିଷଦ ଭାବରେ ଆଲୋଚନା ହୋଇଥିଲା । ଆଇନଜୀବୀମାନଙ୍କର ସର୍ବନିମ୍ନ ଆୟକୁ ନିର୍ଦ୍ଧାରଣ କରିବା ସହ ଓକିଲମାନଙ୍କ ପାଇଁ ଧାର୍ଯ୍ୟ କରାଯାଇଥିବା କର୍ପାସ ପାଣ୍ଠିର ଅନୁଦାନ ପରିମାଣ ୫ କୋଟିରୁ ୮ କୋଟିକୁ ବୃଦ୍ଧି କରିବା ନିମନ୍ତେ ଦୃଢ ସ୍ୱର ଉତୋଳନ ପାଇଁ ମତ ପ୍ରକାଶ ପାଇଥିଲା । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ବିଚିତ୍ରାନନ୍ଦ ବଡଜେନା, ସଂପାଦକ ସୁଶାନ୍ତ କୁମାର ବରାଳ, ସଂଗଠନ ସଂପାଦକ ରମେଶ ବଳ, ଭଦ୍ରକ ସଂଘର ରାଜେନ୍ଦ୍ର ପ୍ରଧାନ, ବୌଦ୍ଧର ଜୁଲିଅସ ସିଜର ମହାକୁଡ, ବାଲେଶ୍ୱରର ସୁଧାଂଶୁ ଦାସ, ରାଉରକେଲାର ସରୋଜ ମହାପାତ୍ର, ଅନୁଗୋଳର ସୁଶାନ୍ତ ମିଶ୍ର, ଉଚ୍ଚ ନ୍ୟାୟାଳୟର ଦେବାଶିଷ ମିଶ୍ର, ବିଭୁଦତ ବାରିକ, ଜଗଦିଶ ସାହୁ, ସଚିନ୍ଦ୍ର କହଁର, ସରୋଜ କୁମାର ଦାସ, ଅନୁଗୋଳ ବାରର ସୋମନାଥ ରାଉତ, ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଅନୁଗୋଳ ବାରର ଶତ୍ରୁଘ୍ନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଯୁବ ସାମ୍ବାଦିକ ମହେଶ ପାଢୀଙ୍କୁ ୨୦୨୧ର ଶ୍ରେଷ୍ଠ ସାମ୍ବାଦିକ ସମ୍ମାନ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡାର ଯୁବ ସାମ୍ବାଦିକ ମହେଶ ପାଢୀଙ୍କୁ ୨୦୨୧ର ଶ୍ରେଷ୍ଠ ସାମ୍ବାଦିକ ଭାବେ ସମ୍ମାନିତ କରାଯାଇଛି । ମେଟ୍ରୋଟିଭିର କେନ୍ଦ୍ରାପଡା ଜିଲ୍ଲା ପ୍ରତିନିଧି ଶ୍ରୀ ପାଢୀଙ୍କୁ ଭୁବନେଶ୍ୱରସ୍ଥିତ ହୋଟେଲ ପ୍ରେସିଡେନସିର କନଫରେନ୍ସ ହଲରେ ମେଟ୍ରୋଟିଭିର ପ୍ରତିଷ୍ଠାତା ପିୟୁସ ମହାନ୍ତି ଚଳିତ ୨୦୨୧ବର୍ଷ ପାଇଁ ଶ୍ରେଷ୍ଠ ସାମ୍ବାଦିକ ଭାବେ ସମ୍ମାନିତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମେଟ୍ରୋଟିଭିର ସମ୍ପାଦକ ପ୍ରକାଶ ରଥ ଉପସ୍ଥିତ ଥିଲେ। ଏହାକୁ ନେଇ ସାମ୍ବାଦିକ ଶ୍ରୀ ପାଢୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ବରଗଡରେ ସ୍ମାର୍ଟ ହେଲ୍‌ଥ କାର୍ଡ ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର, (ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ବରଗଡ ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି । ଜିଲ୍ଲାର ପ୍ରାୟ ୩.୬୪ ଲକ୍ଷ ଲୋକ ଏହି ସୁବିଧା ପାଇବେ । ବରଗଡ ସହିତ ରାଜ୍ୟର ୧୧ଟି ଜିଲ୍ଲା ଏହି କାର୍ଯ୍ୟକ୍ରମରେ ସାମିଲ ହେଲା । ଏହି ଅବସରରେ ୫-ଟି ରୂପାନ୍ତର କାର୍ଯ୍ୟକ୍ରମରେ ବିଜେପୁରର ୭୧ଟି ରୂପାନ୍ତରିତ ସ୍କୁଲକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିଲେ । ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ବରଗଡରେ ପ୍ରାୟ ୩୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ସେହିପରି ଜିଲ୍ଲାରେ ୨୫୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ କାମ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ଏଥିରେ ରହିଛି – ୨୦୯୦ କୋଟି ଟଙ୍କାର ଗୁରୁତ୍ୱପୂର୍ଣ୍ଣ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ । ଏହି ପ୍ରକଳ୍ପ ୨୦୨୩ ସେପ୍ଟେମ୍ବର ସୁଦ୍ଧା ସଂପୂର୍ଣ୍ଣ ହେବ ଏବଂ ଚାଷୀମାନେ ଏଥିରୁ ପାଣି ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ବରଗଡ ହେଉଛି ମା ଲକ୍ଷ୍ମୀଙ୍କ ପବିତ୍ର ଭୂମି । ଓଡିଶାର ଭାତ ହାଣ୍ଡି । ବରଗଡର ବୁଣାକାର ମାନଙ୍କୁ ମଧ ମୁଖ୍ୟମନ୍ତ୍ରୀ ପ୍ରଶଂସା କରି କହିଲେ ଯେ ଚାଷୀଙ୍କ ପରି ବରଗଡର ବୁଣାକାର ମଧ ସାରା ବିଶ୍ୱକୁ ସମ୍ବଲପୁରୀ ଶାଢୀ ଉପହାର ଦେଇଛନ୍ତି । ବରଗଡର ଚାଷୀ ଓ ବୁଣାକାରମାନଙ୍କ ଦକ୍ଷତାକୁ ମୋର ପ୍ରଣାମ ବୋଲି ସେ କହିଥିଲେ ।ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଶନବ ଦାସ, ସାଂସଦ ପ୍ରସନ୍ନ ଆଚାର୍ଯ୍ୟ .ବିଧାୟିକା ଶ୍ରୀମତୀ.ରୀତା ସାହୁ ,,ଶ୍ରୀମତୀ ସ୍ନେହାଙ୍ଗୀନୀ ଛୁରିଆ ପ୍ରମୁଖ ଉଦ୍‌ବୋଧନ ଦେଇ ବିଭିନ୍ନ କ୍ଷେତ୍ରରେ ବିଜେପୁରର ବିକାଶ ଉପରେ ଆଲୋକପାତ କରିଥିଲେ। ଯେଉଁଭଳି ଦୂରଦର୍ଶିତାର ପରିଚୟ ଦେଇ ମୁଖ୍ୟମନ୍ତ୍ରୀ ଓଡିଶାରେ ଏହି ସ୍ମାର୍ଟ କାର୍ଡ ବ୍ୟବସ୍ଥା ଆରମ୍ଭ କରିଛନ୍ତି, ସେଭଳି ବ୍ୟବସ୍ଥା ଭାରତବର୍ଷରେ ଆଉ କେଉଁ ଠାରେ ନାହିଁ ବୋଲି ସେମାନେ କହିଥିଲେ । ଏହି ଯୋଜନା ଗରିବ ଲୋକଙ୍କର, ବିଶେଷ କରି ମହିଳା ମାନଙ୍କର ଏକ ବଡ ଚିନ୍ତା ଦୂର କରିପାରିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ ।

# ନୂତନ ପୋଲିସ ଏଡ଼ ପୋଷ୍ଟ ଉଦଘାଟିତ

ଫୁଲନଖରା, (ପି.ଏନ): ବାରଙ୍ଗ ବ୍ଲକ କୁରାଙ୍ଗପ୍ରଧାନ ପଞ୍ଚାୟତରେ ବ୍ରାହ୍ମଣଝରିଲୋ ପୋଲିସ ଏଡ଼ ପୋଷ୍ଟ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କଦ୍ୱାରା ଉଦଘାଟିତ ହୋଇଛି । ଏହାଦ୍ୱାରା କୁରାଙ୍ଗପ୍ରଧାନ ସମେତ କୁରାଙ୍ଗଶାସନ, ହରିଅଂ, ନଗରୀ, ସାଇଁଶୋ, ଉଷୁମା, ଖଲର୍ଦ୍ଦା ଓ କୋରକରା ପଞ୍ଚାୟତରେ ପୋଲିସ ସେବା ସହଜରେ ପହଞ୍ଚିପାରିବ । ସଦର ଥାନା ଏଠାରୁ ଅଧିକ ଦୂର ହୋଇଥିବାରୁ ବ୍ରାହ୍ମଣଝରିଲୋଠାରେ ନୂତନ ଥାନା ସ୍ଥାପନ କରିବାକୁ ଦାବି ହେଉଥିଲା । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଡିସିପି ପ୍ରତୀକ ସିଂହ, ସଦର ଥାନା ଆଇଆଇସି ସୁଧାଂଶୁଭୂଷଣ ଜେନା, ଜୋନ-୪ଏସିପି ଚନ୍ଦନ ଘଡ଼େଇ, ଅନିତା ସାହୁ, ବବିତା ସାହୁ, ମୁରଲୀଧର ସାହୁ ପ୍ରମୁଖ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଦଘାଟନୀ କାର୍ଯ୍ୟ ଆରମ୍ଭରେ



କେଦାରେଶ୍ୱର ହାଇସ୍କୁଲ ଏନସିସି ଛାତ୍ରଛାତ୍ରୀମାନେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରକାରୀ ଓକିଲ କବିନାରାୟଣ ଜେନା, ଲଳିତକୁମାର ଦାଶ, ଯଜ୍ଞେଶ୍ୱର ଶତପଥି, ଶେଖ କଲିମୁଦ୍ଦିନ, ଲକ୍ଷ୍ମୀଧର ପ୍ରଧାନ, ଅଶୋକ ରଥ, ବସନ୍ତ ବେହେରା, ଅଶ୍ୱିନୀ ମହାପାତ୍ର, ଅଜୟ ପତି, ଅରୁଣ ମହାନ୍ତି, ବାବାଜୀ ମହାନ୍ତି, ସତ୍ୟ ମହାନ୍ତି, ନଳିନୀପ୍ରଭା ପାତ୍ର, ଶାରଦା ବେହେରା, କୈଳାସ ସାହୁ, ଜଗନ୍ନାଥ ବେହେରା, ସୁନ୍ଦରପ୍ରବୀଣ ଦାସ, ଜଟିଆ କାଳିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନୂତନ ପୋଲିସ ସହାୟତା କେନ୍ଦ୍ର ପ୍ରତିଷ୍ଠାଦ୍ୱାରା ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ବରଗଡରେ କଂଗ୍ରେସ କର୍ମୀଙ୍କୁ ଆକ୍ରମଣ ପ୍ରତିବାଦରେ ୧୬ରେ ନବୀନ ନିବାସ ଯିବ ଛାତ୍ର କଂଗ୍ରେସ

ଭୁବନେଶ୍ୱର, (ପି.ଏନ): ବରଗଡ଼ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଗୌରବ ପତି ଆଜାଦକୁ ମରଣାନ୍ତକ ଆକ୍ରମଣ ଘଟଣାରେ ୨୪ ଘଂଟା ଭିତରେ ଆକ୍ରମଣକାରୀଙ୍କୁ ଗିରଫ ଏବଂ କାର୍ଯ୍ୟରତ ଥାଇ ଆକ୍ରମଣର ସୁଯୋଗ ଦେଇଥିବା ପୋଲିସ ଅଫିସରଙ୍କୁ ନିଲମ୍ବିତ କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି। ଏହି ଦାବି ପୂରଣ ନହେଲେ ଆସନ୍ତା ନଭେମ୍ବର ୧୬ ତାରିଖ ଦିନ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ସ୍ଥିତ ଡିଜି କ୍ୟାମ୍ପ ଅଫିସ ଘେରାଉ କରାଯିବା ସହ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତାଙ୍କର ହିଟଲରୀରାଜ ପ୍ରତିବାଦରେ ପ୍ରଶ୍ନ କରାଯିବ। ସାରା ରାଜ୍ୟରେ ଯେଉଁଠିକି ମନ୍ତ୍ରୀମାନେ ଗସ୍ତକରିବେ ସେଠାରେ ସେମାନଙ୍କୁ କଳାପତାକା ପ୍ରଦର୍ଶନ ପୂର୍ବକ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଛାତ୍ର କଂଗ୍ରେସ ବିରୋଧ କରିବ। ଭୁବନେଶ୍ୱର ସ୍ଥିତ ସମସ୍ତ ମନ୍ତ୍ରୀଙ୍କ ସରକାରୀ ବାସଭବନ ଆଗରେ ମଧ ଛାତ୍ର କଂଗ୍ରେସ ବିକ୍ଷୋଭ କରିବ ବୋଲି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ସୂଚନା ଦେଇଛନ୍ତି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନୱାଜ କହିଛନ୍ତି ଯେ ପ୍ରଦେଶ ଛାତ୍ର କଂଗ୍ରେସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହିଟଲରୀରାଜର ଜବାବ ଦେବ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସରକାରର ଦୋଷ, ଦୁର୍ବଳତା ଓ ଭ୍ରଷ୍ଟାଚାରକୁ ବିରୋଧ କରିବାର ଅଧିକାର ବିରୋଧି ଦଳ ରହିଛି। ନବୀନ ପଟ୍ଟନାୟକ ପୋଲିସ ଓ ବିଜେଡ଼ି ଗୁଣ୍ଡାବଳ ଲଗାଇ ଛାତ୍ର କଂଗ୍ରେସର କଣ୍ଠରୋଧ କରିପାରିବେ ନାହିଁ। ବଡ଼ଗଡ଼ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଗୌରବ ପତି ଆଜାଦ ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ ବରଗଡ଼ ଜିଲ୍ଲାକୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ପ୍ରତିବାଦରେ ମନ୍ତ୍ରୀ ଟୁକୁନି ସାହୁଙ୍କ ରାସ୍ତା ଅବରୋଧ କରିଥିଲେ। ବରଗଡ଼ ପୋଲିସ ଗୌରବ ପତି ଆଜାଦ ଏବଂ ଛାତ୍ର କଂଗ୍ରେସର ଅନ୍ୟାନ୍ୟ କର୍ମକର୍ତାଙ୍କୁ ନେଇ ଗିରଫ କରିବା ସହ ବିଜେଡ଼ି ଗୁଣ୍ଡାଙ୍କୁ ଡକାଇ ବରଗଡ଼ ଛାତ୍ର କଂଗ୍ରେସ ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ କରାଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସଂପାଦକ ରଜତ ଚୌଧୁରୀ ଓ କଂଗ୍ରେସ ନେତା ପ୍ରକାଶ ମିଶ୍ର ଉପସ୍ଥିତ ଥିଲେ। ରଜତ ଚୌଧୁରୀ କହିଛନ୍ତି ଯେ ଛାତ୍ର କଂଗ୍ରେସ ମମିତା ମେହେରଙ୍କ ହତ୍ୟାକାଣ୍ଡର ମୁଖ୍ୟ ଅପରାଧି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଗିରଫ ଓ ବହିଷ୍କାର ନକରିବା ଯାଏ ଆନ୍ଦୋଳନ ଜାରି ରଖିବ।

## ନଦୀରୁ ଅଜଣା ମହିଳାଙ୍କ ମୃତ ଦେହ ଉଦ୍ଧାର

ବାଲେଶ୍ୱର,(ପି.ଏନ): ଟାଉନ ଥାନା ଅନ୍ତର୍ଗତ ବାଲିଘାଟ ଠାରେ ବଢ଼ାବଳଙ୍ଗ ନଦୀରେ ଜନୈକା ଅଜଣା ବୃଦ୍ଧା ମହିଳାଙ୍କର ମୃତ ଦେହ ଉଦ୍ଧାର କରାଯାଇଛି । ବୃଦ୍ଧାଙ୍କର ମୃତ ଦେହ ନଦୀରେ ଭାସୁଥିବାର ଦେଖି ଖବର ଦେବା ପରେ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇ ଫକୀର ମୋହନ ମେଡିକାଲ କଲେଜରେ ରଖାଯାଇଛି । ୭୨ ଘଣ୍ଟା ପରେ ମୃତ ଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୁତ୍ରରୁ ପ୍ରକାଶ। ଏ ବାବଦରେ ସଦର ଥାନା ୟୁଡି କେସ୍ ନଂ ୬୮/୨୧ରେ ମାମଲା ରୁଜୁ ହୋଇଛି ।

# ଜାତୀୟ ପ୍ରେସ୍ ଦିବସରେ ପ୍ରଶାନ୍ତ ପଟ୍ଟନାୟକ ପାଇବେ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ'

ଭୁବନେଶ୍ୱର, (ପି.ଏନ): ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ-୨୦୨୧ ଅବସରରେ ରାଜ୍ୟର ୨୭ଜଣ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ ପ୍ରଦାନ କରାଯିବା ସହିତ ୬ଜଣ ବରିଷ୍ଠ ସାମ୍ବାଦିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିବା ପାଇଁ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ସ୍ଥିର କରିଛି। ଆସନ୍ତା ୧୬ ତାରିଖ ମଙ୍ଗଳବାର ଦିନ ସ୍ଥାନୀୟ ଜୟଦେବ ଭବନଠାରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ଆନୁକୂଲ୍ୟରେ କେନ୍ଦ୍ର ସରକାରଙ୍କ ଦୂରଦର୍ଶନ କେନ୍ଦ୍ର, ଆକାଶବାଣୀ, ପ୍ରେସ୍ ଇନ୍‌ଫରମେସନ ବ୍ୟୁରୋ (ପିଆଇବି), ରିଜିଓନାଲ ଆଉଟ୍‌ରିଚ୍ ବ୍ୟୁରୋ (ଆରଓବି) ଏବଂ ଏକାଡ଼େମୀ ଅଫ୍ ମ୍ୟାନେଜମେଂଟ ଆଣ୍ଡ ଇନ୍‌ଫରମେସନ ଟେକ୍ନୋଲୋଜି (ଅମିତ୍)ର ମିଳିତ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ ପାଳନ କରାଯିବ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ-୨୦୨୧' ପ୍ରଦାନ କରାଯିବା ସହିତ ଅନ୍ୟ ରାଜ୍ୟର ବିଭିନ୍ନ ସମ୍ବାଦପତ୍ରର ୫ଜଣ ସମ୍ପାଦକଙ୍କୁ ଜାତୀୟସ୍ତରରେ 'ରାଷ୍ଟ୍ରୀୟ ସାମ୍ବାଦିକ ଗୌରବ ସମ୍ମାନ-୨୦୨୧'ରେ ସମ୍ମାନିତ କରାଯିବ। ଏହାଛଡ଼ା ୨୦୨୦ ମସିହାରେ ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନ ହାସଲ କରିଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀ ଅଲିଭା ଅଭିଲିପ୍ସାଙ୍କୁ 'ରବି ନାରାୟଣ ମହାନ୍ତି ସ୍ମାରକୀ ସମ୍ମାନ-୨୦୨୧', ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରୀ ପାୟଲ ପଟ୍ଟନାୟକଙ୍କୁ 'ଗୋପାଳ ମିଶ୍ର ସ୍ମାରକୀ ସମ୍ମାନ-୨୦୨୧', କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରୀ ଅବନ୍ତିକା ମିଶ୍ରଙ୍କୁ 'ରାମହରି ମିଶ୍ର ସ୍ମାରକୀ ସମ୍ମାନ-୨୦୨୧', ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ରୀ ମନସ୍ୱିନୀ ମିଶ୍ରଙ୍କୁ 'ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ସମ୍ମାନ-୨୦୨୧', ଢେଙ୍କାନାଳ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାସ୍ କମ୍ୟୁନିକେଶନ (ଆଇଆଇଏମ୍‌ଏସ୍)ର ଓଡ଼ିଆ ବିଭାଗର ଛାତ୍ରୀ ଯାଜ୍ଞସେନୀ ଧଳଙ୍କୁ 'ଦିଲ୍ଲୀପ ଶତପଥୀ ସ୍ମାରକୀ ସମ୍ମାନ-୨୦୨୧' ଏବଂ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଅର୍ପିତା ନନ୍ଦଙ୍କୁ 'ଅରିନ୍ଦମ୍ ଦାଶ ସ୍ମାରକୀ ସମ୍ମାନ-୨୦୨୧'ରେ ସମ୍ମାନିତ କରାଯିବ। ରାଜ୍ୟର ୨୭ଜଣ ବରିଷ୍ଠ ସାମ୍ବାଦିକ ମହେଶ୍ୱର ମୂଳିଆ, ଦୁଲାଲ ମିଶ୍ର, ପ୍ରଶାନ୍ତ କୁମାର ପଟ୍ଟନାୟକ, ପ୍ରଦୋଷ ପଟ୍ଟନାୟକ, ପ୍ରବୋଧ କୁମାର ମିଶ୍ର, ସାରଦା ପ୍ରସନ୍ନ ନନ୍ଦ, ବସନ୍ତ କୁମାର ଦାଶ, ଅରୁଣ କୁମାର ପଣ୍ଡା, ସୁବାସ ଚନ୍ଦ୍ର ପଟ୍ଟନାୟକ, ଅର୍ଜୁନ ରଞ୍ଜନ ପଣ୍ଡା, ଗଜେନ୍ଦ୍ର କୁମାର ମହାନ୍ତି, ସେକ୍ ଅବଦୁଲ ମନାନ୍, ସୁରେନ୍ଦ୍ର ସାହୁ, ଭାଗବତ ତ୍ରିପାଠୀ, ଶ୍ରୀରାମ ଦାଶ, ସୁଦାମ ଚରଣ ନାୟକ, ହଳଧର ଧୀର, ଅଜିତ୍ କୁମାର ମହାନ୍ତି, ଅକ୍ଷୟ କୁମାର ପତି, ସୁବାସ ପାଣିଗ୍ରାହୀ, ସୁଜ୍ଞାନ ଚୌଧୁରୀ, ଗୁରୁକଲ୍ୟାଣ ମହାପାତ୍ର, ଚିତ୍ତରଞ୍ଜନ ମିଶ୍ର, ତ୍ରିଲୋଚନ ମହାପାତ୍ର, ଗୌରାଙ୍ଗ ଚରଣ ହୋତା, ଶରତ ଚନ୍ଦ୍ର ଦାଶ ଓ ରବି ରଥଙ୍କୁ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ପେନ୍‌ସନ ପ୍ରଦାନ କରାଯିବା ପାଇଁ ବୋର୍ଡ଼ ସ୍ଥିର କରିଛି ।ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ଅଧକ୍ଷ ଦୀପକ ମାଳବ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜାତୀୟ ପ୍ରେସ୍ ଦିବସରେ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀବ୍ୟାପାର ମନ୍ତ୍ରୀ ବିଶେଶ୍ୱର ଟୁଡୁ ମୁଖ୍ୟ ଅତିଥି, ୱାଲଡ୍ ଅସୋସିଏସନ ଅଫ୍ ପ୍ରେସ୍ କାଉନସିଲ୍‌ସ୍‌ର ସାଧାରଣ ସମ୍ପାଦକ କିଶୋର ଶ୍ରେଷ୍ଠ ଉଦ୍‌ଘାଟକ, ରାଜ୍ୟ ସୂଚନା ଓ ଲୋକସମ୍ପର୍କ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟବକ୍ତା, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଖଣ୍ଡପଡ଼ା ବିଧାୟକ ତଥା 'ସମ୍ବାଦ'ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଭୁବନେଶ୍ୱର(ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ଏହାଛଡ଼ା ବିଭିନ୍ନ ସାମ୍ବାଦିକ ୟୁନିୟନର ପ୍ରତିନିଧିମାନେ ମଧ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର ପ୍ରକାଶ କରିଛନ୍ତି।

# ଆଦିତ୍ୟ ବିର୍ଲା ସନଲାଇଫ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଆଦିତ୍ୟ ବିର୍ଲା ସନ ଲାଇଫ ବିଜନେସ୍ ସାଇକଲ୍ ଫଣ୍ଡର ଶୁଭାରମ୍ଭ

ଭୁବନେଶ୍ୱର, (ପି.ଏନ): ଆଦିତ୍ୟ ବିର୍ଲା କ୍ୟାପିଟାଲ ଲିମିଟେଡର ଏକ ସହାୟକ କମ୍ପାନୀ ଆଦିତ୍ୟ ବିର୍ଲା ସନ ଲାଇଫ୍ ଏମସି ଲିମିଟେଡ ଏକ ଗୁରୁତ୍ୱପୂର୍ଣ୍ଣ ଅଣ ବ୍ୟାଙ୍କ ଆର୍ଥିକ ସେବା ସଂସ୍ଥା ଏବଂ ଆଦିତ୍ୟ ବିର୍ଲା ସନଲାଇପ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ବିଜନେସ୍ ସାଇକଲ୍ ଫଣ୍ଡ ସମ୍ପର୍କରେ ଘୋଷଣା କରାଯାଇଛି। ବିଜନେସ୍ ସାଇକଲ୍ ଆଧାରିତ ବିନିଯୋଗ ଥିମ ଅନୁସରଣ କରୁଥିବା ଏହା ଏକ ଖୋଲା ସମାପ୍ତ ଇକ୍ୱିଟି ସ୍କିମ୍। ୨୦୨୧ ନଭେମ୍ବର ୧୫ରେ ଏହି ନିୟୁ ଫଣ୍ଡ ଅଫର ଆରମ୍ଭ ହୋଇ ୨୦୨୧ ନଭେମ୍ବର ୨୯ରେ ବନ୍ଦ ହେବ। ବିଜନେସ୍ ସାଇକଲ୍ ହେଉଛି ସମୟ ଅବଧି ମଧ୍ୟସ୍ଥ ଇକ୍ୱିଟି ସେକ୍ଟର। ବିଜନେସ୍ ସାଇକଲ୍ ଗୋଟିଏ ପର୍ଯ୍ୟାୟରୁ ଅନ୍ୟ ପର୍ଯ୍ୟାୟକୁ ପରିବର୍ତନ ବିଭିନ୍ନ କ୍ଷେତ୍ରରେ ସମ୍ଭବ ହୋଇପାରିଥାଏ। ଏହାକୁ ଏକ୍ସପାନଶନ, ପିକ୍, କଂଟ୍ରାକଶନ୍ ଏବଂ ସ୍ଲମ୍ପ୍ ଆଦି ଚାରୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ପର୍ଯ୍ୟାୟର ଅବଧି ଏବଂ ଗତିଶୀଳତା ନିୟାମକ, ନୀତି, ସଂସ୍କାର, ଭୌଗୋଳିକ ରାଜନୀତି, ଘରୋଇ କିମ୍ବା ବିଶ୍ୱସ୍ତରୀୟ ଘଟଣାଗୁଡ଼ିକ ଉପରେ ଆଧାର କରି ଭିନ୍ନ ଭିନ୍ନ ହୋଇଥାଏ। ଯେକୌଣସି ନିବେଶକ ବିଜନେସ୍ ସାଇକଲ୍ ଏହି ପର୍ଯ୍ୟାୟଗୁଡିକ ମାଧ୍ୟମରେ ନେଭିଗେଟ କରିବା ସହଜ ହୋଇଥାଏ। ଆଦିତ୍ୟ ବିର୍ଲା ସନ ଲାଇଫ ବିଜନେସ୍ ସାଇକଲ୍ ପାଣ୍ଠି ନିବେଶକମାନଙ୍କୁ ସୁବିଧା ପ୍ରଦାନ କରିବ। ବିଜନେସ୍ ସାଇକଲ୍ ଆଧାରର ଏକାଧିକ ପାରାମିଟରର ପର୍ଯ୍ୟାୟ ଚିହ୍ନଟ କରିବାକୁ ଏକ ପୋର୍ଟଫୋଲିଓ ନିର୍ମାଣ ଡିଫେନସିଭ୍ ଏବଂ ନନ୍-ଡିଫେନସିଭ୍ ସେକ୍ଟରରେ ବିଭକ୍ତ କରିଥାଏ। ଏହି ଯୋଜନା ପାଇଁ ମାନଦଣ୍ଡ ସୂଚକାଙ୍କ ହେଉଛି ଏସ୍ ଆଣ୍ଡ୍ ପି ବିଏସ୍‌ଇ ୫୦୦ ଟୋଟାଲ ରିଟର୍ଣ୍ଣ ଇଣ୍ଡେକ୍ସ। ଯାହା ଭାରତୀୟ ଅର୍ଥନୀତିର ସମସ୍ତ ପ୍ରମୁଖ ଶିଳ୍ପକୁ ଅଂର୍ଭୁକ୍ତ କରିଥାଏ। ଏହି ଅବସରରେ ଆଦିତ୍ୟ ବିର୍ଲା ସନ ଲାଇଫ ଏଏମସି ଲିମିଟେଡର ଏମଡି ଏବଂ ସିଇଓ ଏ.ବାଲାସୁବ୍ରମଣ୍ୟନ କହିଲେ, ଅର୍ଥନୀତି ପର୍ଯ୍ୟାୟକ୍ରମେ ବିସ୍ତାର ଏବଂ ସଂକୋଚନ ପର୍ଯ୍ୟାୟ ଦେଇ ଗତି କରେ। ଅନୁସନ୍ଧାନରୁ ଜଣାପଡିଛି ଯେ ବିଜନେସ୍ ସାଇକଲ୍ ପର୍ଯ୍ୟାୟ ମାଧ୍ୟମରେ କ୍ଷେତ୍ରଗୁଡିକ ବ୍ୟବସ୍ଥିତ କାର୍ଯ୍ୟଦକ୍ଷତା ପ୍ରଦାନ କରି ନର୍ଥାଂ। ଏଫଏମସିଜି, ସ୍ୱାସ୍ଥ୍ୟସେବା ଏବଂ ଆଇଟି ଡିଭେନସିଭ୍ କ୍ଷେତ୍ରଗୁଡିକ, ସଂକୋଚନ ପର୍ଯ୍ୟାୟରେ ଉନ୍ନତ ରିଟର୍ଣ୍ଣ ପ୍ରଦାନ କରିଥାଂ। ଅପରପକ୍ଷରେ ଧାତୁ, ଆର୍ଥିକ ଏବଂ ସିମେଂଟ ପରି ନନ୍ ଡିଫେନସିଭ୍ କ୍ଷେତ୍ର ବିସ୍ତାର ପର୍ଯ୍ୟାୟ ପର୍ଯ୍ୟ' ଉନ୍ନତ ରିଟର୍ଣ୍ଣ ପ୍ରଦାନ କରିଥାଂ। ଆଦିତ୍ୟ ବିର୍ଲା ସନ ଲାଇଫ ବିଜନେସ୍ ସାଇକଲ ପାଣ୍ଠି ସକ୍ରିୟ ଭାବରେ ନିବେଶର ସୁଯୋଗ ଚିହ୍ନଟ କରିବ ଏବଂ ରିଟର୍ଣ୍ଣ ସୃଷ୍ଟି କରିବା ପାଇଁ ବିଭିନ୍ନ ବିଜନେସ୍ ସାଇକଲ୍ ମାଧ୍ୟମରେ ଆବଂଟନକୁ ପରିଚାଳନା କରିବ। ଏହି ବିଜନେସ୍ ସାଇକଲ୍ ଆଶା କରାଯାଉଥିବା ପର୍ଯ୍ୟାୟ ଉପରେ ଆଧାର କରି ପୋର୍ଟଫୋଲିଓ ସ୍ଥିର କରିବ । ଏକ ବିଜନେସ୍ ସାଇକଲ୍ ବିଷୟରେ ସଚେତନ ହୋଇ ବିନିଯୋଗ କରିବାକୁ ସହଜ କରିପାରିଥାଏ। ଆଦିତ୍ୟ ବିର୍ଲା ସନ ଲାଇଫ ବିଜନେସ୍ ସାଇକଲ୍ ପାଣ୍ଠି ପରି ଏକ ଯୋଜନା ବିନିଯୋଗ ସୁଯୋଗର ଲାଭ ଉଠାଇବା ପାଇଁ ଏକ ବିନିଯୋଗ ମାଧ୍ୟମ ହୋଇପାରେ ଯାହା ଏକ ବିଜନେସ୍ ସାଇକଲ୍ ଚକ୍ରର ପରିବର୍ତନ ପର୍ଯ୍ୟାୟ ସହିତ ସମାନ ହୋଇପାରିଥାଏ।

# ଚାଷୀ ଅବହେଳା ନେଇ ସବୁଠି ବସିବ ପଂଚାୟତ: ନବନିର୍ମାଣ କୃଷକ ସଂଗଠନ

ଭୁବନେଶ୍ୱର, (ପି.ଏନ): ରାଜ୍ୟ ରାଜନୀତିରେ କୃଷକମାନଙ୍କ ଅବହେଳା ଓ ସମସ୍ୟା ନେଇ ପହଂଚାୟତ ବସିବ ବୋଲି ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି। ଚାଷୀଙ୍କ ପେନ୍‌ସନ, ବାର୍ଦ୍ଧକ୍ୟ ଭତାକୁ ୧୫୦୦କୁ ବୃଦ୍ଧି କରିବା, ଧାନ କୁଇଂଟାଲ ୩୦୦୦ ଓ କ୍ଷୀର ଲିଟର ୫୦ ଟଙ୍କା ଦାବିରେ ସମସ୍ତେ ପଂଚାୟତରେ ସାମିଲ୍ ହେବାକୁ ସେ ଆହ୍ୱାନ ଦେଇଛନ୍ତି ।ସେ କହିଛନ୍ତି ଯେ ରାଜ୍ୟ ସରକାର କୃଷକମାନଙ୍କ କଥା ସମ୍ପୂର୍ଣ୍ଣ ଭୁଲିଯାଇଛନ୍ତି। ସରକାର କେବଳ କର୍ମଚାରୀଙ୍କ ଦରମା ବଢାଇ ରାଜକୋଷକୁ ସମାପ୍ତ କଲାବେଳେ କର୍ମଚାରୀଙ୍କ ଠାରୁ ଗୋଟିଏ ଟଙ୍କାର କାମ ଆଦାୟ କରୁନାହାଁନ୍ତି। କୌଣସି କ୍ଷେତ୍ର ଜଙ୍ଗଲ, କୃଷି, ମତ୍ସ୍ୟସମ୍ପଦ, ଗୋସମ୍ପଦ କ୍ଷେତ୍ରରେ କିଭଳି ଆୟ ବୃଦ୍ଧି ହେବ, ସେ ନେଇ ସରକାରଙ୍କର କୌଣସି ଯୋଜନା ନାହିଁ। ସବୁ କଥାରେ କେବଳ ଖବରକାଗଜରେ ବ୍ୟାପକ ବିଜ୍ଞାପନ ଓ ଭାଷଣରେ ଗରିବ ଓ କୃଷକଙ୍କ ନାମ ନିଆଯାଉଛି। ଅଭାବୀ ବିକ୍ରି ସମୟରେ ସରକାରଙ୍କର କେବେ ଦେଖା ମିଳେନାହିଁ। ସରକାର ଓମ୍‌ଫେଡ଼ ପ୍ରତିଷ୍ଠା ପାଇଁ ବାହାଦୂରୀ ନେଉଛନ୍ତି ମାତ୍ର କ୍ଷୀର ଦର ନ ବଢ଼ିବାରୁ ଉତ୍ପାଦନ କେତେ କମିଲାଣି ତାହା ସମୀକ୍ଷା ହେଉନାହିଁ। ବର୍ଦ୍ଧିତ ମୂଲିଆ ମଜୁରୀ ଓ ସାର ଦର ପାଇଁ ଚାଷୀ ଚାଷ ଛାଡ଼ିବାକୁ ବସିଲେଣି। ଅଥଚ ଆମ ସରକାର ଧାନ ଉପରେ ଟଙ୍କା ୫୦୦ ବୋନସ ଦେବାକୁ ଇଚ୍ଛାପ୍ରକାଶ କରିନାହାଁନ୍ତି।




# ସାମ୍ବାଦିକମାନଙ୍କୁ ଭୂତ ବି ଭୟ କରେ !



ସ୍ୱାଧୀନତାର ୧୯ ବର୍ଷ ପରେ ସୁସ୍ଥ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ଏଭଳି ମହତ୍ ଉଦ୍ଦେଶ୍ୟକୁ ସଫଳତାର ସହିତ ପରିଚାଳନା କରିବା ଉଦ୍ଦେଶ୍ୟରେ ୧୯୬୬ ମସିହା ନଭେମ୍ବର ୧୬ ତାରିଖରେ ଭାରତରେ ପ୍ରଥମକରି ପ୍ରେସ୍ କାଉନ୍ସିଲ୍ ଗଠନ କରି କାର୍ଯ୍ୟ ଆରମ୍ଭ କରିଥିଲା। ସମ୍ବାଦବାହୀ ଗଣମାଧ୍ୟମକୁ ସାମଗ୍ରିକ ଭାବେ ପ୍ରେସ୍ ବୋଲି କୁହାଯାଏ। ଏକ ମୁକ୍ତ ଓ ଦାୟିତ୍ୱଶୀଳ ପ୍ରେସ୍‌ର ପ୍ରତୀକ ଭାବରେ ଏହି ଦିନଟିକୁ ଜାତୀୟ ପ୍ରେସ୍ ଦିବସ ଭାବେ ପାଳନ କରାଯାଉଛି।

ପ୍ରେସ୍ କାଉନସିଲ୍ ଏକ ନୈତିକ ପ୍ରହରୀ ଦୁଇଟି ମୁଖ୍ୟ ଉଦ୍ଦେଶ୍ୟରେ ଏହା ଗଠିତ ହୋଇଥିଲା। ପ୍ରଥମ ପ୍ରେସ୍ ବା ସମ୍ବାଦବାହୀ ଗଣମାଧ୍ୟମର ମାନ, ସମ୍ମାନ, ପରମ୍ପରା, ମର୍ଯ୍ୟାଦାକୁ ପ୍ରାଣମୂର୍ଚ୍ଛା ବଜାୟ ରଖିବା ଏହାର ମୌଳିକ ଅଧିକାର, କର୍ତ୍ତବ୍ୟ ଏବଂ ଗୁରୁଦାୟିତ୍ୱ ସମ୍ପନ୍ନ ଅଟେ। ଦ୍ୱିତୀୟ ଏହାକୁ ଚାପ ଓ ପ୍ରଭାବରୁ ମୁକ୍ତ ରଖିବା ମୌଳିକ କର୍ତ୍ତବ୍ୟ। କାହାକୁ ଭ୍ରୁକ୍ଷେପ ନକରି ଜଣେ ଜଣେ ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତିତ୍ୱ ଭାବରେ ସଠିକ୍ କଲମ ପରିଚାଳନା କରିବାରେ ଅବହେଳା ନ କରିବା ଏହାର ବାସ୍ତବବାଦୀ ଧର୍ମ ଅଟେ। ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସରକାର କଣ, ମଣିଷ କଣ, ବାଘ କଣ, ଭୂତ ବି ଭୟ କରେ। ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାପକ ଅନୁସାରେ ଗଣମାଧ୍ୟମ ଅଟେ 'ରଙ୍କରତନ'। ଏହା ମୋର ପ୍ରତିନିଧି ଭାଇଭଉଣୀ ମାନଙ୍କୁ ଶ୍ରଦ୍ଧାର ସହିତ ଗଭୀରତାର ସହିତ ସଚେତନ କରିବା ପାଇଁ ଚାହେଁ, ଏହା କସ୍ମିନକାଳେ ଭୁଲିଯିବା ଉଚିତ୍ ନୁହେଁ, ତାହା ଆଜିର ଦିବସରେ ମୁଁ ସ୍ମରଣ କରୁଛି। ଗଣମାଧ୍ୟମ ସବୁଠୁ ଉର୍ଦ୍ଧ୍ୱରେ। ଗଣମାଧ୍ୟମ ହେଉଛି ସମ୍ବିଧାନର ହର୍ତ୍ତା, କର୍ତ୍ତା, ଦଇବ ବିଧାତା, ତାହା ପୁଣି ରକ୍ଷାକବଚ, ଆମ୍ଭମାନଙ୍କ ପାଇଁ ସାହାଣମେଲା। ଆମ୍ଭେମାନେ ବର୍ଡ଼ରକୁ ଯାଇପାରିବା, ଦର୍ନୀତିରେ ସମ୍ପୃକ୍ତ ପୋଲିସ୍ ଅଫିସର ମାନଙ୍କୁ ନାଲିଆଖି ଦେଖାଇ ପାରିବା। ସରକାରଙ୍କୁ ଦୋହଲାଇ ଦେଇପାରିବା ଏବଂ ସର୍ବୋପରି ଗୋଟେ ସରକାରକୁ ଭାଙ୍ଗିଦେଇ ପାରିବା ଏବଂ ଗଢିଦେଇ ପାରିବା। ତାହାପୁଣି ବିନା ଖର୍ଚ୍ଚରେ। ଗୋଟିଏ ଅଫିସ୍‌ରେ ବସି ଖଣ୍ଡିଏ କଲମରେ।

ମୋର ଅନୁଭୂତିର ବାସ୍ତବ ଚିତ୍ର ଆଜି ପଦାକୁ ଆଣିବା ପାଇଁ ବାଧ୍ୟ କରୁଛି ମୋର କଲମର ମୁନ। ଗଣମାଧ୍ୟମ ଆଜି ଗଣତାନ୍ତ୍ରିକ ଶାସକ କଳର ବ୍ୟବସ୍ଥା ମଧ୍ୟରେ ବନ୍ଦୀ ହୋଇଯାଇଛି। ସ୍ୱାଧୀନ ହେଲା ଦେଶ। ଅଥଚ ପରାଧୀନତାର ଆଢୁଆଳରେ, ସ୍ଥିତି ମଧ୍ୟରେ ଛନ୍ଦିହୋଇ ରହିଗଲା ଗଣମାଧ୍ୟମ, ଯାହାକି ନିଶ୍ଚିତରୂପେ ଏହା ଅଶୁଭ ସଙ୍କେତ ଅଟେ। ଗଣମାଧ୍ୟମକୁ ଅଣନିଶ୍ୱାସୀ କରି ରଖାଯାଇଛି, କଣ୍ଠରୋଧ କରାଯାଉଛି ଏହାର ସ୍ୱାଧୀନତାର ମାନେ କିଛି ନାହିଁ। ଶାସକର ବାହୁଛାୟା ତଳେ ବସତି ସ୍ଥାପନ କଲାଭଳି ଦୃଶ୍ୟ ପ୍ରତୀୟମାନ ହେଉଛି। ଗଣମାଧ୍ୟମର ସ୍ୱାଭିମାନ ଆଜି ରସାତଳଗାମୀ। ଗଣମାଧ୍ୟମ ଆଜି ଗଣଙ୍କର। ବହୁମୁଖୀ ମୂଲ୍ୟବୋଧ ସମସ୍ୟାକୁ ଜଳାଞ୍ଜଳି ଦେବାକୁ ବାଧ ହେଉଛନ୍ତି ଯାହା ଆମର ବିଶ୍ୱାସଘାତକ ଭଳି ପରିଚୟ ସୃଷ୍ଟି କରି ଚାଲିଛି। ବଦନାମର ଆଖ୍ୟା ପାଉଛି ଏବଂ ଗଣଙ୍କର ବିଶ୍ୱାସ ଭାଜନରେ ଫିକା ପଡିଛି। ଏହି ପରିପ୍ରେକ୍ଷୀରେ ଏହାକୁ ପରିବର୍ତ୍ତନ କରିବାକୁ ଆମର ସ୍ୱପ୍ନ ସାକାର କରିବାକୁ ପଡ଼ିବ। ଗଣମାଧ୍ୟମକୁ ଆହୁରି ଦୃଢତାର ସହିତ ଶକ୍ତିଶାଳୀ କରିବାକୁ ପଡ଼ିବ। ଗଣମାଧ୍ୟମର ନିଜସ୍ୱ ସ୍ୱାଧୀନତାର ଜନ୍ମ ଆଜି ପାଣିର ଗାର ଭଳି ପ୍ରତୀୟମାନ ହେଉଛି। ଗରୀବ ଦେଶରେ ଗରୀବର ଦୁଃଖ ଯେଉଁ ଖବରକାଗଜରେ ପ୍ରକାଶ ପାଉଛି, ସରକାରୀ କଳ ତାହାକୁ ଭ୍ରୁକ୍ଷେପ ନକରି ସେ ଖବରକାଗଜକୁ ଡଷ୍ଟବିନ୍‌ରେ ଫୋପାଡ଼ି ଦିଆଯାଉଛି। ଖବରକାଗଜକୁ ବଡ଼, ସାନ, ଛୋଟ, ବଡ଼ ଆଖ୍ୟା ଦିଆଯାଉଛି। ଏହାର ଆକାର ତୁଳନା କରାଯାଉଛି। ସରକାର ଏହାକୁ ବାଛବିଚାର କରୁଛନ୍ତି ଯାହାକି ସରକାରଙ୍କର ଏଭଳି କୌଣସି ଅଧିକାର ସିଦ୍ଧିସାବ୍ୟସ୍ତ ନୁହେଁ। ଗଣମାଧ୍ୟମ ଆଜି ସରକାର ପାଖରେ ବନ୍ଧା ପଡ଼ିଯାଇଛି। ଏହା ବିଲକ୍ଷଣ ଚେତାବନୀ ବୋଲି କୁହାଯିବ। ଏଭଳି ସ୍ଥିତିରେ ଗଣମାଧ୍ୟମ ନିଜର ଭାରସାମ୍ୟ ହରାଇ ଯେଉଁ ଜାଗ୍ରତ ପ୍ରହରୀ ଭାବରେ ଗୁରୁଦାୟିତ୍ୱ ସୁରକ୍ଷା ରୂପେ ସମ୍ପାଦନ କରିବାର ଧର୍ମ ଆଜି ତାହା ମଳିନ ପଡୁଛି। ଦୁର୍ନୀତିଖୋର ଅଫିସର, ନେତାମାନଙ୍କ ପାଖରେ ଗଣମାଧ୍ୟମର ପ୍ରତିନିଧିମାନେ ଭିକାରୀ ଶବ୍ଦରେ ଉପାଧିରେ ଭୂଷିତ ହେଉଛନ୍ତି ଯାହା ଆଦୌ ସମିଚୀନ ନୁହେଁ। ଏହା ମୋ ପାଇଁ ଏକ ଦୁଃଖଦପୂର୍ଣ୍ଣ ଘଟଣାବହୁଳ ସମସ୍ୟା ଅଟେ। ଏହିଭଳି ଚିରାଚରିତ ପ୍ରଥା ଚାଲୁଥିବା ବେଳେ ଆମର ବିକାଶର ସ୍ୱପ୍ନର ଧାରାରେ କଳଙ୍କିତ ଅଧ୍ୟାୟ ସୃଷ୍ଟି କରୁଛି। ଯାହାର କେହି ନାହିଁ, ତାହାର ଗଣମାଧ୍ୟମ ହିଁ ସର୍ବସ୍ୱ ସାହାଭରସା ଅଟେ। ତାହାକୁ ଆମେ ଭୁଲିଯାଉଛେ କିପରି ? ଗରୀବର ଦୁଖ ଦୁଃଖରେ ରହୁଛି। ଗଣମାଧ୍ୟମର କରାମତି କାଟୁ କରୁନାହିଁ। ସରକାରୀ କଳ ହେୟଜ୍ଞାନ ମନେ କରୁଛି।

ତେଣୁ ଆମ୍ଭେମାନେ ଆଜିର ପବିତ୍ର ଦିବସଟିକୁ ଦେଶର ସାଧାରଣ ଜନତାଙ୍କୁ ବାଦ ଦେଲେ ଆମର ଗଣମାଧ୍ୟମର ଆଜି ହେଉଛି ଜାତୀୟ ଦିବସ। ଦେଶ ୧୯୪୭ ମସିହାରେ ସ୍ୱାଧୀନତା ପାଇଲା। କିନ୍ତୁ ଆମେ ଗଣମାଧ୍ୟମ ୧୯୬୬ରେ ସ୍ୱାଧୀନତା ପାଇଲୁ ଏବଂ ଜାତୀୟ ମାନ୍ୟତା ପାଇଲା। ଏହା ସମ୍ବିଧାନର ଚତୁର୍ଥ ସ୍ତମ୍ଭର ଅଧିକାର ବଳରେ ଦେଶର ମହାନ ମହାନ ନେତା, ଆଇ.ଏ.ଏସ୍ ମାନଙ୍କୁ ଜେଲରେ ପୁରାଇ ବରବାଦ କରିଦେଇଛି। ଦୁଃଖର କଥା, ଚତୁର୍ଥସ୍ତମ୍ଭର ମହତ୍ ଉଦ୍ଦେଶ୍ୟକୁ ଆମେ ବୁଝିପାରିନାହୁଁ। ଏହାର ତାତ୍ପର୍ଯ୍ୟକୁ ଆମ୍ଭେ କେବେ ବୁଝିବା ? ଏହାହିଁ ଆଜିର ଦିବସର ଅନୁଚିନ୍ତା।

ଭାରତରେ ପ୍ରଥମେ ପ୍ରେସ୍ କମିଶନର ସୁପାରିସରେ ପାର୍ଲାମେଣ୍ଟର ଏକ ଆଇନ ବଳରେ ଜନ୍ମ ନେଇଥିଲା ପ୍ରେସ୍ କାଉନସିଲ। ଏହି ଆଇନ ପାଶ୍ ହୋଇଥିଲା ନଭେମ୍ବର ୧୨, ୧୯୬୫ରେ। ବିଶ୍ୱର ଆହୁରି ଅନେକ ଦେଶରେ ପ୍ରେସ୍ କାଉନସିଲ ଅଛି। ତେବେ ଭାରତର ପ୍ରେସ୍ କାଉନସିଲର ପାୱାର ଏବଂ ମାନ୍ୟତା ଭିନ୍ନ। ସେଥିପାଇଁ ତ ମୁଁ ମୋର ବାର୍ତ୍ତାରେ ହାତଗଣତି କେତେଟା ଭାଇଙ୍କ ପାଇଁ ମୁଁ ମୋର ଦୁଃଖ ପ୍ରକାଶ କରିସାରିଛି।

ତେଣୁ ଆଜିର ଅନୁଚିନ୍ତନ ଦିବସରେ ଆମର ଅନୁଚିନ୍ତା ନୈତିକତା ଓ ମୂଲ୍ୟବୋଧ କର୍ତ୍ତବ୍ୟକୁ ନିଜର ଧର୍ମ ଭାବରେ ଅନୁସରଣ ଏବଂ ଅନୁକରଣ କରି ଏକ 'ଦୁର୍ନୀତିମୁକ୍ତ ଭାରତର' ସ୍ୱପ୍ନକୁ ସାକାର କରିବା ପାଇଁ ଯେଉଁ ଗୁରୁଦାୟିତ୍ୱ ଭାରତର ସମ୍ବିଧାନ ଆମକୁ ଦେଇଛି, ସେଥିପାଇଁ ଭାରତର ଗଣତନ୍ତ୍ର, ଚତୁର୍ଥସ୍ତମ୍ଭ ଏବଂ ସମ୍ବିଧାନକୁ ଗଭୀର ସମ୍ମାନ ଜଣାଇବା ସହିତ ଆଜିର ଦିବସକୁ ଗଣମାଧ୍ୟମର ପ୍ରତିନିଧି ଏବଂ କର୍ମଚାରୀ ମାନଙ୍କ ପାଇଁ ଜାତୀୟସ୍ତରରେ ଛୁଟି ଘୋଷଣା କରିବାକୁ ମୁଁ ମୋର ବ୍ୟକ୍ତିଗତ ଭବେ ଅନୁରୋଧ କରୁଅଛି।

ସର୍ବଶେଷରେ, ଆଜିର ଜାତୀୟ ପ୍ରେସ୍ ଦିବସରେ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଏବଂ କର୍ମଚାରୀ ମାନଙ୍କୁ ଆନ୍ତରିକତାର ସହିତ ଶୁଭକାମନା, ଅଭିନନ୍ଦନ ଜଣାଉଛି। ଜୟ ଭାରତ, ଜୟ ଗଣମାଧ୍ୟମ।

**ପ୍ରଦୀପ ସେନାପତି, ରାଜ୍ୟ ସଭାପତି, ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ ଏବଂ ଜାତୀୟସ୍ତରୀୟ ସାମ୍ବାଦିକ ତଥା ସ୍ତମ୍ଭକାର, ଓଡ଼ିଶା ନ୍ୟୁଜ ସର୍ଭିସ, ଓଡ଼ିଶା, ଜିଲ୍ଲାପାଳ ରୋଡ଼ ଭଦ୍ରକ, ମୋ: ୯୪୩୮୪୪୬୫୭୫**

## ବିଜେଡିର କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବ

ଉଖୁଣ୍ଡା (ପିଏନ୍):କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ହାଣ୍ଡିଭଙ୍ଗା ଗ୍ରାମ ପଂଚାୟତର କଇଁଶି ଗ୍ରାମରେ ବିଜେଡିର କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମିଶ୍ରଣ ପର୍ବରେ ୩୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ବିଜେପି ଛାଡି ବିଜେଡିରେ ମିଶିଥିଲେ । ବୈଠକରେ ତ୍ରିସ୍ତରୀୟ ନିର୍ବାଚନରେ ୱାର୍ଡମେମ୍ବର, ସରପଂଚ, ସମିତିସଭ୍ୟ ଏବଂ ଜିଲ୍ଲାପରିଷଦ ସଭ୍ୟ ପ୍ରାର୍ଥୀମାନଙ୍କୁ ବହୁଳ ଭୋଟରେ ନିର୍ବାଚିତ କରିବାକୁ ସମସ୍ତ କର୍ମୀ ଶପଥ ନେଇଥିଲେ । ଉକ୍ତ ବୈଠକରେ ବିଜୁ ଜନତା ଦଳର ପୂର୍ବତନ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତି, ରାଜ୍ୟ କୃଷକ ମୋର୍ଚ୍ଚାର ଉପସଭାପତି କାନନ ବିହାରୀ ପହି, ଜିଲ୍ଲାପରିଷଦ ଅଧକ୍ଷା କମଳିନୀ ପାତ୍ର, ସଦର ବ୍ଲକ ସଭାପତି ଚକ୍ରଧର ପରିଡା, ସଦର ବ୍ଲକ ଯୁବ ସଭାପତି ଅରୁଣ କୁମାର ବ୍ରହ୍ମ, ଜିଲ୍ଲା ସମ୍ପାଦକ ହୃଦାନନ୍ଦ ପ୍ରଧାନ, ସଦର ବ୍ଲକ ସମ୍ପାଦକ ଘନଶ୍ୟାମ ବାରିକ, ସଦର ମହିଳା ସଭାପତି ସ୍ୱରତି ଘଣା, ଜିଲ୍ଲା ଉପସଭାପତି ଜଗଦୀଶ ଆପଟ, ୪ନଂ ଜୋନ୍ ସଦସ୍ୟ ରଥ ମୁଣ୍ଡା, ହାଣ୍ଡିଭଙ୍ଗା ପଂଚାୟତ ସଭାପତି ରାଜକିଶୋର ବାରିକ, ବ୍ଲକ ଯୁବ ସାଧାରଣ ସମ୍ପାଦକ ମାନସ ବାରିକ, ପଂଚାୟତ ଯୁବ ସଭାପତି ଅଜିତ ଆରୁକ, ପଂଚାୟତ ଛାତ୍ର ସଭାପତି ସୁଶାନ୍ତ ପରିଡା, ବରିଷ୍ଠ କର୍ମକର୍ତ୍ତା ଜଗଦୀଶ ପରିଡା, ନିଶାକର ବାରିକ, ଟଙ୍କଧର ପରିଡା, ଗୋପବନ୍ଧୁ ସର୍ଦ୍ଦାର, ଜଗନ୍ନାଥ ଆରୁକ, ପରମେଶ୍ୱର ମହାନ୍ତ, ନବୀନ ମହାନ୍ତ, ଶୁକଦେବ ରଥ, ବିଦ୍ୟାଧର ମହାନ୍ତ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉକ୍ତ ବୈଠକରେ ଯୋଗ ଦେଇଥିଲେ ।

## ଘଟଗାଁ ବ୍ଲକ ଯାଦବ ସମିତି ବୈଠକ ଅନୁଷ୍ଠିତ

ଘଟଗାଁ (ପିଏନ୍): ଘଟଗାଁ ବ୍ଲକ ନୀଳକଣ୍ଠେଶ୍ୱର ପୀଠ ବରାହଟିପୁରା କଲ୍ୟାଣ ମଣ୍ଡପ ଠାରେ ଘଟଗାଁ ବ୍ଲକ ସ୍ତରୀୟ ଯାଦବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଘଟଗାଁ ବ୍ଲକ ଯାଦବ ସମିତି ସଭାପତି ସୂର୍ଯ୍ୟମଣି ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ସମ୍ପାଦକ ରୋହିତ କୁମାର ବେହେରା ସଂଯୋଜନା କରିଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲା ଯାଦବ ମହାସଭା ସଭାପତି ପ୍ରଦୀପ ବାରିକ, ମୁଖ୍ୟବକ୍ତା ଭାବେ ଯାଜପୁର ଜିଲ୍ଲା ଯାଦବ ମହାସଂଘର ବରିଷ୍ଠ ସଦସ୍ୟ ତଥା ରାଜ୍ୟ ସଂଗଠନ ସଂଯୋଜକ ଗୋବର୍ଦ୍ଧନ ପ୍ରଧାନ, ସମ୍ମାନୀତ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ଯାଦବ ମହାସଂଘ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, ଉପଦେଷ୍ଟା ଦାଶରଥି ପ୍ରଧାନ, କ୍ଷେତ୍ରବାସୀ ମହାକୁଡ, ବିଶିଷ୍ଟ କବି ନିରଂଜନ ବାରିକ ପ୍ରମୁଖ ଯୋଗଦେଇ ଯାଦବ ସଂସ୍କୃତି ଉପରେ ମତାମତ ଉପସ୍ଥାପନ କରିଥିଲେ । ସର୍ବପ୍ରଥମେ ଭଗବାନ ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ ପ୍ରଦୀପ ପ୍ରଜ୍ୱଳନପୂର୍ବକ ପୂଜାର୍ଚ୍ଚନା ପରେ ଘଟଗାଁ ବ୍ଲକ ଯାଦବ ସମିତି ବରିଷ୍ଠ ଉଦ୍ୟୋକ୍ତା ରମାକାନ୍ତ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଘଷପୁରା ନିର୍ବାଚନ ମଣ୍ଡଳୀ ଯାଦବ ମହାସଂଘ ସଭାପତି ଦୁଷ୍ମନ୍ତ କୁମାର ପଲେଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅପସ୍ଥାପନ କରିଥିଲେ । ପରେ ପରେ ସଭାପତି ଶ୍ରୀ ବାରିକ ଢେଙ୍କିକୋଟ ପଂଚାୟତର ବିଶିଷ୍ଟ ଯାଦବ ନେତ୍ରୀ ମମତା ସିଂଙ୍କୁ ଜିଲ୍ଲା ଯାଦବ ମହିଳା ମୋର୍ଚ୍ଚା କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ନିଯୁକ୍ତି ଦେବା ସହ ସମ୍ବର୍ଦ୍ଧିତ କରିଥିଲେ । ବ୍ଲକ ସଂଗଠନ ସମ୍ପାଦକ ମକରଧ୍ୱଜ ବେହେରା ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯାଦବ ଯୁବମୋର୍ଚ୍ଚା ସଭାପତି ଦାରୁବ୍ରହ୍ମ ପଲେଇ, ଉପସଭାପତି ଶରତ ରାଉତ, ସଦସ୍ୟ ଶରତ ଚନ୍ଦ୍ର ବେହେରା, ତରଣୀସେନ୍ ପଲେଇ, ଅନୀଲ ମହାକୁଡ, ପ୍ରମୋଦ ଗିରି, ଭକ୍ତବତ୍ସଳ ପଲେଇ, ଧବଳେଶ୍ୱର ବେହେରା, ଡମ୍ବରୁଧର ବେହେରା, କ୍ଷୀରୋଦ ବେହେରା, ଚକ୍ରଧର ବେହେରା,ସୟ ଗିରି, ବିଶ୍ୱଜିତ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## କାର୍ତ୍ତିକ ମାସର ଶେଷ ଶନିବାର ନବଗ୍ରହପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼



କୋଣାର୍କ (ପିଏନ୍) ନଭେମ୍ବର ମାସ ୧୩ତାରିଖ ଥିଲା ପବିତ୍ର କାର୍ତ୍ତିକ ମାସର ଶେଷ ଶନିବାର ବା ପଞ୍ଚୁକର ପ୍ରଥମ ଦିବସ । ଲଘୁଚାପଜନିତ ଅଦିନିଆ ବର୍ଷା ଦିନତମାମ ହେଉଥିଲେ ମଧ୍ୟ ଶ୍ରଦ୍ଧାଳୁମାନଙ୍କୁ ଅଟାକାଇପାରି ନାହିଁ । ବିଶ୍ୱ ଐତିହ୍ୟ କେଣାର୍କ ସୂର୍ଯ୍ୟମନ୍ଦିର ବେଢ଼ା ନିକଟରେ ଥିବା ନବଗ୍ରହ ମନ୍ଦିର ପରିସରରେ ଦିନତମାମ ଲକ୍ଷାଧିକ ଶ୍ରଦ୍ଧାଳୁ ବର୍ଷାକୁ ଭୃକ୍ଷେପ ନକରି ନବଗ୍ରହଙ୍କୁ ଦର୍ଶନ କରିଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ମାନସିକଧାରି ଶ୍ରଦ୍ଧାଳୁମାନେ ଗ୍ରହ ପିଡ଼ାରୁ ମୁକ୍ତି ପାଇଁ ପ୍ରତ୍ୟୁଷରୁ ପରମ୍ପରାନୁଯାୟୀ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରଣୀ ଓ ମହୋଦଧୀର ସଙ୍ଗମସ୍ଥଳିରେ ସ୍ନାନସୌଚ ହୋଇ ସଂକଳ୍ପ କରିବା ସହିତ ସୂର୍ଯ୍ୟୋଦୟ ଦର୍ଶନ କରିଥିଲେ । ପରେ ପରେ କୋଣାର୍କ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରି ସୂର୍ଯ୍ୟମନ୍ଦିର ପରିକ୍ରମା କରିବା ସହିତ ନବଗ୍ରହଙ୍କୁ ପୂଜାର୍ଚ୍ଚନା ଓ ଗ୍ରହଶାନ୍ତି ନିମନ୍ତେ ହୋମଯଜ୍ଞ କରିଥିଲେ । ବିଶେଷ କରି ଧର୍ମିୟ ମାସ ବା ପବିତ୍ର କାର୍ତ୍ତିକ ମାସର ଶନିବାର ମାନଙ୍କରେ ନବଗ୍ରହଙ୍କୁ ଦର୍ଶନ କଲେ ଗ୍ରହ ପିଡ଼ାରୁ ମୁକ୍ତି ମିଳିଥାଏ ବୋଲି ଶ୍ରଦ୍ଧାଳୁମାନଙ୍କର ବିଶ୍ୱାସ ରହିଛି । ଗ୍ରହପିଡ ଓ ରୋଗୁରୁ ମୁକ୍ତିପାଇଁ ଶ୍ରଦ୍ଧାଳୁମାନେ ମାନସିକବିକାରଗ୍ରସ୍ତ, ଶାରୀରିକ ଅକ୍ଷମ ଓ ଦୂରାରୋଗ୍ୟ ବ୍ୟାଧିରେ ପୀଡିତ ପିଲାମାନଙ୍କୁ ନବଗ୍ରହଙ୍କ ପୀଠର ପଶ୍ଚିମ ଦ୍ୱାର ସମ୍ମୁଖରେ ବାଲିରେ ଗାତଖୋଳି ପୋତି ନବଗ୍ରହଙ୍କୁ ପ୍ରାର୍ଥନା କରିବା ସହ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରୁଥିବା ଦେଖିବାକୁ ମିଳିଥିଲା । ନବଗ୍ରହଙ୍କ ପୀଠ ପରିସରରେ ୯ଟି ଶନିବାର ମାନସିକବିକାରଗ୍ରସ୍ତ, ଶାରୀରିକ ଅକ୍ଷମ ଓ ଦୂରାରୋଗ୍ୟରେ ପିଡ଼ିତଥିବା ପିଲାମାନଙ୍କୁ ଯଦି ଗାତ ଖୋଳି ପୋତାଯାଏ ତେବେ ସେମାନଙ୍କର ଏହି ଦୂରାରୋଗ୍ୟ ରୋଗରୁ ନିଶ୍ଚିତ ମୁକ୍ତି ମିଳିଥାଏ ବୋଲି ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି । ନବଗ୍ରହଙ୍କୁ ଦର୍ଶନ କରିବା ନିମନ୍ତେ ସଂକୁଚିତ ଗର୍ଭଗୃହ ଭିତରକୁ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ଏକକାଳୀନ ପ୍ରବେଶ ସମସ୍ୟା ସୃଷ୍ଟି କରିଥିଲେ ମଧ୍ୟ ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଭାବେ ନବଗ୍ରହଙ୍କୁ ଦର୍ଶନ କରିଥିଲେ । ଏହି ଅବସରରେ ମନ୍ଦିର ସମ୍ମୁଖରେ ବିଭିନ୍ନ ଘରକରଣା ସାମଗ୍ରୀର ଦୋକାନମାନ ଖୋଲିଥିଲା । ଗାଁଗହଳିରୁ ଆସିଥିବା ଶ୍ରଦ୍ଧାଳୁ ମହିଳା ଭକ୍ତମାନେ ନବର୍ଗହଙ୍କ ଦର୍ଶନପରେ ବିଭିନ୍ନ ସାମଗ୍ରୀମାନ କିଣୁଥିବା ଦେଖିବାକୁ ମିଳିଥିଲା ।



## ଅପହଞ୍ଚ ଅଂଚଳରେ ମୋତିଆବିନ୍ଦୁ ଚିହ୍ନଟ ଶିବିର ଓ ସେବା ପ୍ରଦାନ କାର୍ଯ୍ୟକ୍ରମ

ହରିଚନ୍ଦନପୁର (ପିଏନ୍):ସଂଯୋଗ ଓ ସ୍ୱସ୍ତି ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଭୂମିକା ଚକ୍ଷୁ ଚିକିତ୍ସାଳୟ କେନ୍ଦୁଝର ସହଯୋଗରେ ହରିଚନ୍ଦନପୁର ବ୍ଲକର ଜିରାଙ୍ଗ ମଧ୍ୟଇଂରାଜୀ ବିଦ୍ୟାଳୟଠାରେ ତା-୭.୧୧.୨୦୨୧ରିଖ ଶନିବାର ଦିନ ଏକଦିବସୀୟ ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । ବଣ ଜଙ୍ଗଲ ଘେରା ଅପହଂଚ ଅଂଚଳ ଯଥା-ପଳାସପାଳ, ପିଠାଗୋଳା, ଜାମୁଯୋଡି ଓ ଜିରାଙ୍ଗ ଗ୍ରାମ ପଂଚାୟତର ବିଭିନ୍ନ ଗ୍ରାମରୁ ୧୦୨ଜଣ ଚକ୍ଷୁରେ ସମସ୍ୟା ଥିବା ରୋଗୀ ଶିବିରରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ୨୬ଜଣ ବୟସ୍କ ବ୍ୟକ୍ତିମାନଙ୍କୁ ସମସ୍ତ ପ୍ରକାର ପ୍ରାଥମିକ ପରୀକ୍ଷା କରାଯାଇ ସେହିଦିନ ଭୂମିକା ଚକ୍ଷୁ ଚିକିତ୍ସାଳୟର ସ୍ୱତନ୍ତ୍ର ଗାଡିରେ ଅପରେସନ୍ ପାଇଁ ପଠାଇ ଦିଆଯାଇଥିଲା । ଚିକିତ୍ସାଳୟ ତରଫରୁ ମାଗଣା ସ୍ୱାସ୍ଥ୍ୟସେବା, ଔଷଧ, ରହିବା, ଭୋଜନ ବ୍ୟବସ୍ଥାର ସୁବିଧା କରାଯାଇଛି ବୋଲି ଭୂମିକା ଚକ୍ଷୁ ଚିକିତ୍ସାଳୟର ମ୍ୟାନେଜର କର୍ଣ୍ଣାଟ କିଶୋର ଜେନା ଜଣାଇଛନ୍ତି ଏବଂ ତାଙ୍କର ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ୫ଜଣ ଦକ୍ଷ ସ୍ୱାସ୍ଥ୍ୟକର୍ମୀ ରୋଗୀମାନଙ୍କୁ ଚିହ୍ନଟ କରିବା ସହ ପରାମର୍ଶ ସେବା ପ୍ରଦାନ କରିଥିଲେ । ସୁଶ୍ରୀ ନମିତା ମହାନ୍ତ ଓ ସୋମନା ନାଏକ ଚକ୍ଷୁ ପରୀକ୍ଷା କରୁଥିବା ବେଳେ ଶ୍ରୀମତୀ ମମତା ପାତ୍ର, ଲିଲିମା ଜେନା, ସୁଶାନ୍ତ କୁମାର ରକ୍ତଚାପ, ପରିଶ୍ରା, ଡାଇବେଟିସ୍ ପରୀକ୍ଷା ପ୍ରଭୃତି କରୁଥିଲେ । ସ୍ୱସ୍ତୀ ଫାଉଣ୍ଡେସନର ସମ୍ପାଦକ ମାନସ ରଂଜନ ପଣ୍ଡା, ସଂଯୋଗର ଦେବାଶିଷ ମହାନ୍ତ ଓ ବରିଷ୍ଠ ସମାଜସେବୀ ଭକ୍ତବତ୍ସଳ ମହାନ୍ତ ଉପସ୍ଥିତ ରହି ଶିବିର ପରିଚାଳନା କରୁଥିଲେ । ସ୍ୱସ୍ତୀ ଫାଉଣ୍ଡେସନ ଓ ସଂଯୋଗର ମିଳିତ ସହଯୋଗରେ ଆଗକୁ ଏହିପରି ଅପହଂଚ ଅଂଚଳରେ ଭୂମିକା ଚକ୍ଷୁ ଚିକିତ୍ସାଳୟ ସହାୟତାରେ ମାଗଣା ମୋତିଆବିନ୍ଦୁ ଚିହ୍ନଟ ଶିବିର ଆୟୋଜନ କରାଯାଇ ଉପଯୁକ୍ତ ବ୍ୟକ୍ତିମାନଙ୍କୁ ମୋତିଆବିନ୍ଦୁ ମାଗଣାରେ ଅପରେସନ୍ କେନ୍ଦୁଝର ଜିଲ୍ଲାରେ କରାଯିବ ବୋଲି ମାନସରଂଜନ ପଣ୍ଡା ଉପସ୍ଥିତ ବ୍ୟକ୍ତିମାନଙ୍କୁ କହିଥିଲେ । ରଙ୍ଗାପାଟ କୃଷକ ଉତ୍ପାଦକ କମ୍ପାନୀ, ଜିରାଙ୍ଗ ଓ ନବଜ୍ୟୋତି ଯୁବକ ସଂଘ ଜିରାଙ୍ଗର ମହିଳା ଓ ପୁରୁଷ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ଏହି ବୟସ୍କ ବ୍ୟକ୍ତିମାନଙ୍କୁ ଶିବିର ସ୍ଥଳକୁ ନେବା ଆଣିବା ପରାମର୍ଶ ଦେବା କାର୍ଯ୍ୟ କରିଥିଲେ । ଏହି ଶିବିର ପରିଚାଳନାର ସଫଳତା ପାଇଁ ଭକ୍ତବତ୍ସଳ ମହାନ୍ତ ଓ ଭୂମିକା ଚକ୍ଷୁ ଚିକିତ୍ସାଳୟର କର୍ଣ୍ଣାଟ କିଶୋର ଜେନା ସ୍ୱେଚ୍ଛାସେବୀମାନଙ୍କର ସକ୍ରିୟ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ ।

## କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

ଘଷିପୁରା (ପିଏନ୍):ସ୍ଥାନୀୟ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆନନ୍ଦପୁର ଉପଖଣ୍ଡ ସ୍ତରୀୟ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ସଂଘର ଦ୍ୱିତୀୟ ସାଧାରଣ ବୈଠକ ପଦ୍ମନାଭ ମହାପାତ୍ରଙ୍କ ସଂଯୋଜନରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ କେନ୍ଦ୍ର ସମବାୟ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ରାଜ୍ୟ ସଂଯୋଜକ ଅଟଳ ବିହାରୀ ଶତପଥି, ସଦସ୍ୟ ପାର୍ଥସାରଥି ସାହୁ, ସଦାନନ୍ଦ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ । ସଂଘର ବରିଷ୍ଠ ସାଥୀ ନନ୍ଦକିଶୋର ଦାସ, ପ୍ରଶାନ୍ତ କୁମାର ନାୟକ, ଅମୂଲ୍ୟଧନ ପତି, ନନ୍ଦ କିଶୋର ଦଳେଇ, ଶରତ କୁମାର ପହି, ନାରାୟ ସାହୁ, ରଘୁନାଥ ଜେନା, ବସନ୍ତ କୁମାର ପତି ପ୍ରମୁଖ ସଂଘର କେତେକ ମୌଳିକ ସମସ୍ୟା ଉପରେ ଆଲୋକପାତ କରିଥିଲେ । ନିକଟରେ ଇ.ପି.ଏଫ୍. ତରଫରୁ ସରଳିକରଣ କରାଯାଇଥିବା ଜୀବନ ପ୍ରମାଣପତ୍ର ଉପରେ ଆଲୋଚନା କରାଯାଇଥିଲା । ଗାଁ ଗହଳିରେ ରହୁଥିବା ସାଥୀମାନେ ଚଳିତ ବର୍ଷର ଜୀବନ ପ୍ରମାଣପତ୍ର ସ୍ୱଳ୍ପ ଖର୍ଚ୍ଚରେ କିପରି ହୋଇପାରିବ ରାଜ୍ୟ ସଂଯୋଜକ ସୂଚନା ଦେଇଥିଲେ । ବରିଷ୍ଠ ସାଥୀ ଅମୂଲ୍ୟଧନ ପତି ତାଙ୍କ ଅଭିଭାଷଣରେ ଅବସର ଗ୍ରହଣ କରିଥିବା ସାଥୀ ମାନଙ୍କର ସମାଜର ସମ୍ବିଧାନିକ ଅଧିକାର ଓ ମୌଳିକ ସମସ୍ୟାର ସମାଧାନ ପାଇଁ ଏକ ପ୍ରକୃଷ୍ଟ ସଂଗଠନ ବୋଲି ମତ ଦେଇଥିଲେ । ଅନ୍ୟତମ ସାଥୀ ନିରନ ମିଶ୍ର, ଶ୍ୟାମସୁନ୍ଦର ସେଠୀ, ଗୋବର୍ଦ୍ଧନ ଜେନା, ଏକାଦଶୀ ବେହେରା, ବିରଜା ପ୍ରସାଦ ନାୟକ, ନିରନ ମଲ୍ଲିକ, କେଶବ ଚନ୍ଦ୍ର ଓଝା, ଅଧିକାରୀ ନାୟକ, ସନାତନ ବାରିକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

## ପୃଥକ ତିନୋଟି ବାଇକ୍ ଦୁର୍ଘଟଣାରେ ୩ ମୃତ ୧ ଆହତ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଓ ଘଷିପୁରା ଥାନାର ପୃଥକ ତିନୋଟ ସ୍ଥାନରେ ବାଇକ୍ ଦୁର୍ଘଟଣା ଘଟି ୩ଜଣଙ୍କର ମୃତ୍ୟୁବରଣ ଘଟିଛି । ଦୁର୍ଘଟଣା ବିଳମ୍ବିତ ରାତିରେ ଘଟିଥିବା ଜଣାପଡିଛି । ଘଷିପୁରା ଥାନା ଧକୋଠା ଠାରେ ବାଇକ୍ ଦୁର୍ଘଟଣା ଘଟି ଶୈଳଙ୍ଗ ଗ୍ରାମର ସଂଗ୍ରାମ ମୁଦୁଲି, ଆନନ୍ଦପୁର ଥାନା ଶିକ୍ଷାବେଡା ଛକ ଠାରେ ବାଇକ୍ ଦୁର୍ଘଟଣାରେ ଦେଓଝରଣ ଗ୍ରାମର ଦାମୋଦର ଲିଆଳିଙ୍କ ମୃତ୍ୟୁ ଘଟିଥିବା ବେଳେ ସାଙ୍ଗରେ ଥିବା ତାଙ୍କର ବନ୍ଧୁ ଆହତ ହୋଇଛନ୍ତି । ସେହିପରି ପୁରୁଣାପାଣି ଛକ ନିକଟରେ ଜାଳୀ ଗ୍ରାମର ବିଜୁ ବରଦାଙ୍କ ବାଇକ୍ ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ଦେବାକୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି । ମୃତଦେହ ଗୁଡିକୁ ଉଭୟ ଥାନା ପୋଲିସ ଜବତ କରି ତଦନ୍ତ ଚଳାଇଥିବା ଜଣାପଡିଛି ।

## ଆଶା ଦିଦିଙ୍କ ଅବହେଳା ପାଇଁ ଚାଲିଗଲା କଅଁଳ ଶିଶୁପୁତ୍ରର ଜୀବନ

ହରିଚନ୍ଦନପୁର (ପିଏନ୍): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଜାମୁଯୋଡି ଗ୍ରାମ ପଂଚାୟତ ପନାଶିଆ ଗ୍ରାମର ନୀଳାବତୀ ଜୁଆଙ୍ଗ ଏବଂ ସ୍ୱାମୀ ହଟେଶ୍ୱର ଜୁଆଙ୍ଗ ନବଜାତ ଶିଶୁର ଦେହ ଅସୁସ୍ଥ ହେବାରୁ ଦିନ ଗୋଟାଏ ସମୟରେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ମାତ୍ର ଆମ୍ବୁଲାନ୍ସ ସନ୍ଧ୍ୟା ୬ଘଟିକା ସମୟରେ ପହଂଚିଥିଲା । ହେଲେ ଦୁଃଖର ବିଷୟ ମେଡିକାଲରେ ପହଂଚିଲା ବେଳକୁ ଆଉ ନଥିଲା ସେହି ଛୋଟ ଶିଶୁପୁତ୍ରଟିର ଜୀବନ । ଏଥିପାଇଁ ଦାୟୀ କରୁଛନ୍ତି ବାପା ମା' ଆଶା ଦିଦିଙ୍କୁ । କାରଣ ସେଥିରେ ତାଙ୍କର କିଛି ବି ଦାୟିତ୍ୱ ନଥିଲା । ପରିବାର ଲୋକେ ଯେତେବେଳେ ଆଶା ଦିଦିଙ୍କୁ ଖବର ଦେଇଥିଲେ ସେ ସିଧାସଳଖ କାଳୀପୂଜାରେ ଯାଇ ହେବନାହିଁ ବୋଲି ମନାକରି ଦେଇଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ହରିଚନ୍ଦନପୁର ସ୍ୱାସ୍ଥ୍ୟକେନ୍ଦ୍ରରେ । ଯେଉଁ ଶିଶୁପୁତ୍ରଟିର ଜୀବନ ଚାଲିଗଲା ଯଦି ଜଣେ କର୍ତ୍ତବ୍ୟନିଷ୍ଠ ଆଶା ଦିଦି ତାଙ୍କର ପ୍ରକୃତ କାର୍ଯ୍ୟ କରିଥାନ୍ତେ ହୁଏତ ଶିଶୁଟି ବଞ୍ଚିଯାଇଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

## ଗଛରେ ପିଟିଲା ଆମ୍ବୁଲାନ୍ସ, ଅଳ୍ପକେ ବର୍ତ୍ତିଲେ ଚାଳକ

ଆନନ୍ଦପୁର (ପିଏନ୍):ଭାରସାମ୍ୟ ହରାଇ ଗଛରେ ପିଟି ହେଲା ଆମ୍ବୁଲାନ୍ସ । ଅଳ୍ପକେ ବର୍ତ୍ତିଲେ ଚାଳକ । ଏପରି ଏକ ଅଭାବନୀୟ ଘଟଣା ଘଟିଛି ମହୁଲଡିହା ଥାନା ସାତକୋଶିଆ ଘାଟିରେ । ସୂଚନା ଅନୁଯାୟୀ ତେଲକୋଇ ବ୍ଲକ ଅନ୍ତର୍ଗତ କାଳିଆହତା ଗ୍ରାମର ଚୈତନ ମୁଣ୍ଡା (୩୦), ୧୦୨ ଆମ୍ବୁଲାନ୍ସ ଚାଳକ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରୁ ରୋଗୀ ନେଇ ଗୟଳମୁଣ୍ଡାରେ ଛାଡି ଫେରୁଥିବା ବେଳେ ୧୦୨ ଆମ୍ବୁଲାନ୍ସଟି ମହୁଲଡିହା ଥାନା ସାତକୋଶିଆ ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ରାତି ପ୍ରାୟ ୩ଟା ସମୟରେ ଖବର ପାଇ ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସ ପହଂଚି ଚାଳକ ଚୈତନ ମୁଣ୍ଡାଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡିଛି । ଗାଡିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ମହୁଲଡିହା ଥାନା ପକ୍ଷରୁ ଅନୁସନ୍ଧାନ ଜାରି ରହିଛି ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ମମିତା ହତ୍ୟା ଘଟଣାର ଷଡ଼ଯନ୍ତ୍ରକାରୀଙ୍କୁ ସୁରକ୍ଷା ପାଇଁ ସରକାର ଓ ଶାସକ ଦଳ ଉଦ୍ୟମ କରୁଛନ୍ତି : କଂଗ୍ରେସ

ଭୁବନେଶ୍ୱର,(ପି.ଏନ): ଶିକ୍ଷୟିତ୍ରୀ ମମିତା ମେହେର ଅପହରଣ ଓ ହତ୍ୟା ମାମଲାରେ ଉଭୟ ରାଜ୍ୟ ସରକାର ଓ ବିଜୁ ଜନତା ଦଳ ମୁଖ୍ୟ ଅଭିଯୁକ୍ତ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଖସାଇ ଦେବାପାଇଁ ପ୍ରୟାସ ଜାରି ରଖିଛନ୍ତି । କେତେବେଳେ ରାଜ୍ୟ ସରକାର ପୋଲିସ ଡିଆଇଜିଙ୍କ ମାଧ୍ୟମରେ ସାମ୍ବାଦିକ ସମ୍ମିଳନୀ କରି ତଦନ୍ତକୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରୁଥିବା ବେଳେ ବିଜୁ ଜନତା ଦଳ ଆନ୍ଦୋଳନ କରୁଥିବା କଂଗ୍ରେସ ଓ ଦଳର ବରିଷ୍ଠ ନେତାଙ୍କୁ ବ୍ୟକ୍ତିଗତ କ୍ଷେତ୍ରରେ ମିଥ୍ୟାରୋପ ଲଗାଇ ଜନମତକୁ ବିଭ୍ରାନ୍ତ କରିବା ପାଇଁ ଚେଷ୍ଟା କରୁଛନ୍ତି । କିନ୍ତୁ ସେମାନେ ତାଙ୍କର ଏହି ଅପଚେଷ୍ଟାର ସଫଳ ହେବେ । ଶିକ୍ଷୟିତ୍ରୀ ହତ୍ୟକାଣ୍ଡରେ ମୁଖ୍ୟ ଷଡଯନ୍ତ୍ରକାରୀକୁ ଦଣ୍ଡିତ ନକଲା ଯାଏଁ କଂଗ୍ରେସ ତାର ଜନଆନ୍ଦୋଳନ ଜାରି ରଖିବ ବୋଲି ପ୍ରଦେଶ କଂଗ୍ରେସ ମୁଖପାତ୍ର ମନୋଜ କୁମାର ମହାପାତ୍ର କହିଛନ୍ତି । ଆଜି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଛନ୍ତି ଯେ ବିଗତ ୩ ଦିନ ହେଲାଣି ବିଜେଡ଼ିର ରାଷ୍ଟ୍ରୀୟ ପ୍ରବକ୍ତା ଡକ୍ଟର ସସ୍ମିତ ପାତ୍ର ସମେତ ବିଜେଡ଼ି ଦଳ ପକ୍ଷରୁ କଂଗ୍ରେସର ଆନ୍ଦୋଳନ ଉପରେ ଅଭିଯୋଗ ଆଣିଛନ୍ତି । ତାଙ୍କ ଅଭିଯୋଗ "ଓଡ଼ିଶା କଂଗ୍ରେସ" ବିଜେପିର ବି-ଟିମ୍ ଓ ଓଡ଼ିଶା କଂଗ୍ରେର ଆର୍ଥିକ ସ୍ଥିତି ଭଲ ନାହିଁ, ତେଣୁ କଂଗ୍ରେସ ବିଜେପି ପ୍ରାୟୋଜିତ ଆନ୍ଦୋଳନ କରୁଛି ବୋଲି ଯେଉଁ ଅଭିଯୋଗ କରୁଛନ୍ତି ତାହା ହାସ୍ୟାସ୍ପଦ ଓ ପାଗଳର ପ୍ରଳାପ ମାତ୍ର । ସେହି ପ୍ରବାଦ ପୁରୁଷ ଜନନେତା ସ୍ୱର୍ଗତ ବିଜୁ ପଟ୍ଟନାୟକ ଜାଣନ୍ତି ଭକ୍ତଚରଣ ଦାସ କିଏ ?ଭକ୍ତ ଦାସଙ୍କୁ ବ୍ୟକ୍ତିଗତ ରାଜନୈତିକ ସ୍ତରରେ କୁତ୍ସାରଟନା କଲେ ମଧ୍ୟ ମମିତା ମେହେର ହତ୍ୟାକାଣ୍ଡର ପାପ ଓ ପାପୀ ଶଙ୍କାସୁର କେବେ ନିସ୍ତାର ପାଇବେ ନାହିଁ । ବିଜେଡ଼ି ପ୍ରବକ୍ତା ଓ ରାଜ୍ୟ ସଭା ସାଂସଦ ଡ. ସସ୍ମିତ ପାତ୍ରଙ୍କୁ ସେ ପ୍ରଶ୍ନ କରିଛନ୍ତି ଯେ ସଂଖ୍ୟାଲଘୁ ନେତା ସ୍ୱରୂପାନନ୍ଦ ପାତ୍ର କିଏ ? ୨୦୦୭ କନ୍ଧମାଳ ଦଳିତ ଆଦିବାସୀ ଗଣ୍ଡଗୋଳ ଏହି ସ୍ୱରୂପାନନ୍ଦ ପାତ୍ର ଓ ତାଙ୍କର ପରିବାରର ଭୂମିକା ଥିଲା କି ? ୨୦୦୮ କନ୍ଧମାଳ ଦଙ୍ଗାର ତଦନ୍ତ କରୁଥିବା କମିଶନ ନିକଟରେ "ଦଙ୍ଗାପାଇଁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାର ଦୋଷୀ" ବୋଲି ସେହି ପାତ୍ର ଏଫିଡେଭିଟ ଦେଇଥିବା ସତ୍ୟ କି ? ୨୦୧୦ ମସିହାରେ ସେହି ସ୍ୱରୁପାନନ୍ଦ ପାତ୍ର ସାମ୍ବାଦିକ ସମ୍ମିଳନୀରେ କହିଲେ ଯେ, ଦଙ୍ଗାରେ ୩୫ ଜଣ ମହିଳାଙ୍କୁ ଯୌନ ନିର୍ଯ୍ୟାତନା ଦିଆଯାଇଛି । ସେଥିପାଇଁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦାବି କରିଥିବା ସତ୍ୟ କି ?ଏନଜିଓ ଫଣ୍ଡିଂଙ୍ଗ ପାଇଁ ସାଂସଦଓ ବିଜେଡ଼ିର ଆଉଜଣେ ସାଂସଦ ବିଜେପି ସଂପର୍କରେ ରହୁଥିବା ସତ୍ୟ କି ?ଗୋଟିଏ ନିର୍ଦ୍ଦିଷ୍ଟ ଫଟୋ ଏବଂ ଏକ କାଗଜ ଦେଖାଇ ବିଜେଡ଼ି ଅଭିଯୋଗ କରିଥିଲା ଯେ ଭକ୍ତ ଦାସଙ୍କ ପୁଅ କ୍ରାନ୍ତି ଦାସ ସେହି କଲେଜରେ ପରିଚାଳନା କମିଟିରେ ସଭାପତି ଥିଲେ । ଯାହା ସେ ୨୦୧୩ ମସିହାରୁ ଛାଡ଼ି ଦେଇଛନ୍ତି । ସେହି ନିର୍ଦ୍ଦିଷ୍ଟ ଫଟୋ ଯଦି ଭକ୍ତଦାସ ଦୋଷୀ ତାହାଲେ ମୁଖ୍ୟମନ୍ତ୍ରୀ ଖସିପାରିବେ ନାହିଁ । କାରଣ ଜେଲରେ ଥିବା ଗୋବିନ୍ଦ ସାହୁ ନୀବନ ନିବାସ ରେ ମୁଖ୍ୟମନ୍ତ୍ରୀଙ୍କ ସହିତ ମଧ୍ୟ ଫଟୋ ଅଛି । ମୁଖ୍ୟମନ୍ତ୍ରୀଙ୍କର ଚିଟ୍‌ଫଣ୍ଡ ଲୁଟେରା ମାନଙ୍କ ସହିତ ମଧ୍ୟ ଫଟୋ ଅଛି ।ପରି ଘଟଣାରେ କୃଷି ମନ୍ତ୍ରୀ, ଏସିଏଫ ସୌମ୍ୟରଞ୍ଜନ ମୃତ୍ୟୁ ଘଟଣାରେ ଜଙ୍ଗଲ ମନ୍ତ୍ରୀ, ମାହାଙ୍ଗ ଡବଲ ମର୍ଡର କେସରେ ଆଇନମନ୍ତ୍ରୀ ଓ ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ର କାରୀ ଗୃହରାଷ୍ଟ୍ରମନ୍ତ୍ରୀଙ୍କର ସଂପୃକ୍ତି ଅଭିଯୋଗ ଆସୁଛି ।ଅଭିଯୁକ୍ତଙ୍କର ତଦନ୍ତକାରୀ ସଂସ୍ଥା କିମ୍ବା ଅଫିସର ଚୟନ କରିବାର ଅଧିକାର ନାହିଁ । ଚୋରକୁ କେଉଁ ପୋଲିସ ବାନ୍ଧିବ ତାହା ଚୋର ସ୍ଥିର କରିପାରିବ ନାହିଁ । ଯଦି ମୁଖ୍ୟମନ୍ତ୍ରୀଙ୍କର ସତସାହାସ ଅଛି ତାହାଲେ ଏହି ୪ଟି କେସର ତଦନ୍ତ ଜଣେ ପୀଠାସୀନ ହାଇକୋର୍ଟ ବିଚାରପତିଙ୍କ ତତ୍ୱବଧାନରେ ଏସଆଇଟି ତଦନ୍ତ ହେଲେ ପୀଡ଼ିତା ନ୍ୟାୟ ପାଇବ ଓ ଦୋଷୀ ଦଣ୍ଡିତ ହେବ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ଅମୀୟ ପାଣ୍ଡବ, ପଦ୍ମାକର ଗୁରୁ ଓ ଜିନେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ସିପିଆଇ ରାଜ୍ୟ ପରିଷଦ ବୈଠକ :ସମ୍ବିଧାନର ସୁରକ୍ଷା ଓ ସାମାଜିକ ନ୍ୟାୟ ପାଇଁ ଅଭିଯାନ ଚଳାଇବାକୁ ନିଷ୍ପତି

ଭୁବନେଶ୍ୱର, (ପି.ଏନ): ସିପିଆଇ ଜାତୀୟ ପରିଷଦର ଆହ୍ୱାନକ୍ରମେ କେନ୍ଦ୍ର ବିଜେପି ସରକାରର ବେକାରୀ, ରାଷ୍ଟ୍ରାୟ ସମ୍ପତିର ବିକ୍ରି, ଦଳିତ ଓ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଓ ଅସହିଷ୍ଣୁତା ବିରୋଧରେ ସମ୍ବିଧାନର ସୁରକ୍ଷା ଓ ସାମାଜିକ ନ୍ୟାୟ ପାଇଁ ନଭେମ୍ବର ୨୬ରୁ ଡିସେମ୍ବର ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଅଭିଯାନ ଚଳାଇବା ପାଇଁ ସିପିଆଇର ରାଜ୍ୟ ପରିଷଦ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ଏହି ଅଭିଯାନ କାଳରେ ସମସ୍ତ ଜିଲ୍ଲା ସଦର ମହକୁମା ଓ ସହରମାନଙ୍କରେ ସଭା ଓ ଆଲୋଚନାଚକ୍ରମାନ ସଂଗଠିତ କରାଯିବ ।ଗତକାଲି ଓ ଆଜି ଦୁଇଦିନ ଧରି ପାର୍ଟିର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ଅଭିଜିତ ସାହୁଙ୍କ ସଭାପତିତ୍ୱରେ ସିପିଆଇର ରାଜ୍ୟ ପରିଷଦ ଓ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇ ଡିସେମ୍ବର ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଗଣପାଣ୍ଠି ସଂଗ୍ରହ ପାଇଁ ନିଷ୍ପତି ହୋଇଛି । ସେହିପରି ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ ପାଇଁ ହାଇକୋର୍ଟଙ୍କ ତତ୍ୱାବଧାନରେ ଏସଆଇଟି ଗଠନ କରାଯିବା, ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା ଏବଂ ମମିତାଙ୍କ ପରିବାରକୁ ୨ କୋଟି ଟଙ୍କା କ୍ଷତିପୂରଣ ଦେବା ପାଇଁ ଦାବି କରାଯାଇଛି । ଆଗାମୀ ୨୦୨୨ ଅକ୍ଟୋବର ମାସରେ ପାର୍ଟିର ମହା ଅଧିବେଶନ ଅନୁଷ୍ଠିତ ହେଉଥିବା ଦୃଷ୍ଟିରୁ ସେପ୍ଟେମ୍ବର ପ୍ରଥମ ଭାଗରେ ରାଜ୍ୟ ସମ୍ମିଳନୀ, ମେ ଓ ଜୁନ ମାସରେ ଜିଲ୍ଲା ସମ୍ମିଳନୀ, ଏପ୍ରିଲ ମାସରେ ଜୋନ୍ ସମ୍ମିଳନୀ ଏବଂ ପଂଚାୟତ ନିର୍ବାଚନ ପୂର୍ବରୁ ଡିସେମ୍ବର ୩୧ ସୁଦ୍ଧା ଶାଖା ସମ୍ମିଳନୀ ଶେଷ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ବୈଠକର ପ୍ରାରମ୍ଭରେ ସ୍ୱାଧୀନତା ପୂର୍ବଠାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ଗଣ ସଂଗ୍ରାମକୁ ଅନୁପ୍ରାଣିତ କରିଥିବା ସଂଗୀତର ସଂକଳନ 'ଗଣ ସଂଗ୍ରାମରେ ରଣ ସଂଗୀତ' ପୁସ୍ତକ ଉନ୍ମୋଚିତ ହୋଇଥିଲା ।

## କୃଷକ ଆନ୍ଦୋଳନର ବର୍ଷ ପ୍ରତିକୁ ଶ୍ରମିକ- କୃଷକ ଏକତା ମଂଚ ପାଳନ କରିବେ

ଭୁବନେଶ୍ୱର,(ପି.ଏନ): ଆଜି ଆଇ.ଏନ୍.ଟି.ୟୁ.ସି କାର୍ଯ୍ୟାଳୟ ଠାରେ ୭ ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କର ବୈଠକରେ ପୂର୍ବତନ ସାଂସଦ, ଆଇ.ଏନ୍.ଟି.ୟୁ.ସିର ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ନଭେମ୍ବର ୨୬ ତାରିଖରେ କୃଷକ ମାନଙ୍କର ଆନ୍ଦୋଳନକୁ ଏକ ବର୍ଷ ହେବାକୁ ଯାଉଥିଲାବେଳେ ମୋଦୀ ସରକାର ତିନୋଟି କଳା କୃଷି ଓ ଶ୍ରମ କୋର୍ଡ଼ କୁ ବାତିଲ କରିବା ଲାଗି କୌଣସି ପଦକ୍ଷେପ ନ ନେବା କୁ ବିରୋଧ କରି କେନ୍ଦ୍ରୀୟ ଶ୍ରମିକ ସଂଗଠନମାନେ ରାଜ୍ୟ ଓ ଜିଲ୍ଲା କୃଷକ ଆନ୍ଦୋଳନକୁ ସମର୍ଥନ ଜଣାଇ ରାଜରାସ୍ତାକୁ ଓଲହାଇବାକୁ ନିଷ୍ପତି ନେଇଛି ଓ ଏହା ସଂଯୁକ୍ତ କିଷାନ ମୋଚା ସହିତ ମିଳିତ ଆନ୍ଦୋଳନ କରିବାକୁ ବିଭିନ୍ନ କେନ୍ଦ୍ରୀୟ ସଂଗଠନର ନେତୃବୃନ୍ଦ ନିଷ୍ପତି ନେବା ସହ ଆସନ୍ତା ଡିସେମ୍ବର ୧୫ ତାରିଖରେ ମୋଦି ସରକାରଙ୍କ ମୁଦ୍ରିକରଣ ଯୋଜନାକୁ ବିରୁଦ୍ଧରେ ରାଜ୍ୟ ସମ୍ମିଳନୀ କରିବାକୁ ନିଷ୍ପତି ନିଆଯାଇଅଛି । ଏହି ବୈଠକରେ ଆଇ.ଏନ୍.ଟି.ୟୁ.ସିର ଉପସଭାପତି ପ୍ରଶାନ୍ତ ମହାପାତ୍ର, ଏ.ଆଇ.ଟି.ୟୁ.ସିର ରାମକୃଷ୍ଣ ପଣ୍ଡା, ଏଚ.ଏମ୍.ଏସ୍.ର ବିରେନ୍ଦ୍ର ପ୍ରତାପ ଦାସ, ସି.ଆଇ.ଟି.ୟୁର ରମେଶ ଜେନା, ଏ.ଆଇ.ୟୁ.ଟି.ୟୁ.ସିର ନିରଞ୍ଜନ ମହାନ୍ତି, ଏ.ଆଇ.ସି.ସି.ଟି.ୟୁର ସାଧାରଣ ସଂପାଦକ ମହେନ୍ଦ୍ର ପରିଡ଼ା, ବଂଶିଧର ପରିଡ଼ା, ଟି.ୟୁ.ସି.ସିର ଜ୍ୟୋତିରଂଜନ ମହାପାତ୍ର ଓ ସେୱାର ପରିଲତା ଦାସ ପ୍ରମୁଖ ଏକ ମିଳିତ ବିବୃତିରେ ଦାବୀ କରିଛନ୍ତି ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ୍ୟ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉତ୍ତମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ନ୍ତପର୍ଯ୍ୟବେକ୍ଷକ' ୧୫ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ ।

-ପ୍ରକାଶକ

# ଗଣ, ଗଣତନ୍ତ୍ର ଓ ଗଣମାଧ୍ୟମ

ସକାଳର ଚ଼ା'କପ ସାଙ୍ଗକୁ ଖବରକାଗଜଟିଏ ନଥିଲେ ଯୋଡି ଜମେନା, ସକାଳର କପ୍ ଯେମିତି ଖବରକାଗଜର ଖବରକୁ ଅନେଇ ବସିଥାଏ, ସେମିତି ଏକ ଅଦମ୍ୟ ସାହସର ନିର୍ଭୁଲ ଅଭିଲିପି ହେଉଛି ଗଣମାଧ୍ୟମ । ଗଣମାଧ୍ୟମ- ଯିଏ ରୋମ ସାମ୍ରାଜ୍ୟର କ୍ଲିଓପାଟ୍ରା ଠାରୁ ବି ଅଧିକ ଶକ୍ତିଶାଳୀ । ଯିଏ ସମାଜରୁ ବୃତାସ ରୂପୀ ରାକ୍ଷସଙ୍କୁ ଧ୍ୱଂସ କରିବାର ସାମର୍ଥ୍ୟ ଥାଏ । ଯାହା ଉପରେ ନିର୍ଭର କରେ ସଭ୍ୟତାର ଉତ୍‌ଥାନ ଓ ପତନ ଏବଂ ଯିଏ ମହାସାଗରର ଅନ୍ତର୍ଦ୍ଦେଶରୁ ଆରମ୍ଭ କରି ଖେଳପଡିଆ ଯାଏଁ ସମସ୍ତ ଖବରକୁ ନିଛକ ରୂପେ ଉପସ୍ଥାପନ କରେ ସେ ଗଣମାଧ୍ୟମ । ତାପାଇଁ ସାରୁ ଗଛ ମୂଳରୁ ବେଙ୍ଗୁଲୀରାଣୀର କାହାଣୀ ଶୁଭେ । ଆଉ ସିଏ ଢେଙ୍କାନାଳରୁ ଡିଙ୍କିଶାଳ ଯାଏଁ ବି ଖବର ଯୋଗାଏ । ଶତାବ୍ଦୀର ଆରମ୍ଭରୁ ଅନ୍ତ ଯାଏଁ ସେ ସମାଜର ମଙ୍ଗୁଆଳ ସାଜେ ଜନତାଙ୍କ ସେବାରେ ସେ ହିଁ ଗଣମାଧ୍ୟମ । ପଲ୍ଲୀରୁ ପାର୍ଲାମେଣ୍ଟ, ପଞ୍ଚାୟତରୁ ପୋଲିସ, ଛାତ୍ର ଠୁ ପ୍ରଫେସର ଆଉ ପୁରପଲ୍ଲୀର ପୁରାଙ୍ଗନା ଠାରୁ ରାଜରାସ୍ତାର ବିଳାସିନୀ ଯାଏଁ ଏହା ସାଜିଛି ସମ୍ପ୍ରତି ସମାଜର ଅଭିନ୍ନ ବେଦ । ଏକବିଂଶ ଶତାବ୍ଦୀ – ଯାହା ସମୟର ମୂଲ୍ୟ କ'ଣ ହୃଦବୋଧ କରେ । ଏଠି ପ୍ରତି ସେକେଣ୍ଡର ମୂଲ୍ୟ ବି ବହୁ ଗୁରୁତ୍ୱପୂର୍ଣ୍ଣ । ଟଙ୍କା ଆଜିର ଦୁନିଆର ଏକ ପୁଷ୍ଟିଦାୟକ ସାର, ଯାହାର ଗଛ ଦୁର୍ନୀତି ସାର ଦିଆଯାଉଛି ତତ୍‌ସହିତ ଗଛ ବି ବଢ଼ିଚ଼ାଲୁଛି ଏଥିରେ ହେଳା ନାହିଁ । ଲୋକେ ସମ୍ବାଦପତ୍ର ପଢୁଛନ୍ତି, ଖବର ପାଉଛନ୍ତି, ସବୁଦିନ ବିଦ୍ୟାଳୟର ପ୍ରାଥନା କ୍ଲାସ ସରିବା ପରେ ଖବର କାଗଜ ପଢ଼ାଯାଏ । କିନ୍ତୁ ଖବର ସଂଗ୍ରହ କରୁଥିବା ଜନତାର ପ୍ରତିନିଧି ସାଜୁଥିବା ଏହି ଗଣମାଧ୍ୟମ ପ୍ରତିନିଧି ମାନଙ୍କ କଥା କିଏ କ'ଣ କେବେ ଚ଼ିନ୍ତା କରେ ? ଜମା ନାହିଁ, ଲୋକଙ୍କ ଭାବନା ଏଇଆ କି ପ୍ରତିନିଧି ତ କିଏ ଗୋଟେ ଅଛି ଆଉ ସେ ତ ଖବର ସଂଗ୍ରହ କରିବ ଆଉ ଆମେ ପଢିବା ଲୋକ ପଢିବା, ବାକି କଥା ଆମେ କାହିଁ ବୁଝିବା ଯେ ? ଆପେ ବଞ୍ଚିଲେ ବାପରନାଁ । ଏହା କହିବାକୁ କଷ୍ଟ ହେଲେ ବି ଅପ୍ରିୟ ସତ । ଏହା ଗ୍ରହଣ କରିବାକୁ ଆମେ ବାଧ୍ୟ । ଦୁଃଖର ବିଷୟ ଏହାକି ସରକାରଙ୍କ ତରଫରୁ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୁରକ୍ଷା ଦେବାପାଇଁ କୌଣସି ବିଧିବଦ୍ଧ ବ୍ୟବସ୍ଥା କରାଗଲା ନାହିଁ । ଯେଉଁ କଲମ ଦିନେ ସାରାଦୁନିଆକୁ ହୁଲୁସ୍ଥୁଲୁ କରିଦେବାର ସାହସ ଜୁଟେଇଥିଲା, ଆଜି ସେ କଲମର ମୁନ ଭାଙ୍ଗିବାକୁ ବସିଲାଣି । ସତରେ କ'ଣ ଏହା ଆମ ଗଣତନ୍ତ୍ରର ସଫଳ ଫର୍ଦ୍ଦ ? ସ୍ୱାଧୀନତାର ଏତେ ବର୍ଷ ବିତିଗଲା ସତ ହେଲେ ସ୍ୱାଧୀନତାର ସ୍ୱାଦ ଚାଖିବା ଆଜିବି କାଠିକର ପାଠ ହୋଇଗଲା । ଆମର ସରକାର ପ୍ରତ୍ୟକ୍ଷ ସରକାର । ନିର୍ବାଚ଼ନ ଲୋକମାନଙ୍କର ଶାସନକୁ ବୁଝାଏ । ଆମର ଭୋଟ, ଆମ ସରକାର । ଯେଉଁ ପ୍ରତିନିଧିମାନେ ଗଣମାଧ୍ୟମର ଆଧାର, ସେମାନେ ବି ଜଣେ ଜଣେ ମଣିଷ, ସେମାନେ ବି ଭୋଟର ଆଉ ସେମାନଙ୍କର ବି ଶାସନ । ତେବେ ଯଦି ଜଣେ ନିଛକ ଓ ସତ୍ୟ ଖବର ପରିପ୍ରକାଶ କରୁଛି, ତେବେ ଏଥିରେ ଏତେ ବିରୋଧ କ'ଣ ପାଇଁ ? ଆଉ ତା'ଉପରେ ପୁଣି ଗାଳି ଗୁଲଜ ଆଉ ଧମକପୂର୍ଣ୍ଣ ମନ୍ତବ୍ୟ । ଏଇଥିପାଇଁ କ'ଣ ଜଣେ କଲମ ଧରିବାକୁ ପ୍ରତିଜ୍ଞା କରିଥିଲା ? ଏଇଥିପାଇଁ କ'ଣ ଜଣେ ଗଣତନ୍ତ୍ରର ପ୍ରହରୀ ବୋଲି କୁହାଯାଉଥିଲା ?

ଏବେ ସମୟ ବଦଳିଲାଣି, ଆମକୁ ବି ବଦଳିବାକୁ ପଡିବ । ଖଣ୍ଡା ବନ୍ଧୁକକୁ ଏବେ ବିଦାୟ ଦେବାର ସମୟ । ଏବେ କଲମର ମୁନକୁ ଶକ୍ତିଶାଳୀ କରିବାର ବେଳ । କଲମ ଶକ୍ତିଶାଳୀ କଲେ, ଦେଶ ପ୍ରଗତିଶୀଳ ହେବ । ଦୁର୍ନୀତିଖୋର ଲୋକଙ୍କ ବିଲୋପ ଘଟିବ । ଖାରବେଳ ଆଉ ଅଶୋକଙ୍କ ଶାସନରେ ଶାସିତ ଆମେ, ଆମେ ଡରିବା ଶିଖିନୁ । ଖାଦ୍ୟ ପାଇଁ ଏକଦା ପାଗଳ ପ୍ରାୟ ହୋଇଉଠୁଥିବା ବିଳାସୀ ମଣିଷ ଆଜି ସୁଉଚ୍ଚ ଅଟ୍ଟାଳିକାରେ ଅବସ୍ଥାନ କରି ଅନ୍ତରୀକ୍ଷ ଆଡେ ଦୃଷ୍ଟିପାତ କରୁଛି । ତ୍ରିକାଳଜ୍ଞଙ୍କପରି ଅତୀତକୁ ମାପି ପାରୁଛି । ଶେଷ ପାଣ୍ଡବ ସହଦେବଙ୍କ ପରି ନିଜ ଭବିଷ୍ୟତ ଗଣନା ବି କରିପାରୁଛି । ଏହାରି ଭିତରୁ ଉଦ୍ଭୁତ ହୋଇଛି ଆଧୁନିକ ମଣିଷର ଐକାନ୍ତିକ ଆବଶ୍ୟକତା- ଗଣମାଧ୍ୟମ ନିଜ ଜିଜ୍ଞାସୁକୁ ଚ଼ରିତାର୍ଥ କରିବା ପାଇଁ ମଣିଷ ଆଉ ପାଦେ ଆଗେଇ ଯାଇଛି । ସାଧାରଣ ଜନତାଙ୍କ ପାଇଁ କିଛି କହିବାର ସ୍ୱପ୍ନରେ ମତୁଆଲା ହୋଇଛି । ସେଇ ଗଣମାଧ୍ୟମ ହେଉଛି ସାଧାରଣ ଜନତାର ବିଶ୍ୱବିଦ୍ୟାଳୟ । କହିବା ବାହୁଲ୍ୟ ଏହିଯେ ସତରେ ମନରେ ପ୍ରଶ୍ନ ଉଠେ ଯଦି ଗଣମାଧ୍ୟମ ଜନତାଙ୍କୁ ସୁରକ୍ଷା ଦେବାକୁ ଜାଗ୍ରତ ପ୍ରହରୀ



ଡ଼ି ଶୁଭମ୍

ହୋଇପାରେ ତେବେ ଯଦି ଏଥିରେ ସଚ୍ଚୋଟତା ପ୍ରକାଶ କରାଯାଏ, ତେବେ ଆକ୍ରମଣ କି ପ୍ରତିବାଦ କ'ଣ ପାଇଁ କରାଯାଉଛି ? 'ସତ କହିବାକୁ କିଆଁ ଡରିବି' ର ଅର୍ଥ କଣ ଆଜି ନିଷ୍ଫଳ ? ଯିଏ ଦିନେ ସମାଜକୁ ରକ୍ଷାକରିବାର ପ୍ରତିଶୃତି ଦେଇଥିଲା ଆଜି ସେ ଖଣ୍ଡାର ଚୋଟ ତଳେ ମୁଣ୍ଡ ରଖିବା କ'ଣ ସାର ହେବ ? ବଳିଷ୍ଠ ସମ୍ପାଦକୀୟ ହେଉ କି ସତ୍ୟତାର ପଟୁଆରାକୁ ପ୍ରକାଶ କଲେ କ'ଣ ମୃତ୍ୟୁର ବିଭିଷୀକାକୁ ସାମ୍ନା କରିବାକୁ ପଡିବ ?ଗଣତନ୍ତ୍ରର ଚ଼ତୁର୍ଥ ସ୍ତମ୍ଭ ଗଣମାଧ୍ୟମ । ସାରା ବିଶ୍ୱର ନୈତିକ ଓ ରାଜନୈତିକ ବିବେକ ଗଣମାଧ୍ୟମ । ସତ୍ୟ ସମ୍ବାଦ ପରିବେଷଣ ଏହାର ଧର୍ମ । ଜନତାର ଦୁଃଖକୁ ପ୍ରଶାସନ ପାଖେ ପହଞ୍ଚାଇବାର ଏକ ମାଧ୍ୟମ ଗଣମାଧ୍ୟମ । ଗୁଣ୍ଡୁଚ଼ିମୂଷା ଭାବେ ନିଜର ସବୁ କାର୍ଯ୍ୟକୁ ସୂଚ଼ାରୁ ରୂପେ ସମ୍ପାଦନ କଲେ ବି କଣ ପାଇଁ ଏବେ ଗଣମାଧ୍ୟମର ସୁରକ୍ଷା ନେଇ ପ୍ରଶ୍ନ ଉଠୁଛି ? ମନ୍ତ୍ରୀଠୁ ଆରମ୍ଭ କରି ରାଜନେତା, ହରି ଦାସରୁ ଆରମ୍ଭ କରି ହର୍ଷଦ ମେହେଟା ଯାଏଁ ସମସ୍ତଙ୍କ ଅନ୍ୟାୟର ପର୍ଦ୍ଦାଫାସ କରିଦିଏ ଗଣମାଧ୍ୟମ ।ସମାଜ ଓ ସଂସ୍କୃତିର ସମର୍ଥ ସରକାର ଆମ ଗଣମାଧ୍ୟମ । ସମାଜ ଜୀବନର ବହୁବିଧ ଘଟଣାକୁ ଛାତିତଳେ ଚ଼ାପିରଖି ସତ୍ୟ ସମ୍ବାଦ ପରିବେଷଣ କରିବାର ଶକ୍ତି ରଖେ ଗଣମାଧ୍ୟମ । ଜାତୀୟ ପ୍ରେସ ଦିବସ ଆସିଲେ ଗଣମାଧ୍ୟମ ଦିବସ ଆସେ । ଫୁଲତୋଡ଼ା ଆଉ ପ୍ରଶଂସାର କେଇଟା ଶବ୍ଦରେ ଅତିଥି ମାନେ ପୋତିପକାନ୍ତି ଗଣମାଧ୍ୟମ ପ୍ରତିନିଧିଠୁ ଆରମ୍ଭ କରି ଗଣମାଧ୍ୟମ ମାଲିକ ପର୍ଯ୍ୟନ୍ତ । ହେଲେ ସେମାନଙ୍କ ସୁରକ୍ଷା- ସମାଧାନ ନା ପ୍ରଶ୍ନବାଚ଼ୀ ତାହା ଏବେବି ସମସ୍ତଙ୍କ ଚ଼କ୍ଷୁ ଆଢୁଆଳରେ ।ଆକସ୍ମିକ ସମ୍ବାଦ ହେଉ କି ଜନମାନସର ଅଶେଷ ସାଧନ ପାଇଁ ଯେକୌଣସି ସତ୍ୟକୁ ଲୋକ ଲୋଚ଼ନକୁ ଆଣିବାରେ ହେଳା କରିନଥାଏ ଗଣମାଧ୍ୟମ । ଭୂମିକମ୍ପ ହେଉ କି ମୁଦ୍ରାସ୍ଫୀତି, ଦରଦାମର ଅଯଥା ବିପଣନ ହେଉକି ରାଜନୀତି ପାଣି ପାଗର କୁହୁକ କଥା ଏସବୁକୁ ଅତ୍ୟନ୍ତ ନିଛକ ଭାବେ ଉପସ୍ଥାପନ କରେ ଗଣମାଧ୍ୟମ । ମଣିଷ ବିଜ୍ଞାନ ବଳରେ ବଳିୟାନ ହୋଇ ନିତ୍ୟନୂତନ ଗବେଷଣା କରିବାରେ ପ୍ରବୃତ୍ତ ରହିଛି ସତ, ହେଲେ ଏହା ଭିତରେ ଗଣମାଧ୍ୟମ ଯେ ଏମାନଙ୍କୁ ଏକ ନିଆରା ପରିଚ଼ୟ ଦେଇଥାଏ ଏହା ଅସ୍ୱୀକାର କରାଯାଇନପାରେ ।ତେବେ ଯଦି ଗଣମାଧ୍ୟମ ଲୋକଙ୍କ ପାଇଁ ନିଜର ସବୁକିଛି ବଳିଦେଇପାରେ, ତେବେ ସାଧାରଣ ଜନତା ଚ଼ାହିଁଲେ କଣ ସେମାନଙ୍କୁ ସୁରକ୍ଷା ଦେଇପାରିବେନି ? ରାଜନୀତିର ଦଳ ନିର୍ବିଶେଷରେ ଯଦି କିଛି ତଥ୍ୟ ଉପସ୍ଥାପନ କରାଗଲା, ତେବେ କଣ ମରଣାନ୍ତକ ଆକ୍ରମଣର ସାମ୍ନା କରିବାକୁ ହେବ ? ଯଦି ସମାଜ ଓ ସଂସ୍କୃତି ବୀଣାର ସ୍ୱରତନ୍ତ୍ରୀ ବେସୁରା ହୋଇଯିବ, ଯଦି ସାଧାରଣ ଜନତାର ବିଶ୍ୱବିଦ୍ୟାଳୟ ଦୋହଲି ଯିବ, ତାହେଲେ ସବୁକିଛି ରସାତଳଗାମୀ ହୋଇଯିବ । ଖାଲି ଲୋକ ଦେଖାଣିଆ, କଣ ପାଇଁ ସରକାର ସୁରକ୍ଷା ଦେବାରେ ବିଫଳ ହେଉଛନ୍ତି ?? ଯିଏ ଦିନେ ସୁଖରାମଙ୍କ ପରି ଲୋକର ମୁଖ ଖୋଲିଲା ଯଦି ତାକୁ ସୁରକ୍ଷା ଦିଆଯାଇପାରୁନି ତାହେଲେ ସମୟ ଆସିବ ଶହ ଶହ ସୁଖରାମ ଜନ୍ମ ନେବେ ସମାଜରେ । ସେତେବେଳେ ନା ଥିବ ଗଣମାଧ୍ୟମ ନା ଥିବ ରକ୍ଷାକବଚ଼ । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଅର୍ଥନୀତି ସବୁ ବିଭାଗରେ ସବୁଦିନ ଖବର ପ୍ରକାଶ କରିବାର ସଚ୍ଚୋଟତା ଥାଏ ଗଣମାଧ୍ୟମ ନିକଟରେ । ଏ ସମ୍ପର୍କରେ ପଦୁଟିଏ କହିବାକୁ ଚ଼ାହେଁ, ଗଣମାଧ୍ୟମ ପ୍ରତିନିଧି ବି ସଚ୍ଚୋଟତା ଓ ନିର୍ଭିକତା ସହ ଖବର ପ୍ରକାଶନ ସହିତ କୌଣସି ଦଳଗତ ସମ୍ପର୍କ ନ ରଖି ଜନତାର ମଙ୍ଗଳ ଓ ଅଶେଷ ନିର୍ବିଶେଷରେ କାର୍ଯ୍ୟ କଲେ ଜାତିପୁଷ୍ପର ସୁରଭରେ ସୁରଭିତ ହୋଇପାରିବ ଭାରତବର୍ଷ । ହେ ଗଣମାଧ୍ୟମ.. ପୁଣି ସେ ବିର୍ଜାଫର ଆଉ ସୁଖରାମର ଅନ୍ତ କରିଦିଅ, ସେଇ ବୃତାସ ରୂପୀ ରାକ୍ଷସ ମାନଙ୍କୁ ଖବର ପ୍ରକାଶନ ଦ୍ୱାରା ଧ୍ୱଂସ କରିଦିଅ । ଆଉ ସମାଜରୁ ଦୁର୍ନୀତିର କ୍ଲିଓପାଟ୍ରାକୁ ଶେଷ କରିଦିଅ । ବିଶ୍ୱ ଗଣତନ୍ତ୍ରମୟର ପୁଷ୍ପରେ ପୁଷ୍ପିତ ହେବ, ଏଥିରେ ସନ୍ଦେହ ନାହିଁ ।

(ସମ୍ପାଦକ- ଶ୍ୟାମଳ ସୁବର୍ଣ୍ଣ, ବାସୁଦେବପୁର, ଭଦ୍ରକ)
ମୋ-୯୪୩୮୪୬୭୦୭୯


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada




Bhubaneswar Tuesday November 16, 2021 ଭୁବନେଶ୍ୱର ମଙ୍ଗଳବାର, ନଭେମ୍ବର ୧୬,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ବାବା ଆଖଣ୍ଡଳମଣି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଘଷିପୁରା,(ପି.ଏନ):ଘଷିପୁରା ବ୍ଲକ ଅନ୍ତର୍ଗତ ଓସ୍ତପୁରା ଠାରେ ବାବା ଆଖଣ୍ଡଳମଣି କ୍ଲବ୍ ଆନୁକୂଲ୍ୟରେ ଗତ ୧୧.୧୧.୨୧ରିଖ ଠାରୁ ୧୪.୧୧.୨୧ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ବିଧାୟକ ତଥା ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ବଦ୍ରୀ ନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟମତ ଅତିଥି ଭାବେ ଘଷିପୁରା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ବ୍ଲକ ବିଜେଡି ସଭାପତି ଦେବଦତ୍ତ ନାୟକ, କ୍ରୀଡାବିତ୍ ବୁଲୁ ପଟ୍ଟନାୟକ, ପ୍ରସନ୍ନ କୁମାର ପାତ୍ର, ଅଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ କାଠକତାର ବାଂଶପାଣି ଏକାଦେଶ ବନାମ ବରବହାଳୀ ଏକାଦଶ ମଧ୍ୟରେ ଏକ ଚିତାକର୍ଷକ ଖେଳ ପ୍ରଦର୍ଶନ ହୋଇଥିଲା । ବାଂଶପାଣି ଏକାଦଶ ୧-୦ ଗୋଲରେ ବିଜୟୀ ହୋଇଥିଲେ । ରେଫରୀ ବୃନ୍ଦାବନ କୈତାର, ବୁଦ୍ଧଦେବ ମୁର୍ମୁ, ରାକେଶ କାଲୁଣ୍ଡିଆ ଓ ମହେନ୍ଦ୍ର ସୋରେନ ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ କ୍ଲବର କର୍ମକର୍ତ୍ତା ଶ୍ୟାମସୁନ୍ଦର ମୁର୍ମୁ, ବିମଳ ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ ।

# ସାଇଁପାଳ ବିଦ୍ୟାଳୟରେ ଚାଇଲ୍ଡ ଲାଇନ୍‌ର ଦୋସ୍ତୀ କାର୍ଯ୍ୟକ୍ରମ

ଆନନ୍ଦପୁର(ପି.ଏନ):ଘଷିପୁରା ବ୍ଲକ ସାଇଁପାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଇଲ୍ଡଲାଇନ୍ ସହ ଦୋସ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆନନ୍ଦପୁର ଚାଇଲ୍ଡ ଲାଇନ୍ ଉପକେନ୍ଦ୍ର ଦ୍ୱାରା ଆୟୋଜିତ ଏହି ଦୋସ୍ତୀ କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ଖେଳ ପ୍ରତିଯୋଗିତାରେ ଭାଗ ନେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ରଜତ କୁମାର ଚନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ନେହ ଶ୍ରଦ୍ଧା, ଆଦରରେ ଶିଶୁମାନେ ପଢ଼ି ବଢ଼ି ସୁନ୍ଦର ଓ ସୁସ୍ଥ ସମାଜ ଗଠନ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟଅତିଥି ଭାବେ ଆଇନଜୀବୀ ଭାଗୀରଥି ଦାଶ ଯୋଗ ଦେଇ ଶିଶୁ ଅଧିକାର ଓ ଶିଶୁ ସୁରକ୍ଷା ଦିଗରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହରିହର ବେହେରା, ଅଭିଭାବକ କମିଟି ସଦସ୍ୟ କୋଦଣ୍ଡ ସ୍ୱାଇଁ, ଶିକ୍ଷକ ଅମରେନ୍ଦ୍ର ନାୟକ, ନବ କିଶୋର ଭ, ଶିକ୍ଷୟତ୍ରୀ ମନସ୍ମିତା ଭ, ମନୋରମା ବେହେରା,ଚାଇଲ୍ଡଲାଇନ୍‌ର ଦଳପତି ନରେନ୍ଦ୍ର ପରିଡା, ସଦସ୍ୟ ଆନନ୍ଦ ସାହୁ, ହିମାଂଶୁ ରାମ,ସସ୍ମିତା ମହାନ୍ତି ପ୍ରମୁଖ ଯୋଗ ଦେଇ ଶିଶୁ ମାନଙ୍କ ସୁରକ୍ଷାରେ ଚାଇଲ୍ଡ ଲାଇନ୍‌ର ଭୂମିକା ଓ ନିଶୁଳ୍କ ସହାୟତା ନଂ ୧୦୯୮ ବିଷୟରେ ଆଲୋଚନା କରିଥିଲେ । କ୍ରୀଡା ପ୍ରତିଯୋଗୀ ବିଜେତାଙ୍କୁ ପୁରସ୍କାର ଓ ଛାତ୍ରଛାତ୍ରୀ ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

# ଖୋଲିଲା ବଡ଼ଚଣା ଆଦର୍ଶ ବିଦ୍ୟାଳୟ




ଚଣ୍ଡିଖୋଲ, (ପିଏନ ): ବହୁ ଦିନ ପରେ ଆଜି ବଡଚଣାର ଆଦର୍ଶ ବିଦ୍ୟାଳୟରେ ଶିକ୍ଷାଦାନ ଆରମ୍ଭ ହେଇଛି ଯାହାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବଙ୍କ ମଧ୍ୟରେ ଆନନ୍ଦ ଦେଖାଦେଇଛି.ଷଷ୍ଠ ଓ ସପ୍ତମ ଶ୍ରେଣୀପାଇଁ ଯୋଗ୍ୟତା ଭିତ୍ତିରେ ସମୁଦାୟ ୧୬୮ ଜଣ ପିଲା ନାମ ଲେଖାଇଥିବା ବେଳେ ୨ ଜଣ ପିଲା ନବଦୟ ପାଇଥିବାରୁ ଆଜି ଉଭୟ ଶ୍ରେଣୀରେ ୬୭ ଜଣ ଲେଖାଏଁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ.୧୬୮ ଜଣ ପିଲାଙ୍କ ପାଇଁ ଏବେ ୫ ଜଣ ଶିକ୍ଷକ / ଶିକ୍ଷୟତ୍ରୀ ରହିଛନ୍ତି.ପ୍ରକାଶଥାଉକି ୨୦୧୭ ମସିହାରେ ଟାଟା ଷ୍ଟିଲର ସହଭାଗିତାରେ ବଡ଼ଚଣା ବିଦ୍ୟୁତ କାର୍ଯ୍ୟାଳୟ ନିକଟରେ ଆଦର୍ଶ ବିଦ୍ୟାଳୟଟି ଗଢିଉଠିଛି.ଦୀର୍ଘଦିନ ପରେ ଏଠାରେ ଶିକ୍ଷାଦାନ ଆରମ୍ଭ ହେଇଥିଲେ ମଧ୍ୟ ବହୁ ସମସ୍ୟା ରହିଅଛି ବୋଲି ଆଜି କେତେ ଜଣ ଅଭିଭାବକ ବାବାଜୀ ଚରଣ ଦାସ ,ଗଣେଶ୍ୱର ଦାସ ନିଜର ମତାମତ ଦେଇଛନ୍ତି. ଏହି ବିଦ୍ୟାଳୟରେ ବଡଚଣାର ଶେଷଭାଗ ଭରତପୁର ,ସାଉଦିଆ,କୋଲଣଗିରି ,ବାଲିକୁଦା ,ରଂତଗିରି ଓ ପଶ୍ଚିମ ବଡ଼ଚଣାର ଶାଳପଡା ,ସମିଅ ଆଦି ପଂଚୟତରୁ ପିଲାମାନେ ଆସି ପାଠପଢୁଛନ୍ତି. ବିଦ୍ୟାଳୟକୁ ଆସିବା ପାଇଁ ଗମନାଗମନର ସମୟ ହେଉଛି .ଅଭିଭାବକ ମାନେ ଦୀର୍ଘ ୩୦ କିମିରୁ ଆସି ପିଲାମନଙ୍କ ପାଠପଢା ଶେଷ ପର୍ଯ୍ୟନ୍ତ ନେବାପାଇଁ ରହିବାକୁ ନାଧ ହେଉଛନ୍ତି.୧୬୮ ଜଣ ପିଲାଙ୍କ ପାଇଁ ୫ ଜଣ ଶିକ୍ଷକ/ ଶିକ୍ଷୟତ୍ରୀ ମଧ୍ୟ ଯଥେଷ୍ଟ ନୁହନ୍ତି.ବିଦ୍ୟାଳୟଟି ବଡ଼ଚଣା - ରାଧାଦେଇପୁରକୁ ଯାଇଥିବା ଗ୍ରାମ୍ୟଉନ୍ନୟନ ରାସ୍ତା କଡରେ ଥିବାରୁ ପ୍ରତି ମିନିଟ ରେ ଭାରୀଯାନ ଚଳପ୍ରଚଳ କରୁଥିବାରୁ ଏହା ପିଲାମାନଙ୍କ ପ୍ରତି ବିପଦ ସୃଷ୍ଟି କରୁଛି. ସଂପୂର୍ଣ୍ଣ ସରକାରଙ୍କ କୋଭିଡ ନିମାନୁଜୟେ ପିଲାମାନେ ମାସ୍କ ପରିଧାନ ଓ ପ୍ରବେଶ ପଥରେ ହାତକୁ ଭଲ କରି ସାନିଟାଇଜ୍ କରି ଶ୍ରେଣୀଗୃହକୁ ପ୍ରବେଶ କରିଥିଲେ ବୋଲି ବିଦ୍ୟାଳୟର ଅଧକ୍ଷା ଅପସମିତା ବିଶ୍ୱାଳ କହିଥିଲେ .ଅଭାବ ଅସୁବିଧା ସମ୍ପର୍କରେ ବଡ଼ଚଣା ଶିକ୍ଷାଧିକାରୀଙ୍କୁ ପଚାରିବାରୁ ଧୀରେ ଧୀରେ ସମସ୍ୟାସବୁ ପୁରାଣ ହେଇଯିବ ବୋଲି କହିଥିଲେ ।

# ବିଜେପି ନଦୀ ସୁରକ୍ଷା ସମିତି ନମାମି ଗଙ୍ଗେ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ

ଆନନ୍ଦପୁର,(ପି.ଏନ): ବିଜେପି ନଦୀ ସୁରକ୍ଷା ସମିତି ନମାମି ଗଙ୍ଗେ ତରଫରୁ ଆସନ୍ତା ୧୯ତାରିଖ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆନନ୍ଦପୁର ବ୍ଲକ ଟୁକୁଣା ଗ୍ରାମ ବୈତରଣୀ ନଦୀକୂଳ ଶିବ ମନ୍ଦିର ଘାଟ ଠାରେ ସକାଳ ୬ଘଟିକା ସମୟରେ ବୋଇତ ବନ୍ଦାଣ ଉତ୍ସବ ମହାସମାରୋହରେ ପାଳିତ ହେବାକୁ ଯାଉଅଛି । ଉକ୍ତ ବୋଇତ ବନ୍ଦାଣ ଉତ୍ସବରେ ଶ୍ରଦ୍ଧାଳୁ ମାନଙ୍କୁ ଉପସ୍ଥିତ ରହିବା ପାଇଁ ନଦୀ ସୁରକ୍ଷା ସମିତି ନମାମି ଗଙ୍ଗେର ରାଜ୍ୟ ସଭାପତି ମହେଶ୍ୱର ସାହୁ ଅନୁରୋଧ କରିଛନ୍ତି ।

## ସରକାରୀ ଦଣ୍ଡା ଓ ଗୋଚର ଜମୀକୁ ଜବର ଦଖଲ କରି ଗୃହ ନିର୍ମାଣ

ବାଲିଅନ୍ତା,(ପି.ଏନ) :ରାଜଧାନୀ ଉପକଣ୍ଠସ୍ଥ ବାଲିପାଟଣା ବ୍ଲକ ଅଧିନସ୍ଥ ପମ୍ପାଲୋ ଗ୍ରାମ ପଂଚାୟତର ହୋଇଜେରା ଦଳିତ ସାହିକୁ ଲାଗିଥିବା ସରକାରୀ ଜାଗାରେ କିଛି ମୁଷ୍ଟିମେୟ ଲୋକ ଜବର ଦଖଲ କରି ଏକ କମ୍ୟୁନିଟ୍ ସେଣ୍ଟର ନିର୍ମାଣ କରି ସେଥିରେ ସିମେଣ୍ଟ ଷ୍ଟୋର କରିଛନ୍ତି । ସେହି ସ୍ଥାନରେ ଖାଲି ପଡିଥିବା ସରକାରୀ ଜାଗାରେ ଜବର ଦଖଲ କରି ଏକ ନୂତନ ଗୃହ ନିର୍ମାଣ କରୁଥିବା ଦେଖିବାକୁ ମିଳିଛି । ଦଳିତ ସାହିର ବର୍ଷା ପାଣି ସେହି ସରକାରୀ ଜାଗା ଦେଇ ନିଷ୍କାସନ ହେଉଥିବାରୁ ଜନସାଧାରଣ ବାରଣ କରିବାରୁ ସେ ଜବର ଦଖଲ କରି କରୁଛନ୍ତି । ଯଦି ଏହାକୁ ବନ୍ଦ କରାନଯାଏ ତେବେ ବର୍ଷା ଦିନେ ଦଳିତ ସାହି ଜଳମଗ୍ନ ହୋଇଯିବ । ଏଥିପ୍ରତି ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ବଡ଼ଚଣା ବ୍ଲକରେ ସର୍ବଦଳୀୟ ବୈଠକ

ଚଣ୍ଡିଖୋଲ,୧୫।୧୧(ପିଏନ ): ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନକୁ ସ୍ୱଚ୍ଛ,ଅବାଧ ଓ ନିରପେକ୍ଷ କରିବା ପାଇଁ ବଡ଼ଚଣା ବ୍ଲକ ସଭା ଗୃହରେ ସୋମବାର ସର୍ବଦଳୀୟ ବୈଠକ ହେଇଛି.ଚଳିତ ବର୍ଷ ରାଜ୍ୟସରକାର ଭୋଟ ଗଣତି ବୁଥ ସ୍ତରରେ କରାନଯାଇ ବ୍ଲକ ମୁଖ୍ୟାଳୟରେ କରାଯିବ ବୋଲି ଉନ୍ନୟନ ଅଧିକାରୀ ଅଜିତ ପ୍ରସାଦ ନାରାୟଣ ଗିରି ଉପସ୍ଥିତ ଥିବା ପ୍ରତିନିଧିଙ୍କୁ ଅବଗତ କରିଥିଲେ .ଭୋଟ ବାକ୍ସ ସୁରକ୍ଷିତ ରହିବା ଓ ଭୋଟ ଗଣତିରେ ନିରପେକ୍ଷତା ଅବଲମ୍ବନ ସମ୍ପର୍କରେ ଭାଜପା ପ୍ରତିନିଧି ଦେବଯାନୀ ପ୍ରଧାନ ମତ ରଖିଥିଲେ.ନିର୍ବାଚନ ସମୟରେ ବ୍ୟାପକ ମଦ ଓ ଭୋଜିର ଆସର ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପାଇଁ ବଡ ବ୍ୟାଧି ଏଥିପ୍ରତି କଠୋର କର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ କମ୍ୟୁନିଷ୍ଟ ନେତା ଈଶ୍ୱର ଚନ୍ଦ୍ର ପରିଡା ମତ ଦେଇଥିଲେ .ୱାର୍ଡ ସଂଶୋଧନରେ ଅନ୍ୟ ୱାର୍ଡର ଭୋଟର ଅନ୍ତର୍ଭୁକ୍ତ କରିବା ଓ ଜଣେ ବ୍ୟକ୍ତିଙ୍କ ନାମ ଅନେକ ସ୍ଥାନରେ ଭୋଟର ତାଲିକା ଭୁକ୍ତ ହେବ ବିଷୟରେ ଭାଜପାର ପ୍ରମୋଦ ଜେନା ନିଜ ମତ ରଖିଥିଲେ.ଭୋଟ ଗ୍ରହଣ କେନ୍ଦ୍ର ନିକଟରେ ଗୃହ ରହିବା ଓ କେତେକ ଭୋଟ ଗ୍ରହଣ କେନ୍ଦ୍ର ଚାରିପାଖ ଖୋଲା ଥିବାରୁ ଭୋଟ ସମୟରେ ଅନମିୟତା ହେବ ବୋଲି କଂଗ୍ରେସ ପ୍ରତିନିଧି ଅଜୟ କୁମାର ସାମଲ ନିଜ ମତ ରଖିଥିଲେ.ସରକାରଙ୍କ ଗାଇଡ୍ ଲାଇନଅନୁସାରେ ସବୁ କାର୍ଯ୍ୟକରିବାକୁ ବିଜେଡି ପ୍ରତିନିଧି ଅରବିନ୍ଦ ସାମଲ ନିଜ ମତ ରଖିଥିଲେ.ନଭେମ୍ବର ୧୬ ତାରିଖରେ ପଂଚାୟତ କାର୍ଯ୍ୟାଳୟରେ ପୂର୍ବପ୍ରସ୍ତୁତ ଭୋଟ ତାଲିକା ପ୍ରକାଶ କରାଯିବ ବୋଲି ବିଡିଓ ଅଜିତ ପ୍ରସାଦ ନାରାୟଣ ଗିରି କହିଥିଲେ.ନଭେମ୍ବର ୧୭ ରୁ ୨୩ ତାରିଖ ମଧ୍ୟରେ ପଂଚାୟତ କାର୍ଯ୍ୟାଳୟରେ ନୂତନ ଭୋଟ ତାଲିକା ପ୍ରସ୍ତୁତ ଓ ସଂଶୋଧନ କରାଯିବ .୨୪ ତାରିଖ ଠାରୁ ୨୫ ତାରିଖ ମଧ୍ୟରେ ପଂଚାୟତ କାର୍ଯ୍ୟାଳୟରେ ଆପତ୍ତି ଅଭିଯୋଗ ଶୁଣାଣି ପାଇଁ ସମୟ ରଖାଯାଇଛି ବୋଲି ଶ୍ରୀ ଗିରି ସୂଚନା ଦେଇଥିଲେ .୧ .୧୧ .୨୦୨୧ ସୁଦ୍ଧା ୧୮ ବର୍ଷ ହେଇଥିବା ନାଗରିକ ପଂଚାୟତ କାର୍ଯ୍ୟାଳୟରେ ନୂତନ ଭୋଟ ତାଲିକାଭୁକ୍ତ ହେଇପାରିବେ .୨୯ ଓ ୩୦ ତାରିଖରେ ଆବେଦନ କରି ଭୋଟ ତାଲିକା ଭିକ୍ତ ହେଇନଥିବା ଓ ସଂଶୋଧନ ହେଇନଥିବା ଭୋଟର ବିଡିଓଙ୍କ ନିକଟରେ ଅଭିଯୋଗ କରିପାରିବେ. ଡ଼ିସେମ୍ବର ୪ ତାରିଖରେ ସଂଶୋଧିତ ନୂତନ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ବ୍ଲକ ଗ୍ରାମ ପଂଚାୟତ ଅଧିକାରୀ ଅମୀୟ ନାଥ ସୂଚନା ଦେଇଥିଲେ .

# ପିୟୁସି ସାର୍ଟିଫିକେଟ୍‌ର ବୈଧତା ସରିବା ପୂର୍ବରୁ ସୂଚନା ଦେବା ପାଇଁ ଉଠିଲା ଦାବି

ଭୁବନେଶ୍ୱର,(ପି.ଏନ) : ସମ୍ପ୍ରତି ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ସରକାର ବିଭିନ୍ନସ୍ତରରେ ଆଇନ୍ ଲାଗୁ କରୁଛନ୍ତି । ସେଥିମଧ୍ୟରୁ ଯାନବାହନର ପ୍ରଦୂଷଣ ପରୀକ୍ଷା ଅନ୍ୟତମ, ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ପ୍ରଚଳିତ ଆଇନ ଅନୁଯାୟୀ ଗୋଟିଏ ଦୁଇଚକିଆ ଯାନ ପ୍ରତି ୬ ମାସ ଅନ୍ତରରେ ପ୍ରଦୂଷଣ ପରୀକ୍ଷା କରିବା ବାଧ୍ୟ । ଗାଡ଼ିର ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ (ପିୟୁସି) ନଥିଲେ ଫାଇନ୍ । ଟ୍ରାଫିକ୍ ପୁଲିସ୍ ହୁଅନ୍ତୁ ବା ପରିବହନ ବିଭାଗର କର୍ମଚାରୀମାନେ ଗାଡ଼ି ଯାଞ୍ଚ କଲାବେଳେ ଚାଳକ ନିଜ ଗାଡ଼ିର କାଗଜପତ୍ର ଦେଖାଇଥାନ୍ତି । ଅନେକ ସମୟରେ ଦେଖିବାକୁ ମିଳୁଛି ଚାଳକର ସବୁ କାଗଜପତ୍ର ଠିକ୍‌ଠାକ୍ ଥିବାବେଳେ ପିୟୁସି ସାର୍ଟିଫିକେଟର ଅବଧି ଶେଷ ହୋଇଯାଇଥାଏ । ଏଣୁ ଚାଳକ ବାଧ୍ୟ ହୋଇ ଫାଇନ୍ ଭରିଥାଏ । ଏହି ଫାଇନ୍ ଚାଳକକୁ ଗଭୀର ଆଘାତ ଲାଗିଥାଏ । ଅନେକ ଚାଳକ କଳବଳେ କୌଶଳେ କିଛି ହାତଗୁଞ୍ଜା ଦେଇ ଖସିଯାଇଥାନ୍ତି । ପିୟୁସି ସାର୍ଟିଫିକେଟର ଅବଧି ସରିବା ପୂର୍ବରୁ ଯଦି ଗାଡ଼ି ଚାଳକର ମୋବାଇଲ୍‌କୁ ପ୍ରଦୂଷଣ ପରୀକ୍ଷା ସମ୍ପର୍କରେ ଏକ ଆଲର୍ଟ ମେସେଜ୍ ଦିଆଯାଆନ୍ତା, ତେବେ ଅନେକ ଚାଳକ ଏ ଫାଇନ୍‌ରୁ ବଞ୍ଚିପାରନ୍ତେ । ଏତଦ୍‌ସହ ଚାଳକକୁ ପ୍ରଦୂଷଣ ସମ୍ପର୍କରେ ସଚେତନ କରାଯାଇପାରନ୍ତା । ଆହୁରି ମଧ୍ୟ ରାଜକୋଷକୁ ନିରନ୍ତର ଭାବେ ରାଜସ୍ୱ ଆସିପାରନ୍ତା । ଗୋଟିଏ ଦୁଇଚକିଆ ଯାନରୁ ପ୍ରଦୂଷଣ ପରୀକ୍ଷା ବାବଦରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜିଏସ୍‌ଟି ୫ ଟଙ୍କା ୪୦ ପଇସା ହିସାବରେ ୧୦ ଟଙ୍କା ୮୦ ପଇସା ନେଇଥାନ୍ତି । ଯାହା ରାଜକୋଷକୁ ଯାଇଥାଏ । ଏଣୁ ଗାଡ଼ିଚାଳକର ପିୟୁସି ସାର୍ଟିଫିକେଟର ବୈଧତା ସରିବା ପୂର୍ବରୁ ଏକ ଆର୍ଲଟ ମେସେଜ ଦେବା ନିତାନ୍ତ ଜରୁରୀ ବୋଲି ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ପରିବହନ ବିଭାଗର ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ଏକ ପ୍ରେସ୍ ବିବୃତ୍ତିରେ ଦାବି କରିଛନ୍ତି ।

# ବିଦ୍ୟାଳୟ ରୂପାନ୍ତରିକରଣ ଯୋଜନାରେ ବରହାଟିପୁରା ନୀଳକଣ୍ଠେଶ୍ୱର ହାଇସ୍କୁଲ ଉଦ୍‌ଘାଟିତ




ଘଟଗାଁ,(ପି.ଏନ): ବିଦ୍ୟାଳୟ ରୂପାନ୍ତରିକରଣ ଯୋଜନାରେ ହାଇସ୍କୁଲ ଭାବେ ଘଟଗାଁ ବ୍ଲକ ବରହାଟିପୁରା ନୀଳକଣ୍ଠେଶ୍ୱର ହାଇସ୍କୁଲ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟିତ ହୋଇଯାଇଛି । ହାଇସ୍କୁଲ ପରିସରରେ ସ୍ମାର୍ଟ କ୍ଲାସରୁମ୍, ବିଜ୍ଞାନ ପରୀକ୍ଷାଗାର, ଆଇ.ସିଟ୍ ଲ୍ୟାବ, ମଲ୍ଟି ହଲ୍, ମଲ୍ଟି ପ୍ରେଗ୍ରାଉଣ୍ଡ, ସ୍କିଙ୍ଗ୍ ୱାଲ, ଫଳ ବଗିଚା,ଔଷଧିୟ ବଗିଚା, ପରିବା ବଗିଚା ସହ ନୂତନ ଫାଟକ ଓ ଇ. ଲାଇବ୍ରେରୀ ଆଦି ଯୋଡି ହେବା ସାଙ୍ଗକୁ ପାଠାଗାର, ବହି, ଅତ୍ୟାଧୁନିକ ବିଜ୍ଞାନ ଯନ୍ତ୍ରପାତି, ଖେଳ ସରାମ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଛି । ଠିକ୍ ସେହିପରି ଏକ ବିଶେଷ ମଞ୍ଚ କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ଅତିଥି ଭାବେ ଯୋଗ ଦେଇ ଏହା ପିଲାମାନଙ୍କ ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ହେବାରେ ସହାୟକ ହେବ ବୋଲି ଛାତ୍ରଛାତ୍ରୀ, ଅଭିଭାବକ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଘଟଗାଁ ବିଡିଓ ନାରାୟଣ ସାହୁ, ବିଇଓ କ୍ଷେତ୍ର ମୋହନ ହାଁସଦା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ସାହୁ, ମୋ ସ୍କୁଲ ଅଭିଯାନ ସଭାପତି ସାରଙ୍ଗଧର ରଣା, ସରପଂଚ ପୁତ୍‌କୁନି ମୁଣ୍ଡା, ସମିତିସଭ୍ୟ ଗୋବର୍ଦ୍ଧନ ନାଏକ, ବାଲିପୋଖରୀ ସରପଂଚ ମନୋରଜନ ନାୟକ, ବରିଷ୍ଠ ନାଗରିକ ବ୍ରଜକିଶୋର ବେହେରା, ବଳରାମ ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ରୋହିତ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ୧୯୭୮ ମସିହାରେ ପ୍ରତିଷ୍ଠିତ ହୋଇଥିବା ଉକ୍ତ ବିଦ୍ୟାଳୟର ଦୁଇଜଣ ପୂର୍ବତନ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପଲେଇ,ସୂର୍ଯ୍ୟମଣି ବାରିକଙ୍କୁ ବିଡିଓ ନାରାୟଣ ସାହୁ ସମ୍ବର୍ଦ୍ଧିତ କରିଥିଲେ । ଶୁଭ ଉଦ୍‌ଘାଟନ ଅବସରରେ ବିଦ୍ୟାଳୟର ନୂତନ ଲଗୋ ଉନ୍ମଚିତ ହୋଇଥିଲା । ପରେ ପରେ ଅନୁଷ୍ଠାନର ଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ରବୀନ୍ଦ୍ର ପଲେଇ,ଚିତ୍ତରଂଜନ ପଣ୍ଡା, ଅନୀଲ ଆଚାର୍ଯ୍ୟ, ଶୁଭକାନ୍ତ ରଣା, ଶରତ ଚନ୍ଦ୍ର ବେହେରା, ହୃଦାନନ୍ଦ ପାତ୍ର, ବାସୁଦେବ ବେହେରା, ଅମିର ରନ ପଲେଇ, ଅନିଲ କୁମାର ମହାକୁଡ, କ୍ଷୀରୋଦ ମହାକୁଡ, ଜ୍ଞାନ ରନ ପଣ୍ଡା, ନିତ୍ୟାନନ୍ଦ ପାତ୍ର, ନୃସିଂହ ଚରଣ ପଣ୍ଡା, ଜନାର୍ଦ୍ଦନ ଗିରି, ବସନ୍ତ ମହାପାତ୍ର, ଜିତେନ୍ଦ୍ର କୁମାର ସା, ଶିକ୍ଷକ ରବୀନ୍ଦ୍ର ସାହୁ, ତପଶ୍ରୀ ସାହୁ, ସ୍ୱାଗତିକା ରଣା, ଲକ୍ଷ୍ମୀଧର ସେଠୀ, ବିଶ୍ୱଜିତ ବେହେରା,ସନ୍ତୋଷ ମହାକୁଡ, ଅସିତ୍ ବେହେର, ପ୍ରମୋଦ ଗିରି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ମହିଳା ସ୍ୱୟଂ ସହାୟୀକା ଗୋଷ୍ଠୀର କର୍ମକର୍ତ୍ତା ପୁଷ୍ପଲତା ବାରିକଙ୍କ ସହ ସମସ୍ତ ସଦସ୍ୟ/ ସଦସ୍ୟା, ସମାଜସେବୀ ମାୟାଧର ଗିରି, ପ୍ରମୋଦ ପଣ୍ଡା, ସଚ୍ଚିଦାନନ୍ଦ ନାଏକ, ବିଶ୍ୱରଂଜନ ସାମାଡ, ଶତ୍ରୁଘ୍ନ ମୁଣ୍ଡା, ଅନାମ ଚରଣ ନାଏକ, କନିଷ୍ଠ କିରାଣୀ ଅଖିଳ ରଣା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray